# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୬ | Vol. 22 No-136 | 15 AUGUST 2025 FRIDAY BHUBANESWAR

ଶୁକ୍ରବାର, ୧୫ ଅଗଷ୍ଟ ୨୦୨୫ | ପୃଷ୍ଠା-୮+ ୮ | ମୂଲ୍ୟ: ୭.୦୦


## ସ୍ୱାଧୀନତା ଦିବସର ଶୁଭେଚ୍ଛା

୭୯ ତମ ସ୍ୱାଧୀନତା ଦିବସ ଅବସରରେ ଆମେ ଆମର ଅଗଣିତ ପାଠକ, ପାଠିକା/ ଲେଖକ,ଲେଖିକା/ ବିଜ୍ଞାପନଦାତା/ ସମ୍ବାଦଦାତା/ ଏଜେଣ୍ଟବନ୍ଧୁ/ ପୃଷ୍ଠପୋଷକ ତଥା ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଉଛୁ।

*'ଓଡ଼ିଶା ଭାସ୍କର' ପରିବାର*

## ଛୁଟି ଘୋଷଣା

ଅଗଷ୍ଟ ୧୫, ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ 'ଓଡ଼ିଶା ଭାସ୍କର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

*ପରିଚାଳକ*

## ବାଦଲଫଟା ବର୍ଷାରେ ୪୦ ମୃତ


ଶ୍ରୀନଗର,୧୪।୮: ଜାମ୍ମୁକାଶ୍ମୀରର କିସ୍ତୱାଡ ଜିଲ୍ଲାରେ ଗୁରୁବାର ବାଦଲଫଟା ବର୍ଷାରେ ୪୦ଜଣଙ୍କର ମୃତ୍ୟୁ ଘଟିଛି। ୨୨୦ରୁ ଅଧିକ ନିଖୋଜ ରହିଛନ୍ତି। ୧୨୦ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ସେନା ଓ ଏନଡିଆରଏଫ ମୁତୟନ ହୋଇଛନ୍ତି। ତେବେ ମୃତକଙ୍କ ମଧ୍ୟରେ ୨ଜଣ ଯବାନ ରହିଛନ୍ତି। ଶ୍ରଦ୍ଧାଳୁମାନେ ଏହି ସ୍ଥାନରେ ଭିଡ଼ କରିଥିବାବେଳେ ବର୍ଷା ତାଣ୍ଡବ ରଚିଥିଲା।

## ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ସମ୍ବୋଧନ

# ଅପରେସନ ସିନ୍ଦୂର ଇତିହାସରେ ଲିପିବଦ୍ଧ ହୋଇ ରହିବ



ନୂଆଦିଲ୍ଲୀ,୧୪।୮: ୭୯ତମ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଗୁରୁବାର ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ସେ ଦେଶବାସୀଙ୍କୁ ସ୍ୱାଧୀନତା ଦିବସ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଅଗଷ୍ଟ ୧୫ କେବଳ ସ୍ୱାଧୀନତାର ପର୍ବ ନୁହେଁ, ବରଂ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ। ଆମର ସମ୍ବିଧାନ ଏବଂ ଗଣତନ୍ତ୍ରକୁ ବଳି ଆଉ କିଛି ନୁହେଁ ଏବଂ ଏହା ଆମର ସବୁଠୁ ବଡ଼ ଶକ୍ତି। ସ୍ୱାଧୀନତା ପରେ ସମସ୍ତଙ୍କୁ ମତାଧିକାର ମିଳିଛି ଏବଂ ଭାରତ ଗଣତନ୍ତ୍ରର ମାର୍ଗରେ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସଫଳତା ହାସଲ କରିଛି। ରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଯେ ସେମାନଙ୍କ ବଳିଦାନ ଯୋଗୁ ଆମେ ୭୮ବର୍ଷ ପୂର୍ବେ ସ୍ୱାଧୀନତା ହାସଲ କରିଥିଲୁ। ଏହି ଅବସରରେ ସେ ଅପରେସନ ସିନ୍ଦୂର ଉପରେ ମତ ରଖି କହିଥିଲେ ଯେ ଏହି ଅଭିଯାନ ଦେଶ ଇତିହାସରେ ଆତଙ୍କବାଦ ବିରୁଦ୍ଧରେ ମାନବତା ଲଢେଇର ଏକ ଉଦାହରଣ ଭାବେ ଲିପିବଦ୍ଧ ହୋଇ ରହିବ। ଏହା ଭାରତର ପହଲଗାମ ହମଲା ଉପରେ ନିର୍ଣ୍ଣାୟକ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଥିଲା। ଏହା ପ୍ରମାଣ କରିଛି ଯେ ଆମର ସଶସ୍ତ୍ର ସେନା ରାଷ୍ଟ୍ର ରକ୍ଷାପାଇଁ ପ୍ରତିଟି ସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ। ସେ ଆହୁରି କହିଥିଲେ, ସ୍ୱାଧୀନତା ମିଳିବା ପରେ ଆମେ ଏମିତି ଏକ ଗଣତନ୍ତ୍ରର ମାର୍ଗ ଆପଣାଇଛୁ, ଯେଉଁଠି ପ୍ରତିଟି ଯୋଗ୍ୟ ନାଗରିକଙ୍କୁ ମତାଧିକାର ମିଳିଛି। ଅର୍ଥାତ ଆମେ ନିଜକୁ ନିଜ ଭବିଷ୍ୟତ ସ୍ଥିର କରିବାର ଅଧିକାର ପାଇଛୁ। ପ୍ରତିବନ୍ଧକ ସତ୍ତ୍ୱେ ଭାରତୀୟ ସଫଳତା ପୂର୍ବକ ଗଣତନ୍ତ୍ରକୁ ଆପଣାଇଛନ୍ତି। ଆମପାଇଁ ସମ୍ବିଧାନ ଓ ଗଣତନ୍ତ୍ର ସବୁଠୁ ଉପରେ ରହିଛି। ସେ କହିଥିଲେ, ସ୍ୱାଧୀନତା ମିଳିବା ପରେ ଦେଶକୁ ଶକ୍ତି ମିଳିଛି। ଆତ୍ମନିର୍ଭର ଭାରତ ଆଗକୁ ବଢ଼ିବାରେ ଲାଗିଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। ସରକାର ଅନେକ ● ପୃଷ୍ଠା ୫ ଦେଖନ୍ତୁ








ଟାଙ୍ଗୀ (ଭାସ୍କର ନ୍ୟୁଜ) : ତ୍ରିରଙ୍ଗା ଆମର ଗୌରବ, ତ୍ରିରଙ୍ଗା ଆମର ଅସ୍ମିତା, ତ୍ରିରଙ୍ଗା ଆମର ପରିଚୟ। ଆସନ୍ତୁ, ସମସ୍ତେ ଦେଶଭକ୍ତିର ଭାବନାରେ ହର ଘର ତ୍ରିରଙ୍ଗା ଅଭିଯାନରେ ଯୋଡି ହୋଇ ନିଜର ଘରେ ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ କରିବା ସହ ଜାତୀୟ ଏକତା, ସଂହତି, ଶାନ୍ତି ଓ ସାମାଜିକ ସୌହାର୍ଦ୍ଧ୍ୟର ବାର୍ତ୍ତା ବାଣ୍ଟିବା । ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ଚାନ୍ଦପୁର ମଣ୍ଡଳର ବିଜେପି କର୍ମୀଙ୍କ ସହ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ମଣ୍ଡଳ ସଭାପତି ଏବଂ ରାଜ୍ୟ ସଂଯୋଜକ ଅଭିଷେକ ସାମନ୍ତରାୟ ସାମିଲ ହୋଇଥିଲେ । ତ୍ରିରଙ୍ଗା ଆମର ଗୌରବ, ତ୍ରିରଙ୍ଗା ଆମର ଅସ୍ମିତା, ତ୍ରିରଙ୍ଗା ଆମର ପରିଚୟ । ଆସନ୍ତୁ ଆମ ରାଷ୍ଟ୍ର ପାଇଁ ସମସ୍ତେ ନିଜ ନିଜ ଘରେ ତ୍ରିରଙ୍ଗା ଉଡ଼ାଇ ଆମର ସମ୍ମାନ ଜଣାଇବା ଏବଂ ହର ଘର ତ୍ରିରଙ୍ଗା ଅଭିଯାନକୁ ସଫଳ କରିବା। ବିରାଟ ଶୋଭାଯାତ୍ରାରେ ଯୁବଗୋଷ୍ଠୀ ଜାତୀୟ ପତାକା ଧରି ନଗର ପରିକ୍ରମା କରିଥିଲେ ।











## ଶୁଭେଚ୍ଛା ବାର୍ତ୍ତା

'ଓଡ଼ିଶା ଭାସ୍କର'ର ମା' ତୁମେ ସଲାମ ଅବସରରେ ମୟୂରଭଞ୍ଜବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



**ଅରବିନ୍ଦ ଦାସ (ବାପି ବାବୁ)**

ସଂଯୋଜକ ଜିଲ୍ଲା କଂଗ୍ରେସ କମିଟି, ମୟୂରଭଞ୍ଜ









## ଶୁଭେଚ୍ଛା ବାର୍ତ୍ତା


'ଓଡ଼ିଶା ଭାସ୍କର'ର
ମା' ତୁମେ ସଲାମ ଅବସରରେ
ମାଲକାନଗିରିବାସୀଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ।

ଅଧିକ୍ଷଣ ଯନ୍ତ୍ରୀ,
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ,
ମାଲକାନଗିରି ।










## ଶୁଭେଚ୍ଛା ବାର୍ତ୍ତା

'ଓଡ଼ିଶା ଭାସ୍କର'ର ମା' ତୁମେ ସଲାମ ଅବସରରେ ସୁନାବେଡାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



**ଶିଶିର କୁମାର ବିଶ୍ୱାଳ**

ନୋଟାରୀ ଓ ଆଇନଜୀବୀ, ସୁନାବେଡା

# ଓଡ଼ିଶା ଭାସ୍କର

ODISHA BHASKAR — ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୬ | Vol. 22 No-136 | 15 AUGUST 2025 FRIDAY, BHUBANESWAR | ଶୁକ୍ରବାର, ୧୫ ଅଗଷ୍ଟ ୨୦୨୫ | ପୃଷ୍ଠା-୮ + ୮ | ମୂଲ୍ୟ: ୭.୦୦


79 Azadi Ka Amrit Mahotsav

## 16TH YEAR OF CELEBRATION

# MAA TUJHE SALAAM

# ମା' ତୁଝେ ସଲାମ୍

## IN THE MEMORY OF MARTYRS

An initiative by:

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

अमर जवान

**VENUE**
SWOSTI PREMIUM
BHUBANESWAR
10:00 A.M ONWARDS

**WATCH LIVE ON**
/ODISHABHASKAR
15-08-2025
10:00 A.M ONWARDS
www.odishabhaskar.com
www.odishabhaskar.in

ଓଡ଼ିଶା ଭାସ୍କର LIVE
NO. 1 DIGITAL PLATFORM

ଓଡ଼ିଶା ଭାସ୍କର
ODISHA BHASKAR
NEWS PAPER WITH PASSION

Saugandh TV
वतन की
NATIONAL DIGITAL MEDIA


Supported by:

FALCON REAL ESTATE | KCC | MGM | evos SPREADING LOVE | STALWART | Coal India | MCL | AM/NS INDIA ArcelorMittal Nippon Steel India

KHIMJI JEWELLERS SINCE 1936 | JINDAL STEEL & POWER | MEGA BUILDERS Redefining Lives.. | S.R. RUNGTA GROUP | BHARAT MASALA AN ISO 9001 : 2008 & HACCP CERTIFIED COMPANY | SASWAT INFRA | KIIT

SNM GROUP | vedanta transforming for good | Vikash Group of Institutions Bhubaneswar | HI-TECH MEDICAL COLLEGE & HOSPITAL | Swomen Agarbati | Armaan TSG EMBRACE THE PRESENCE | SAI SHRADHA SMILE DENTAL CARE


SUBHAM SERVICE INTERNATIONAL India's Premier Service Leader | METRO GROUP Driven By More | TPNODL ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା | TATA STEEL #WeAlsoMakeTomorrow | ASSOTECH NEXT GENERATION SPACES | PRACHEEN KALA KENDRA Estd. 1956

LIFE STYLE PROPERTIES PVT. LTD. | Ambruta Pyaas Zaroori Hai | SERAJUDDIN Responsible Mining | यूनियन बैंक Union Bank of India | BGU BIRLA GLOBAL UNIVERSITY

केनरा बैंक Canara Bank Together We Can | JSW Better Everyday | PPL Paradeep Phosphates | SBI The banker to every indian | UTKAL HOSPITAL

SUSHRUTA HOSPITAL & TRAUMA CARE PVT. LTD. | ORO INFRA Purity like Ornaments | idco Your power to grow ISO 9001 & 14001 Corporation | ODISHA NEW OPPORTUNITIES | PATRA ELECTRONICS | Shree Jagannath Udyog SJUPL | ADITYA BIRLA UTKAL ALUMINA

JSL JINDAL STAINLESS | ocac Odisha Computer Application Centre | imfa | ASHWINI GROUP OF HOSPITALS | Outdoor Partner Ajanta ADVERTISERS Leading Out-Of-Home Media Owners | Internet Partner WEFE Internet



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"

- ମହାତ୍ମା ଗାନ୍ଧୀ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍. ଆମ୍ବେଦକର





## ବିକଶିତ ଭାରତର ସଂକଳ୍ପ

# 'ମା' ତୁଝେ ସଲାମ୍'

ଆମର ପ୍ରିୟ ଜନ୍ମଭୂମି ଭାରତ ଦୀର୍ଘ ଦୁଇଶହ ବର୍ଷର ବିଦେଶୀ ଶାସନକୁ ହଟାଇ ଏକ ସ୍ୱାଧୀନ ରାଷ୍ଟ୍ର ରୂପେ ମୁଣ୍ଡ ଟେକିବାର ୭୮ବର୍ଷ ପୂରି ଯାଇଛି। ଆଜି ୭୯ ବର୍ଷରେ ପାଦ ଥାପିଛି ସ୍ୱାଧୀନ ଭାରତ। ୧୯୪୭ ଅଗଷ୍ଟ ୧୫ ତାରିଖର ସେହି ସ୍ମରଣୀୟ ମୁହୂର୍ତ୍ତ। ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ପ୍ରାଚୀର ଉପରେ ପ୍ରଥମ କରି ଉତ୍ତୋଳିତ ହୋଇଥିଲା ସ୍ୱାଧୀନ ଭାରତର ତ୍ରିରଙ୍ଗା ଧ୍ୱଜା, ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନର ଘଟିଥିଲା ଅନ୍ତ। ସାରା ଦେଶ ସେଦିନ ହୋଇ ଉଠିଥିଲା ଉତ୍ସବମୁଖର। ହିମାଳୟ ଠାରୁ କନ୍ୟା କୁମାରୀ ପର୍ଯ୍ୟନ୍ତ ଆବାଳ ବୃଦ୍ଧ ବନିତା ଆତସବାଜି ଫୁଟାଇ ସ୍ୱାଧୀନତାର ନୂତନ ସୂର୍ଯ୍ୟକୁ ସ୍ୱାଗତ ଜଣାଇଥିଲେ। ଆଜି ପବିତ୍ର ସ୍ୱାଧୀନତା ଦିବସରେ ମୁକ୍ତି ସଂଗ୍ରାମର ମହାନାୟକ ସତ୍ୟ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ମହାନ ଦେଶଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଜବାହରଲାଲ ନେହରୁ, ରାଜେନ୍ଦ୍ର ପ୍ରସାଦ, ରାଜଗୋପାଳ ଆଚାରୀ, ସରୋଜିନୀ ନାଇଡୁ, ମୌଲାନା ଆଜାଦ ଏବଂ ଭୀମରାଓ ଆମ୍ବେଦକରଙ୍କ ପର୍ଯ୍ୟନ୍ତ ଅଗଣିତ ସଂଗ୍ରାମୀଙ୍କ ତ୍ୟାଗ, ସାଧନା ଓ ବୀରତ୍ୱକୁ ଆମେ ସ୍ମରଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଭକ୍ତିଭୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ମହାତ୍ମାଜୀଙ୍କ ଅହିଂସା ଅସହଯୋଗ ଆନ୍ଦୋଳନ ସାଙ୍ଗକୁ ବହୁ ଦେଶଭକ୍ତ ତରୁଣ ସଶସ୍ତ୍ର ସଂଗ୍ରାମ ଓ ହିଂସାତ୍ମକ ପନ୍ଥାର ଆଶ୍ରୟ ନେଇ ବ୍ରିଟିଶ୍ ଶାସନକୁ ହଟାଇବା ପାଇଁ ଅଣ୍ଟା ଭିଡ଼ିଥିଲେ। ସେମାନଙ୍କ ମଧ୍ୟରୁ କେହି କେହି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଥିଲେ ତ ଅନ୍ୟ କେହି ବ୍ରିଟିଶ ସେନା ସହ ଲଢ଼େଇ କରି ଟଳି ପଡ଼ିଥିଲେ। ଏହି ଅବସରରେ ସହିଦ ଭଗତ ସିଂହ, ରାଜଗୁରୁ, ସୁକଦେବ, ଚନ୍ଦ୍ରଶେଖର ଆଜାଦ୍, ଖୁଦିରାମ, ବାଘା ଯତୀନଙ୍କ ଭଳି ବୀରଯୋଦ୍ଧାଙ୍କୁ କୃତଜ୍ଞ ରାଷ୍ଟ୍ର ସ୍ମରଣ କରୁଛି। ବିଶ୍ୱର ଅନେକ ଦେଶରେ ଆଜି ଗଣତନ୍ତ୍ର ଓ ସ୍ୱାଧୀନତା ବିପନ୍ନ ହୋଇଥିବା ବେଳେ ସ୍ୱାଧୀନ ଭାରତ କେବଳ ସୁଦୃଢ଼ ଓ ଶକ୍ତିଶାଳୀ ହୋଇନାହିଁ, ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ଦୁର୍ବାର ସଂକଳ୍ପ ନେଇ ଆଗେଇ ଚାଲିଛି। କେତେକ ପଡ଼ୋଶୀ ଦେଶର ଶତ୍ରୁତାପୂର୍ଣ୍ଣ ଆଚରଣ ସତ୍ତ୍ୱେ ଭାରତ ସାରା ଦୁନିଆକୁ ଶାନ୍ତି ଓ ସହାବସ୍ଥାନର ମନ୍ତ୍ର ଶୁଣାଇ ଆସିଛି। ଭାରତର ସୀମାନ୍ତରେ ଖରା, ବର୍ଷା, ଶୀତ କାକରକୁ ତିଳେମାତ୍ର ଭୃକ୍ଷେପ ନକରି ଯେଉଁ ବୀର ଯବାନମାନେ ଦିନରାତି ଦେଶର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା ନିମନ୍ତେ ଜାଗ୍ରତ ପ୍ରହରୀ ସାଜି କାର୍ଯ୍ୟ କରୁଛନ୍ତି, ସେମାନେ ସମସ୍ତେ ଆମର ନମସ୍ୟ। ଶତ୍ରୁପକ୍ଷର ବିଶ୍ୱାସଘାତୀ ଆକ୍ରମଣରେ ସେମାନଙ୍କ ମଧ୍ୟରୁ ଅନେକ ବୀର ସନ୍ତାନ ଦେଶ ପାଇଁ ପ୍ରାଣବଳୀ ଦେଉଛନ୍ତି। ସେହି ସହିଦ ଯବାନଙ୍କୁ ସ୍ୱାଧୀନତା ଦିବସରେ ସ୍ମରଣ କରିବା ସହିତ ସେମାନଙ୍କୁ ଆତ୍ମୋତ୍ସର୍ଗକୁ ସମ୍ମାନ ଜଣାଇବାକୁ ପଡ଼ିବ। ଦେଶ ଭିତରେ ଓ ସୀମାନ୍ତରେ ଦାୟିତ୍ୱ ସମ୍ପାଦନ ସମୟରେ ଶତ୍ରୁ ପକ୍ଷର ଆକ୍ରମଣରେ ଟଳି ପଡ଼ିଥିବା ଅମର ସହିଦଙ୍କ ଅମ୍ଳାନ ସ୍ମୃତିକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ 'ଓଡ଼ିଶା ଭାସ୍କର' ପ୍ରତିବର୍ଷ ସ୍ୱାଧୀନତା ଦିବସରେ ପାଳନ କରୁଛି ଏକ ନିଆରା ଦେଶାତ୍ମବୋଧକ କାର୍ଯ୍ୟକ୍ରମ 'ମା' ତୁଝେ ସଲାମ୍'। ସେହି ବୀର ସହିଦଙ୍କ ପରିବାର ସଦସ୍ୟଙ୍କୁ ରାଜଧାନୀକୁ ଆମନ୍ତ୍ରଣ କରି ଆଣି ସେମାନଙ୍କ ଅବଦାନକୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ଯତ୍ କିଞ୍ଚିତ୍ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି 'ଓଡ଼ିଶା ଭାସ୍କର' ପରିବାରର ଏହା ଏକ ନମ୍ର ପ୍ରୟାସ। ଆଜିର ମନ୍ତ୍ର ହେଉଛି, ଭାରତର ସ୍ୱାଧୀନତା ଦୀର୍ଘଜୀବୀ ହେଉ- 'ଝଣ୍ଡା ଉଞ୍ଚା ରହେ ହମାରା'।

# ସ୍ୱାଧୀନତା ପ୍ରାପ୍ତି ବେଳେ ଗାନ୍ଧୀ ଥିଲେ କେଉଁଠି ?



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

୧୯୪୭ ଅଗଷ୍ଟ ୧୪-୧୫ ମଧ୍ୟରାତ୍ରିରେ ବ୍ରିଟିଶ୍ ଶାସନର ଅବସାନ ଘଟାଇ ଭାରତ ସ୍ୱାଧୀନ ହେଲା। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ, ଲକ୍ଷାଧିକ ସଂଗ୍ରାମୀଙ୍କ କାରାବରଣ ଓ ନିର୍ଯାତନାର ପୃଷ୍ଠଭୂମିରେ ଆସିଲା ସ୍ୱାଧୀନତା। ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ନିରବଚ୍ଛିନ୍ନ ସତ୍ୟାଗ୍ରହ ସଂଗ୍ରାମର ଫଳସ୍ୱରୂପ ଆସିଲା ଏହି କଷ୍ଟଲବ୍ଧ ସ୍ୱାଧୀନତା। ତେବେ ସ୍ୱାଧୀନତା ପ୍ରାପ୍ତିର ବିରଳ ମୁହୂର୍ତ୍ତରେ ଏହାର ମୁଖ୍ୟ ବିନ୍ଧାଣୀ ଗାନ୍ଧୀଜୀ ଥିଲେ କେଉଁଠି, କରୁଥିଲେ କ'ଣ, କେମିତି ଥିଲା ତାଙ୍କ ମାନସିକ ଅବସ୍ଥା ?

ସେହି ମଧ୍ୟରାତ୍ରିରେ ରାଜେନ୍ଦ୍ର ପ୍ରସାଦଙ୍କ ସଭାପତିତ୍ୱରେ ବସିଥିଲା ସମ୍ବିଧାନ ପ୍ରଣୟନ ସଭାର ଏକ ସ୍ୱତନ୍ତ୍ର ଅଧିବେଶନ। ଘଣ୍ଟାରେ ଠିକ୍ ୧୨ଟା ବାଜିବା ବେଳକୁ ଜଣେ ସଦସ୍ୟ ଶଙ୍ଖ ଧ୍ୱନି କରି ସୂଚାଇଦେଲେ ସ୍ୱାଧୀନତାର ଶୁଭ ମୁହୂର୍ତ୍ତକୁ। ରାଜେନ୍ଦ୍ର ପ୍ରସାଦ ଘୋଷଣା କଲେ, 'ଭାରତର ଶାସନ କ୍ଷମତା ଏହି ମୁହୂର୍ତ୍ତରୁ ସମ୍ବିଧାନ ପ୍ରଣୟନ ସଭା ଗ୍ରହଣ କରୁଛି ଓ ଭାଇସରାୟ ଏଣିକି ହେବେ ସ୍ୱାଧୀନ ଭାରତର ଗଭର୍ଣ୍ଣର ଜେନେରାଲ।' ସେ ପୁଣି ମନେ ପକାଇଦେଲେ ଯେ ଏହି ସମ୍ବିଧାନ ପାଇଁ ଅନେକ ବଳିଦାନ ଦେଇଛନ୍ତି, ବହୁ ସଂଗ୍ରାମୀ ହସିହସି ଜେଲ୍ ଯାଇଛନ୍ତି ଏବଂ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱ ଓ ତ୍ୟାଗ ଏ ପରିପ୍ରେକ୍ଷୀରେ ଅନନ୍ୟ।

ପଣ୍ଡିତ ଜବାହରଲାଲ ନେହରୁଙ୍କୁ ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥପାଠ କରାଇଲେ ମାଉଣ୍ଟବ୍ୟାଟେନ। ନେହରୁ ତାଙ୍କ ଉଦ୍‌ବୋଧନରେ କହିଲେ, 'ଏବେ ସମଗ୍ର ବିଶ୍ୱ ଶୋଇଥିବା ବେଳେ ଭାରତ ସ୍ୱାଧୀନତା ହାସଲ କରି ଚେଇଁ ଉଠିଛି। ଏମିତି ସମୟ କ୍ୱଚିତ୍ ଆସେ, ଯେତେବେଳେ ଆମେ ପୁରୁଣାରୁ ନୂଆକୁ ଆଦରି ନେଇ ଓ ନିର୍ଦ୍ଦିଷ୍ଟ ସମୟ ଶେଷରେ ବର୍ଷ ବର୍ଷ ଧରି ଶୋଷିତ ହେଉଥିବା ଗୋଟାଏ ଜାତିର ଆତ୍ମା କଥା କୁହେ। ଭାରତବର୍ଷ ତଥା ମଣିଷ ଜାତିର ସେବା ପାଇଁ ସମର୍ପଣ କରିଦେବାର ଏହା ହିଁ ହେଉଛି ପବିତ୍ର ସମୟ.............. ଆମ ପାଇଁ ଶପଥ ନେବାର ଏବେ ସମୟ ଆସିଛି। ବହୁ ବର୍ଷ ତଳେ ଭାଗ୍ୟ ସହ ଆମର ଅନୁବନ୍ଧନ ଥିଲା। ନିୟତି ସହ ଆମେ ସଂକଳ୍ପ କରିଥିଲୁ। ଏବେ ଭାରତ ପରି ଏକ ପ୍ରାଚୀନ ରାଷ୍ଟ୍ର ବିଶ୍ୱରେ ତା'ର ଠିକଣା ସ୍ଥାନ ପାଇଛି।' ମାଉଣ୍ଟବ୍ୟାଟେନ୍ ସମ୍ବିଧାନ ପ୍ରଣୟନ ସଭାରେ ଭାବବିହ୍ୱଳ ହୋଇ କହିଲେ, 'ସ୍ୱାଧୀନ ଭାରତର ଗଭର୍ଣ୍ଣର ଜେନେରାଲ ହୋଇ ମୁଁ ଗର୍ବିତ। ଆପଣମାନଙ୍କର ମୁଁ ଜଣେ ସେବକ ମାତ୍ର। ଏମିତି ଏକ ଐତିହାସିକ ମୁହୂର୍ତ୍ତରେ ଆମେ ସବୁ ଭୁଲିଯିବା ଉଚିତ୍ ନୁହେଁ ଯେଉଁ ସ୍ୱାଧୀନତା ମିଳିଛି ତାହା ଗାନ୍ଧୀଜୀଙ୍କ ପାଇଁ ଆସିଛି। ଗାନ୍ଧୀଜୀଙ୍କ ଅହିଂସା ଲାଗି ଏ ସ୍ୱାଧୀନତା ମିଳିଛି। କିନ୍ତୁ ଆମେ ଦୁଃଖିତ ଯେ ଏହି ଉତ୍ସବରେ ଅଂଶଗ୍ରହଣ କରିବାକୁ ଗାନ୍ଧୀଜୀ ଏଠାରେ ନାହାନ୍ତି। ଆମେ ତାଙ୍କୁ ଜଣାଇ ଦେବାକୁ ଚାହୁଁଛୁ ଯେ ଆମ ମନରେ ଗାନ୍ଧୀଜୀ ସବୁବେଳେ ଅଛନ୍ତି ଓ ରହିବେ।' ମାଉଣ୍ଟବ୍ୟାଟେନ୍ ଗାନ୍ଧୀଜୀଙ୍କ ନାମ ଉଚ୍ଚାରଣ କରିବା ମାତ୍ରେ ସମ୍ବିଧାନ ପ୍ରଣୟନ ସଭାର ସମସ୍ତ ସଦସ୍ୟ ଟେବୁଲ ବାଡେଇ, କରତାଳି ଦେଇ ଓ କେତେକ ଛିଡ଼ା ହୋଇ ଗାନ୍ଧୀଜୀଙ୍କ ପ୍ରତି ସେମାନଙ୍କ ସମ୍ମାନ ଜଣାଇଥିଲେ।

ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସ୍ୱାଧୀନତାର ଲହର ଚାଲିଥିବା ବେଳେ ଗାନ୍ଧୀଜୀ କିନ୍ତୁ ଥିଲେ କେଉଁଠି ? ଦିଲ୍ଲୀଠାରୁ ଢେର୍ ଦୂର ରକ୍ତସ୍ନାତ କଲିକତା ମହାନଗରୀର ବେଲିଆଘାଟ ଅଞ୍ଚଳରେ ଦଙ୍ଗା ବିଧ୍ୱସ୍ତ ଏକ ପରିତ୍ୟକ୍ତ ଭଙ୍ଗା ଘରେ ଗଭୀର ମନସ୍ତାପରେ ଉପବାସ ଓ ମୌନତା ଭିତରେ ସେ କାଟିଥିଲେ ବିନିଦ୍ର ରଜନୀ। ବିଷାଦ ଭିତରେ ସେ କେବଳ ପଢୁଥିଲେ ଗୀତା ଓ କାଟୁଥିଲେ ଚରଖାରେ ସୂତା।

ଫିରିଙ୍ଗି ଶାସନ କବଳରୁ ଆମେ ମୁକ୍ତ ହେଲୁ ସତ, ହେଲେ ଗାନ୍ଧୀଜୀଙ୍କ ଇଚ୍ଛା ବିରୁଦ୍ଧରେ ଦେଶ ବିଭାଜନ ହେଲା। ଇଂରେଜମାନଙ୍କ କୂଟନୀତିର ଫାଶରେ ଫସିଗଲେ କଂଗ୍ରେସ, ମୁସଲିମ୍ ଲିଗ୍, ହିନ୍ଦୁ ମହାସଭା ଆଦିର ନେତାମାନେ। ତେଣୁ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ସାମ୍ପ୍ରଦାୟିକ ଦଙ୍ଗାର ଭୟଙ୍କର ସ୍ଥିତିକୁ ସାମ୍ନା କରିବାକୁ ପଡ଼ିଲା ଅବିଭକ୍ତ ଭାରତବାସୀଙ୍କୁ। ଏ ଘା' ଏବେ ବି ଶୁଖୁନାହିଁ। ଏ ପରିପ୍ରେକ୍ଷୀରେ ଗାନ୍ଧୀଜୀ ଖୁସି ମନାନ୍ତେ କେମିତି ? ଗାନ୍ଧୀ ଅଗଷ୍ଟ ୧୩ ଉପରବେଳା ଠାରୁ ସୋଦପୁର ଆଶ୍ରମରୁ ଯାଇ ରହିଥିଲେ ବେଲିଆଘାଟର ହାଇଦରୀ ଭବନରେ। ସାମ୍ପ୍ରଦାୟିକ ଦଙ୍ଗାରେ ଏହି ଘରର ଝରକା, କବାଟ ସବୁ ଭାଙ୍ଗି ଯାଇଥିଲା। ରାତିର ଅନ୍ଧାର ସମୟରେ ବ୍ୟବହାର ପାଇଁ ଥିଲା କିରୋସିନି ଲଣ୍ଠନଟିଏ। ଏକଦମ୍ ସନ୍ତସନ୍ତିଆ ଓ ଅସ୍ୱାସ୍ଥ୍ୟକର ପରିବେଶ। ପରସ୍ପରର ମୁହାଁମୁହିଁ ଅବସ୍ଥାରେ ଥିବା ସେ ଅଞ୍ଚଳର ଉଭୟ ହିନ୍ଦୁ ଓ ମୁସଲମାନ ଗୋଷ୍ଠୀ ବି ଗାନ୍ଧୀଙ୍କୁ ବିରୋଧ କରୁଥାନ୍ତି। ଏମିତିକି ତାଙ୍କ ଉଦ୍ଦେଶ୍ୟରେ ଟେକା, ପଥର, ଲାଠି ଆଦି ଫିଙ୍ଗା ଯାଉଥାଏ। କିନ୍ତୁ ସତ୍ୟାଗ୍ରହୀ ଗାନ୍ଧୀ ଏହାର ସାମ୍ନା କରୁଥାନ୍ତି। ଦଙ୍ଗା ପାଇଁ ସେଠାରେ ଜମିଥିବା କିଛି ଯୁବକଙ୍କୁ ଆହ୍ୱାନ ଦେଇ ଗାନ୍ଧୀ କହିଲେ, 'ମୋର ଯଦି ହତ୍ୟା ହେବ ତାହା ଆପଣମାନଙ୍କ ଭିତରୁ କିଏ ଜଣେ କରିବ। ମୋର ମୃତ୍ୟୁକୁ ଭୟ ନାହିଁ। ବୁଢ଼ା ତ ହେଲିଣି, ଆଉ ବା କେତେ ଦିନ ବଞ୍ଚିବି ? ତୁମେମାନେ ମୋତେ ବଳ ପ୍ରୟୋଗ କରି ଏଠାରୁ ହଟାଇପାରିବ ନାହିଁ କିମ୍ବା ତୁମମାନଙ୍କୁ ଜବତ କରିବା ପାଇଁ ପୋଲିସ କି ସେନା ବାହିନୀକୁ ମୁଁ ବି ଏଠାକୁ ଡାକିବି ନାହିଁ। ମୁଁ ମଧ୍ୟ ତମମାନଙ୍କ ପରି ଜଣେ ହିନ୍ଦୁ। କେବଳ ଜନ୍ମରେ ହିନ୍ଦୁ ନୁହେଁ, ଆଚାର ବ୍ୟବହାରରେ ମଧ୍ୟ ମୁଁ ଜଣେ ହିନ୍ଦୁ।' ଗାନ୍ଧୀଜୀଙ୍କ ଏଇ କେତେ ପଦ ପ୍ରେରଣାଦାୟୀ ଓ ମର୍ମସ୍ପର୍ଶୀ କଥା ଦଙ୍ଗା ପାଇଁ ଜମିଥିବା ଯୁବକମାନଙ୍କୁ ଶାନ୍ତ କରିଦେଲା।

**ଗାନ୍ଧୀ ବିଚାର**

ସ୍ୱାଧୀନତା ସହିତ ଦେଶ ବିଭାଜନ କାରଣରୁ ଗାନ୍ଧୀଜୀ ଚିନ୍ତାରେ ଥିଲେ। ଯେଉଁଭଳି ଭାବରେ ଭାରତ ଓ ପାକିସ୍ତାନର ନେତା ଏବଂ ଜନତା ଆଚରଣ କରୁଛନ୍ତି ତାହା ପୃଥକ ହୋଇଯାଇଥିବା ଦୁଇ ଦେଶ ପାଇଁ ଶୁଭଙ୍କର ନୁହେଁ ଏବଂ ଏହି ଘୃଣା ଓ ହିଂସା ଯୋଗୁ ଦୁଇଦେଶ ମଧ୍ୟରେ ଶତ୍ରୁତା ବୃଦ୍ଧି ପାଇ ବାରମ୍ବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଯୁଦ୍ଧ ହୋଇ ବ୍ୟାପକ ଅଶାନ୍ତି ଓ କ୍ଷତି ଘଟିବ ବୋଲି ସେତେବେଳୁ ସେ ସତର୍କ କରୁଥିଲେ। ଏମିତିକି ଯେଉଁ ସ୍ୱାଧୀନତା ପାଇଁ ଦେଶବାସୀ ଦୀର୍ଘ ଲଢ଼େଇ ଲଢ଼ିଥିଲେ ତାହା ୧୯୪୭ ଅଗଷ୍ଟ ୧୫ରେ ଆସୁନାହିଁ ବୋଲି ପୂର୍ବରୁ ଚେତାଇ ଦେଇ ଏଥିଲାଗି ପୁଣି ଲମ୍ବା ଲଢ଼େଇ ଲାଗି ପ୍ରସ୍ତୁତ ହେବାକୁ ସେ ଦେଶବାସୀଙ୍କୁ ନିବେଦନ କରିଥିଲେ। ତେବେ ଅଗଷ୍ଟ ୧୫ ତାରିଖରେ ଗାନ୍ଧୀଙ୍କ ସମ୍ମାନାର୍ଥେ କଲିକତା ମହାନଗରୀରେ ହିନ୍ଦୁ-ମୁସଲମାନ କାନ୍ଧରେ କାନ୍ଧ ମିଳାଇ ଅନେକ ସ୍ଥାନରେ ଶାନ୍ତି ଶୋଭାଯାତ୍ରାମାନ କାଢ଼ିଥିଲେ। କେଉଁଠି ବନ୍ଦେ ମାତରମ୍ ତ ଆଉ କେଉଁଠି ସାରେ ଜହାଁ ସେ ଅଚ୍ଛା, ସ୍ଥାନେ ସ୍ଥାନେ ବି ଯଦି ତୋର୍ ଡାକ୍ ସୁନେ କେଉ ନ ଆସେ ତବେ ଏକ୍‌ଲା ଚଲୋରେ ଆଦି ସଙ୍ଗୀତର ଧ୍ୱନିରେ ଗଗନ ପବନ ମୁଖରିତ ହେଉଥିଲା। ଉଭୟ ସମ୍ପ୍ରଦାୟର ଲୋକଙ୍କୁ ସାଙ୍ଗରେ ଧରି ବିନା ନିରାପତ୍ତାରକ୍ଷୀରେ ଗାନ୍ଧୀଜୀ ପରିକ୍ରମା କରୁଥିଲେ କଲିକତା ମହାନଗରୀରେ। ସେଦିନ ବଙ୍ଗଳାର ରାଜ୍ୟପାଳ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଓ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘୋଷଙ୍କ ସମେତ ସମସ୍ତ ମନ୍ତ୍ରୀ ଓ ବିଭିନ୍ନ ବର୍ଗର ଲୋକେ ଗାନ୍ଧୀଜୀଙ୍କୁ ଭେଟି ସ୍ୱାଧୀନତାର ବଧେଇ ଜଣାଉଥିଲେ। କିନ୍ତୁ ଗାନ୍ଧୀ ଥିଲେ ବିମର୍ଷ। ସେତେବେଳକୁ ରାଜଧାନୀ ଦିଲ୍ଲୀ ସମେତ ପଶ୍ଚିମ ସୀମାନ୍ତରେ ସାମ୍ପ୍ରଦାୟିକ ଦଙ୍ଗାର ତାଣ୍ଡବଲୀଳା ଚାଲିଥାଏ। କିନ୍ତୁ ମୋହନ ଦାସଙ୍କ ମୋହିନୀ ଶକ୍ତି କଲିକତାକୁ କରିଦେଇଥାଏ ଶାନ୍ତ। ଏ ପରିପ୍ରେକ୍ଷୀରେ ବଙ୍ଗଳାର ରାଜ୍ୟପାଳ ରାଜାଜୀ ୧୯୪୭ ସେପ୍ଟେମ୍ବର ୬ ତାରିଖର ଷ୍ଟେଟ୍‌ସମ୍ୟାନ କାଗଜରେ ଲେଖିଲେ, 'ଗାନ୍ଧୀଜୀଙ୍କ ଦ୍ୱାରା ଅନେକ ସାଫଲ୍ୟ ସମ୍ଭବ ହୋଇଛି। କିନ୍ତୁ ମୋ ବିଚାରରେ କଲିକତାକୁ ଗ୍ରାସିଥିବା ସାମ୍ପ୍ରଦାୟିକ ରାକ୍ଷସ କବଳରୁ ଏ ସହରକୁ ମୁକ୍ତ କରିବା ତାଙ୍କର ସର୍ବୋତ୍ତମ ସାଫଲ୍ୟ। ଏପରିକି ଏହାକୁ ମୁଁ ଦେଶର ସ୍ୱାଧୀନତା ଠାରୁ ବଡ଼ ମନେକରେ।' ଲର୍ଡ ମାଉଣ୍ଟବ୍ୟାଟେନ୍ ଲେଖିଲେ ଯେ ଭାରତର ପଶ୍ଚିମ ସୀମାନ୍ତ ପଞ୍ଜାବରେ ସରକାରଙ୍କର ୫୫ ହଜାର ସୈନିକ ଶାନ୍ତି ପାଇଁ ମୁତୟନ ଥିଲେ ବି ସେଠାରେ ହାଣ କାଟ ଚାଲିଛି। କିନ୍ତୁ ବଙ୍ଗଳାରେ ଗାନ୍ଧୀଜୀ ଏକକ ସୀମାନ୍ତ ରକ୍ଷୀ ସୈନିକ ଭାବେ ସମ୍ପୂର୍ଣ୍ଣ ଶାନ୍ତି ରକ୍ଷା କରିଛନ୍ତି। ସେଠାରେ ଦଙ୍ଗା ନାହିଁ।

ଅବଶ୍ୟ ଅଶାନ୍ତ ବଙ୍ଗକୁ ଶାନ୍ତ କରିବା ପାଇଁ ଗାନ୍ଧୀଜୀଙ୍କୁ ଜୀବନପଣ କରିବାକୁ ପଡ଼ିଥିଲା। ଯେଉଁମାନେ ପରସ୍ପରର ରକ୍ତରେ ସ୍ନାନ କରିବା ପାଇଁ ଉଦ୍ୟତ ଥିଲେ ସେମାନେ ଗାନ୍ଧୀଙ୍କ ନିକଟରେ ତରବାରୀ ସମର୍ପଣ କରିଦେଇ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଓ ଭାଇଚାରାର ବାର୍ତ୍ତା ବାଣ୍ଟିଲେ। କଲିକତା ଶାନ୍ତ ହେବା ପରେ ଗାନ୍ଧୀଜୀ ଦିଲ୍ଲୀ ଫେରିଲେ। ସେଠି ବି ଦଙ୍ଗା କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟିବା ସହ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଜୀବନକୁ ବାଜି ଲଗାଇ ଦେଲେ। ଏଭଳି ଜଣେ ଅଦ୍ଭୁତ ମହାତ୍ମାଙ୍କ ଚିନ୍ତା, କାମ ଓ କଥା ଦେଖି ସମଗ୍ର ବିଶ୍ୱ ବିସ୍ମିତ ହେଲା। ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ତ ପୂର୍ବରୁ କହିସାରିଥିଲେ ଯେ ହୁଏତ ଭବିଷ୍ୟତର ବଂଶଧରମାନେ ବିଶ୍ୱାସ କରିବେ ନାହିଁ ଯେ ରକ୍ତ ମାଂସର ଶରୀର ଧରି ଗାନ୍ଧୀଜୀଙ୍କ ଭଳି ଜଣେ ମଣିଷ ଏ ଧରାପୃଷ୍ଠରେ ବିଚରଣ କରୁଥିଲେ। ଦେଶ ବିଭାଜନ, ଦଙ୍ଗା ଏବଂ ବିଶେଷ କରି ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଶତ୍ରୁତା ଘେନି ଗାନ୍ଧୀଜୀଙ୍କର ସମାଧାନର ସୂତ୍ରକୁ ଦୁଇଟିଯାକ ଦେଶର ନେତା ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ। କ୍ଷମତା ନିଶାରେ ସେମାନେ ଏକ ପ୍ରକାର ଅନ୍ଧ ହୋଇଯାଇଥିଲେ। ଗାନ୍ଧୀଜୀଙ୍କ ସେତେବେଳର ସୂତ୍ର ଗ୍ରହଣ କରାଯାଇଥିଲେ ହୁଏତ ସ୍ୱାଧୀନତାର ୭୮ବର୍ଷ ମଧ୍ୟରେ ଭାରତ-ପାକିସ୍ତାନ ମଧ୍ୟରେ ବାରମ୍ବାର ଯୁଦ୍ଧ ହେଉନଥାନ୍ତା, ସୀମାନ୍ତରେ ସେନା ଛାଉଣୀ ନ ଥାନ୍ତା, ସନ୍ତ୍ରାସବାଦୀ ଆତଙ୍କ ନ ଥାନ୍ତା କି ଉଭୟ ଦେଶର ଲକ୍ଷଲକ୍ଷ କୋଟି ଟଙ୍କା ବରବାଦ ହେଉନଥାନ୍ତା।

ନେହରୁ ଓ ଅନ୍ୟ ନେତାମାନେ ଚାହୁଁଥିଲେ କ୍ଷମତା ହସ୍ତାନ୍ତର ବେଳେ ସ୍ୱାଧୀନତାର ଗଣପର୍ବରେ ଗାନ୍ଧୀଜୀ ସାମିଲ ହୁଅନ୍ତୁ ଦିଲ୍ଲୀରେ। ଏଥିଲାଗି ତାଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲା। ସ୍ୱତନ୍ତ୍ର ବିମାନ ପ୍ରସ୍ତୁତ ଥିଲା, ଗାନ୍ଧୀଜୀ ସବୁଜ ସଙ୍କେତ ଦେଇଥିଲେ ତାଙ୍କୁ ତୁରନ୍ତ ଦିଲ୍ଲୀ ନିଆଯାଇଥାନ୍ତା। ଏଠାରେ ଉଲ୍ଲେଖନୀୟ ଯେ ଗାନ୍ଧୀଜୀ କେବେ ତାଙ୍କ ଜୀବନକାଳ ମଧ୍ୟରେ ଉଡ଼ାଜାହାଜରେ ଯାତ୍ରା କରିନଥିଲେ। ଦେଶ ଏମୁଣ୍ଡରୁ ସେମୁଣ୍ଡ ସେ ତୃତୀୟ ଶ୍ରେଣୀର ରେଳଡବାରେ ଯାତ୍ରା କରୁଥିଲେ। ବିଭିନ୍ନ ସ୍ଥାନରେ ବି ଶହଶହ କିଲୋମିଟର ପଦଯାତ୍ରା କରୁଥିଲେ। ଗାନ୍ଧୀଜୀଙ୍କୁ ମନାଇବାକୁ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ନେହରୁ ପଠାଇଥିଲେ। ସେ ବେଲିଆଘାଟରେ ଗାନ୍ଧୀଙ୍କୁ ଭେଟି ନେହେରୁଙ୍କ ସନ୍ଦେଶ ଦେଲେ। ନୀରବ ଗାନ୍ଧୀ କିଛି ଉତ୍ତର ନ ଦେଇ ଉଠି ଚାଲିଗଲେଏକ ଗଛ ମୂଳକୁ। ସେଠି ଶୂନ୍ୟ ଆକାଶକୁ ଚାହିଁ ମାଟି ଉପରେ ବସି ପଡ଼ିଲେ। ତାଙ୍କ ଆଖିରୁ ଝରୁଥାଏ ଟୋପା ଟୋପା ଲୁହ। ଗାନ୍ଧୀଜୀଙ୍କ କୋଳ ଉପରେ କିଛି ଶୁଖିଲା ପତ୍ର ଝଡ଼ି ପଡୁଥାଏ। ସେଥିରୁ ଗୋଟିଏ ପତ୍ର ଉପରେ ପଡ଼ିଗଲା ତାଙ୍କର କେଇଟୋପା ଲୁହ। ନେହରୁ ଓ ଅନ୍ୟ ନେତାମାନେ ଦିଲ୍ଲୀରେ ଅପେକ୍ଷା କରି ରହିଥିବାରୁ ଗାନ୍ଧୀଜୀ କିଛି ବି କୁହନ୍ତୁ ବୋଲି ବାଧ କରିବାରେ ବାପୁଜୀ ଲୁହ ଭିଜା ପତ୍ରଟି ନେହରୁଙ୍କ ଉଦ୍ଦେଶ୍ୟରେ ପଠାଇ ଆଗନ୍ତୁକଙ୍କୁ ହାତଯୋଡ଼ି ପ୍ରଣାମ କଲେ ଓ ପଦୁଟିଏ ହେଲେ କଥା ନ କହି ପୁଣି ଫେରି ଆସିଲେ ସୂତା କାଟିବାକୁ, ଗୀତା ପଢ଼ିବାକୁ।

ଗାନ୍ଧୀଜୀ ସ୍ୱାଧୀନତା ପର୍ବରେ ଅଂଶଗ୍ରହଣ କରିବା ପାଇଁ ଦିଲ୍ଲୀ ଆସିବାକୁ ରାଜି ନ ହେବାରୁ ବିଶ୍ୱବାସୀଙ୍କ ପାଇଁ ତାଙ୍କ ବେତାର ସନ୍ଦେଶ ରେଡ଼ିଓରେ ପ୍ରସାରଣ ଲାଗି ସରକାର ଚାହୁଁଥିଲେ। ଏଥିପାଇଁ ରେକର୍ଡିଂ କରିବାକୁ ବରିଷ୍ଠ ସରକାରୀ ଅଧିକାରୀମାନେ ବି ଆସି ପହଞ୍ଚିଥିଲେ। କିନ୍ତୁ ବ୍ୟଥିତ ଗାନ୍ଧୀ ଏଥିରୁ ନିଜକୁ ନିବୃତ୍ତ ରଖି ଜଣାଇ ଦେଇଥିଲେ ଯେ ତାଙ୍କର କିଛି କହିବାର ନାହିଁ। ଏହା ପୂର୍ବରୁ ବିବିସିର ସାମ୍ବାଦିକ ବି ଗାନ୍ଧୀଜୀଙ୍କର ପଛରେ ପଡ଼ି ଯାଇଥିଲେ। ତାଙ୍କ ଅନୁରୋଧକୁ ନମ୍ରତାର ସହ ଏଡ଼ାଇ ଦେଇ ଗାନ୍ଧୀଜୀ କହିଥିଲେ, 'ମୁଁ ଇଂରାଜୀ ଜାଣିଛି ବୋଲି ଆପଣ ଭୁଲି ଯାଆନ୍ତୁ। ମୁଁ ତ କୌଣସି ଲୋଭରେ ନାହିଁ।'

ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଓ ପରେ ଗାନ୍ଧୀଜୀ ବାରମ୍ବାର କହିଛନ୍ତି ଯେ ଭାରତରୁ ବ୍ରିଟିଶ୍ ଶାସନର ଅବସାନ ଘଟିଛି ସତ କିନ୍ତୁ ଯେଉଁ ସ୍ୱରାଜ ବା ସ୍ୱାଧୀନତା ପାଇଁ ଲୋକେ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ ସେ ସ୍ୱାଧୀନତା ଆସିନାହିଁ। ଏଥିଲାଗି ପୁଣି ଲମ୍ବା ଲଢ଼େଇ ଲାଗି ପ୍ରସ୍ତୁତ ହେବାକୁ ସେ ବାରମ୍ବାର ମତବ୍ୟକ୍ତ କରୁଥିଲେ। ଏମିତିକି କଂଗ୍ରେସକୁ ଭାଙ୍ଗି ଲୋକ ସେବକ ସଂଘରେ ପରିଣତ କରିବାକୁ ସେ ଶେଷ ଚିଠା ପ୍ରସ୍ତାବ ଲେଖିଥିଲେ। କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ୬ ମାସ ନ ପୁରୁଣୁ କିଛି ଈର୍ଷାଳୁ ବ୍ୟକ୍ତି କୃତଘ୍ନତାର ଶୀର୍ଷ ସୋପନକୁ ଯାଇ ଗାନ୍ଧୀଜୀଙ୍କୁ ହତ୍ୟା କଲେ। କିନ୍ତୁ ମୃତ୍ୟୁ ବେଳକୁ ସେ ବ୍ୟକ୍ତିରୁ ରୂପାନ୍ତରିତ ହୋଇଯାଇଥିଲେ ବିଚାରରେ। ତେଣୁ ସେ ମରି ବି ଅମର। ରାଜନୈତିକ, ସାମାଜିକ, ଆର୍ଥିକ, ନୈତିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମ ସ୍ୱରାଜ ଆଦି କ୍ଷେତ୍ରରେ ବ୍ୟାପକ କ୍ରାନ୍ତି ଆଣି ଭାରତବର୍ଷକୁ ରାମ ରାଜ୍ୟରେ ପରିଣତ କରି ବିଶ୍ୱ ସମ୍ମୁଖରେ ଅନନ୍ୟ ଉଦାହରଣ ଭାବେ ଉଭା କରିବା ଲାଗି ଗାନ୍ଧୀଜୀଙ୍କ ଯେଉଁ ପରିକଳ୍ପନା ଥିଲା ତାହା ୭୮ ବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ବି ଅଧୁରା ରହିଛି। ଏହାକୁ ରୂପାୟିତ କରିବା ଲାଗି ଭାରତମାତା ଆଜି ବି ଖୋଜୁଛି ଗାନ୍ଧୀ ଆଦର୍ଶର ଏମିତି କିଛି ସଂକଳ୍ପବଦ୍ଧ ସାଧକଙ୍କୁ ଯେଉଁମାନେ ଆଦର୍ଶ ଉପରେ ଅଟଳ ବିଶ୍ୱାସ ରଖି ଇତିହାସର ମୋଡ଼ ବଦଳାଇବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ଥିବେ।

# କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିଆସୁଛି ଚଣ୍ଡିଗଡ଼ ପ୍ରାଚୀନ କଳା କେନ୍ଦ୍ର



ସଜଲ କୌସର
ଚଣ୍ଡିଗଡ଼

ଚଣ୍ଡିଗଡ଼ର ପ୍ରାଚୀନ କଳା କେନ୍ଦ୍ର ଗତ ପଚାଶ ବର୍ଷ ଧରି କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିଆସୁଛି, ଯାହାର ଓଡ଼ିଆ ନୃତ୍ୟ ଏବଂ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି - ଅନୁପ କୁମାର

ଚଣ୍ଡିଗଡ଼ ଭଳି ଏକ ଆଧୁନିକ ସହରରେ, ଏକ ଅନନ୍ୟ ଅନୁଷ୍ଠାନ ଅଛି ଯାହା ଶାସ୍ତ୍ରୀୟ ସଙ୍ଗୀତ ଏବଂ ଶାସ୍ତ୍ରୀୟ ନୃତ୍ୟର ପ୍ରଚାର ଏବଂ ପ୍ରସାର ପାଇଁ ଗତ ପଚାଶ ବର୍ଷ ଧରି ନିରନ୍ତର କାର୍ଯ୍ୟ କରିଆସୁଛି। ପ୍ରାଚୀନ କଳା କେନ୍ଦ୍ରର ପ୍ରତିଷ୍ଠାତା ସ୍ୱର୍ଗତ ଏମ୍.ଏଲ୍. କୌସର ଏବଂ ଡକ୍ଟର ଶୋଭା କୌସର, ଯେଉଁମାନେ ନିଜେ ପ୍ରସିଦ୍ଧ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ, ସେମାନଙ୍କର ଅକ୍ଳାନ୍ତ ପ୍ରୟାସ ଏବଂ କଳା ପ୍ରତି ସମ୍ପୂର୍ଣ୍ଣ ସମର୍ପଣର ଫଳସ୍ୱରୂପ, କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ପ୍ରାଚୀନ କଳା କେନ୍ଦ୍ରର ୩୫୦୦ରୁ ଅଧିକ କେନ୍ଦ୍ର ଅଛି, ଯେଉଁଠାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ନୃତ୍ୟର ବିଭିନ୍ନ ପ୍ରକାରରେ ଡିପ୍ଲୋମା ପ୍ରମାଣପତ୍ର ଏବଂ ପିଏଚଡି ପର୍ଯ୍ୟନ୍ତ ଶିକ୍ଷା ପାଉଛନ୍ତି।

ପ୍ରାଚୀନ କଳା କେନ୍ଦ୍ରର ସଚିବ ସଜଲ କୌସର ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି ଯେ ପ୍ରାଚୀନ କଳା କେନ୍ଦ୍ର ଏକମାତ୍ର ଅନୁଷ୍ଠାନ ଯାହା ୭୦ ଦଶକରେ ଉତ୍ତର ଭାରତ, ବିଶେଷକରି ପଞ୍ଜାବରେ ଶାସ୍ତ୍ରୀୟ ନୃତ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଇ ନଥିଲା ବରଂ ପଞ୍ଜାବ ବିଶ୍ୱବିଦ୍ୟାଳୟରେ କଥକ ନୃତ୍ୟର ପାଠ୍ୟକ୍ରମ ପ୍ରସ୍ତୁତ କରିଥିଲା ଏବଂ କଲେଜଗୁଡ଼ିକରେ କଥକ ନୃତ୍ୟର ପାଠ୍ୟକ୍ରମ ଆରମ୍ଭ କରିଥିଲା। ଏହାର ସବୁଠାରୁ ବଡ଼ ଲାଭ ହେଲା ଯେ ଏଠାକାର ଛାତ୍ରଛାତ୍ରୀମାନେ ଶାସ୍ତ୍ରୀୟ ନୃତ୍ୟରେ ଡିଗ୍ରୀ ପାଇଥିଲେ ଏବଂ ସ୍କୁଲ ଏବଂ କଲେଜଗୁଡ଼ିକରେ ଶିକ୍ଷକତା ଚାକିରି ମଧ୍ୟ ପାଇଥିଲେ।

୧୯୭୦ ମସିହାରେ, ଓଡ଼ିଶାରେ ଓଡ଼ିଆ ଲୋକ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ଦେଇଥିଲେ ଏବଂ ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ସହିତ ମିଳିତ ଭାବରେ ଓଡ଼ିଆ ଲୋକନୃତ୍ୟ ଏବଂ ଲୋକସଂଗୀତ ପାଇଁ ଶାସ୍ତ୍ରୀୟ ସଙ୍ଗୀତ ଏବଂ ନୃତ୍ୟର ଏକ ଉପଯୁକ୍ତ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ଏବଂ ଆଜି ପରିସ୍ଥିତି ଏପରି ଯେ ପ୍ରତିବର୍ଷ ଓଡ଼ିଶାର ପ୍ରାୟ କୋଡ଼ିଏ ହଜାର ଛାତ୍ରଛାତ୍ରୀ ଏହି ପାଠ୍ୟକ୍ରମରେ ଡିପ୍ଲୋମା ଡିଗ୍ରୀ ପାଉଛନ୍ତି। ସେହିପରି, ଆଇସିସିଆର୍ ସହଯୋଗରେ ଏକ ପ୍ରକଳ୍ପ ଅଧୀନରେ ପ୍ରାଚୀନ କଳା କେନ୍ଦ୍ରରେ ତିନି ବର୍ଷ ଧରି ଶାସ୍ତ୍ରୀୟ ନୃତ୍ୟରେ ତାଲିମ ନେଇ ସାରା ବିଶ୍ୱର ଛାତ୍ରଛାତ୍ରୀମାନେ ଡିଗ୍ରୀ ପାଉଛନ୍ତି। ଏହିପରି, ସେମାନେ କେବଳ ନିଜର କ୍ୟାରିଅର ତିଆରି କରୁନାହାଁନ୍ତି ବରଂ ଭାରତୀୟ ସଂସ୍କୃତିକୁ ବିସ୍ତୃତ ଭାବରେ ବୁଝି ଏହାର ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

**୧୯୬୯ ମସିହାରୁ ଆୟୋଜିତ କରାଯାଉଛି ଭାସ୍କର ରାଓ ମହୋତ୍ସବ :**

ଶ୍ରୀ କୌସର କହିଛନ୍ତି ଯେ ଉତ୍ତର ଭାରତରେ କେବଳ ପ୍ରାଚୀନ କଳା କେନ୍ଦ୍ର ଏପରି ଏକ ପ୍ରତିଷ୍ଠାନ ଯେଉଁଠାରେ ୧୯୬୯ ମସିହାରୁ ନିରନ୍ତର ଭାବରେ ଅଖିଳ ଭାରତୀୟ ଭାସ୍କର ରାଓ ସଙ୍ଗୀତ ଏବଂ ନୃତ୍ୟ ମହୋତ୍ସବ ଆୟୋଜନ କରାଯାଉଛି। ଚଣ୍ଡିଗଡ଼ରେ ଆୟୋଜିତ ଏହି ମହୋତ୍ସବରେ ପଣ୍ଡିତ ଭୀମସେନ ଜୋଶୀ, ପଣ୍ଡିତ ଜସରାଜ, ଡକ୍ଟର ଏମ୍ ବାଲକୃଷ୍ଣମୂର୍ତ୍ତି, ରାଜନ ସାଜନ ମିଶ୍ର, ଅଜୟ ଚକ୍ରବର୍ତ୍ତୀ, ସହିଦ ପରଭେଜ, ପଣ୍ଡିତ ଶିବ କୁମାର ଶର୍ମା, ହରିପ୍ରସାଦ ଚୌରସିଆ, ବିଶ୍ୱମୋହନ ଭଟ୍ଟ, ସୀତାରା ଦେବୀ, ସରୋଜା ବୈଦ୍ୟନାଥନ, ଶୋଭନା ନାରାୟଣ ଆଦି କଳାକାରମାନେ ପ୍ରଦର୍ଶନ କରିଛନ୍ତି। ଏହି ମହୋତ୍ସବ ମାଧ୍ୟମରେ, ପ୍ରାଚୀନ କଳା କେନ୍ଦ୍ର କେବଳ ସଙ୍ଗୀତ ଏବଂ ନୃତ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇନାହିଁ ବରଂ କଳା ଏବଂ ସଂସ୍କୃତିର କେନ୍ଦ୍ର ଭାବରେ ବିଶ୍ୱ ମାନଚିତ୍ରରେ ଚଣ୍ଡିଗଡ଼କୁ ପ୍ରତିଷ୍ଠା କରିଛି। ଆଜି ଯେତେବେଳେ ଲୋକମାନେ ଚଣ୍ଡିଗଡ଼କୁ ଏକ ଆଧୁନିକ ସହର ଭାବରେ ନାମିତ କରନ୍ତି, ଚଣ୍ଡିଗଡ଼କୁ ପ୍ରାଚୀନ କଳା କେନ୍ଦ୍ର ନାମରେ ମଧ୍ୟ ଜଣାଶୁଣା। ଏହା ବ୍ୟତୀତ, ପ୍ରାଚୀନ କଳା କେନ୍ଦ୍ର ଗତ ୨୬ବର୍ଷ ଧରି ଏକ ମାସିକ ସଙ୍ଗୀତ ସମ୍ମିଳନୀ ଆୟୋଜନ କରିଆସୁଛି। ଯେଉଁଥିରେ ପୁରୁଣା କଳାକାରମାନଙ୍କ ସହିତ, ଯୁବ କଳାକାରମାନଙ୍କୁ ମଧ୍ୟ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରାଯାଏ।

**ଓଡ଼ିଶା ଏବଂ ବିହାରରେ ପ୍ରତିଷ୍ଠା ହେବ ପ୍ରାଚୀନ କଳା କେନ୍ଦ୍ର ବିଶ୍ୱବିଦ୍ୟାଳୟ:**

କେନ୍ଦ୍ରର ଭବିଷ୍ୟତ ଯୋଜନା ସମ୍ପର୍କରେ ଶ୍ରୀ କୌସର କହିଛନ୍ତି ଯେ କେନ୍ଦ୍ର ଦ୍ୱାରା ପରିଚାଳିତ ଅନେକ ଯୋଜନା କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ସେମାନେ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଶିକ୍ଷା ବ୍ୟବସ୍ଥା ମଧ୍ୟ କରନ୍ତି ଏବଂ ଛାତ୍ରମାନଙ୍କୁ ଛାତ୍ରବୃତ୍ତି ମଧ୍ୟ ଦିଅନ୍ତି। ପ୍ରାଚୀନ କଳା କେନ୍ଦ୍ର ପଞ୍ଜାବ, ଓଡ଼ିଶା ଏବଂ ବିହାର ସରକାରଙ୍କ ସହଯୋଗରେ ବିଶ୍ୱସ୍ତରୀୟ କଳା ଏବଂ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଚାହୁଁଛି। ଏଥିପାଇଁ ସରକାରଙ୍କ ସହିତ ମଧ୍ୟ ଆଲୋଚନା ଚାଲିଛି।

# ବିଭାଜନର ବିଭୀଷିକା: ଆମ ପାଇଁ ଶିକ୍ଷା



ଡଃ. ତପନ କୁମାର ଚାନ୍ଦ
ପୂର୍ବତନ ସିଏମ୍‌ଡି, ନାଲ୍‌କୋ

୧୯୪୭ ଅଗଷ୍ଟ ୧୫ ହେଉଛି ଭାରତ ଇତିହାସରେ ଏକ ଅବିସ୍ମରଣୀୟ ଦିବସ। ସେହିଦିନ ଭାରତ ବ୍ରିଟିଶ ଉପନିବେଶବାଦ ଶାସନ କବଳରୁ ମୁକ୍ତି ପାଇଥିଲା। କିନ୍ତୁ ସ୍ୱାଧୀନତାର ଆନନ୍ଦ ଓ ଉତ୍ସାହକୁ ଫିକା କରିଦେଇଥିଲା ଦେଶ ବିଭାଜନ ଭଳି ଏକ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା। ବ୍ରିଟିଶ ବିଭାଜନ ନୀତି ସ୍ୱାଧୀନତା ପୂର୍ବରୁ ଭାରତକୁ ଦୁଇ ଭାଗରେ ଭାଙ୍ଗି ଦେଇ ଦୁଇଟି ସ୍ୱାଧୀନ ରାଷ୍ଟ୍ର: ଭାରତ ଓ ପାକିସ୍ତାନ ଗଠନ କରିଥିଲା। ତାହା କେବଳ ଏକ ରାଜନୈତିକ ଘଟଣା ଥିଲା ତାହା ନୁହେଁ ବରଂ ବିଶ୍ୱ ଇତିହାସର ଏହା ସବୁଠାରୁ ବୃହତ ନରସଂହାର ଓ ସ୍ଥାନାନ୍ତରଣ। ପ୍ରାୟ ୨୦ ନିୟୁତ ଲୋକ ସେମାନଙ୍କ ଭିଟାମାଟି ଓ ପ୍ରିୟଜନଙ୍କୁ ଛାଡ଼ି ଅନ୍ୟ ପ୍ରାନ୍ତରକୁ ଯିବା ପାଇଁ ବାଧ୍ୟ ହୋଇଥିଲେ। ୨ ନିୟୁତରୁ ଅଧିକ ଲୋକ ଏହି ନରସଂହାରରେ ପ୍ରାଣ ହରାଇଥିଲେ। ପ୍ରାୟ ୧ ଲକ୍ଷରୁ ଅଧିକ ମହିଳା ବଳାତ୍କାରର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ବିପୁଳ ସଂଖ୍ୟାରେ ଲୋକ ସ୍ଥାନାନ୍ତରଣ ହେବାଦ୍ୱାରା ବଡ଼ ବଡ଼ ରିଫ୍ୟୁଜି କ୍ୟାମ୍ପର ଆବଶ୍ୟକତା ହୋଇଥିଲା। ଯାହାର ରକ୍ଷଣାବେକ୍ଷଣ ଠିକ୍ ଭାବରେ ହୋଇ ନ ପାରିବାରୁ ଲୋକମାନେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଖାଦ୍ୟାଭାବରେ ଅନାହାରରେ ମୃତ୍ୟୁବରଣ କରିଥିଲେ। ଏହି ବିଭାଜନ ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଅତୁଳନୀୟ କ୍ଷତି କରିଥିଲା। ଭାରତ ଓ ପାକିସ୍ତାନ ଅଲଗା ଅଲଗା ରାଜନୈତିକ ବ୍ୟବସ୍ଥା, ନୀତି ଓ ଆଦର୍ଶକୁ ଆପଣାଇ ଦୁଇଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲା। ଏହାର ପ୍ରଭାବ ବର୍ତ୍ତମାନ ପର୍ଯ୍ୟନ୍ତ ଆମେମାନେ ଅନୁଭବ କରୁଅଛୁ।

ଭାରତ ସରକାର ୨୦୨୧ ମସିହାରେ ଅଗଷ୍ଟ ୧୪କୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ଭାବରେ ପାଳନ କରିବାକୁ ନିଷ୍ପତି ନେଇଥିଲେ। ଏହି ବିଭାଜନର ବିଭୀଷିକା ଅକଥନୀୟ ଏବଂ ଅବର୍ଣ୍ଣନୀୟ। ଏପ୍ରକାର ଘଟଣାର ଅପୂରଣୀୟ କ୍ଷତି ଏବଂ ନକାରାତ୍ମକ ପରିଣାମ ଯେପରି ସମୟ ସ୍ରୋତରେ ଭାସି ନଯାଏ ସେଥିପାଇଁ ଏହି ପ୍ରକାର ନିଷ୍ପତି ନିଆଯାଇଥିଲା। ଏହି ପ୍ରକାର ଅଭିଯାନ ନୂତନ ପିଢ଼ି ପାଇଁ ଏକ ଶିକ୍ଷାର ଅଭିଯାନ ଯାହା ବିଭାଜନ ପୀଡ଼ିତଙ୍କୁ ସମାନ ସମ୍ମାନ ଦେବା, ସେମାନଙ୍କର କାହାଣୀ ସଂରକ୍ଷଣ କରିବା ଏବଂ ଏପରି ଏକ ଘଟଣା ପୁନରାବୃତି ନ ହେବାକୁ ନିଶ୍ଚିତ କରିବା ଲକ୍ଷ୍ୟରେ ପାଳନ କରାଯାଉଛି।

ବିଭାଜନର ମୂଳରେ ଥିଲା ଦଶକ ଦଶକ ଧରି ରାଜନୈତିକ ଜଟିଳତା, ସାମ୍ପ୍ରଦାୟିକ ଉତ୍ତେଜନା ଏବଂ ବ୍ରିଟିଶମାନଙ୍କ ବିଭାଜନକାରି ଶାସନ ନୀତି। ଯେତେବେଳେ ସାରା ଭାରତ ବର୍ଷ ଏକ ଉତ୍ତେଜନାମୂଳକ ପରିସ୍ଥିତି ଦେଇ ଗତି କରୁଥିଲା। ସେ ସମୟରେ ଭାରତୀୟ ଜାତୀୟ କଂଗ୍ରେସ ମହମ୍ମଦ ଅଲି ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍ କ୍ଷମତା ପାଇଁ ପ୍ରତିଯୋଗିତା କରିଥିଲେ। ଏକ ସ୍ୱତନ୍ତ୍ର ମୁସଲିମ୍ ରାଷ୍ଟ୍ରର ଦାବି କରିବା ଆରମ୍ଭ କରିଥିଲେ। ଏକ ହିନ୍ଦୁ-ବହୁଳ ରାଷ୍ଟ୍ରରେ ରାଜନୈତିକ ଅବମାନନା ଭୟରେ ସେ ମୁସଲିମ ରାଷ୍ଟ୍ର ଚାହୁଁଥିଲେ। ୧୯୪୦ରେ ଲାହୋର ଠାରେ ଏହି ଦାବି ଆନୁଷ୍ଠାନିକ ଭାବେ ଉପସ୍ଥାପନ କରାଯାଇଥିଲା ଯାହା ଏକ ତିକ୍ତ ଏବଂ ଧ୍ରୁବୀକୃତ ସଂଘର୍ଷର ମଞ୍ଚ ପ୍ରସ୍ତୁତ କରିଥିଲା। ବ୍ରିଟିଶମାନେ ଏକ ବିଭାଜିତ ସାମ୍ରାଜ୍ୟରୁ ଶୀଘ୍ର ପ୍ରସ୍ଥାନ କରିବାକୁ ଇଚ୍ଛୁକ ଥିଲେ। ଭାରତର ସାମାଜିକ ଏବଂ ଭୌଗୋଳିକ ଜଟିଳତାକୁ ବିଚାରକୁ ନ ନେଇ ସାର୍ ସିରିଲ୍ ରାଡକ୍ଲିଫଙ୍କ ଆଙ୍କିଥିଲେ ଏକ ସୀମାରେଖା। ମାନଚିତ୍ରରେ ଟଣାଯାଇଥିବା ସେହି ସୀମାରେଖା ରକ୍ତର ନଦୀରେ ପରିଣତ ହୋଇଥିଲା।

ଯେତେବେଳେ ବିଭାଜନ ଘୋଷଣା କରାଗଲା ହଠାତ୍ ଅରାଜକତା ବିସ୍ଫୋରକ ରୂପ ନେଇଥିଲା। ପରିଣତି ଏତେ ଭୟଙ୍କର ଥିଲା ଯେ ଅନେକ ଲୋକ ସେମାନଙ୍କର ଘରବାଡି ଛାଡିବାକୁ ବାଧ୍ୟ ହୋଇଥିଲେ। ବହୁ ଲୋକ ସୀମା ଅତିକ୍ରମ କରି ନିରାଶାଜନକ ଏବଂ ବିପଦପୂର୍ଣ୍ଣ ଯାତ୍ରା କରିଥିଲେ। ହିନ୍ଦୁ ଏବଂ ଶିଖମାନେ ଭାରତକୁ ପଳାୟନ କରିଥିଲେ। ମୁସଲମାନମାନେ ପାକିସ୍ତାନକୁ ଚାଲିଯାଇଥିଲେ। କିନ୍ତୁ ସେହି ସ୍ଥାନାନ୍ତର ଶାନ୍ତିପୂର୍ଣ୍ଣ ହେବା ବଳଦରେ ହିଂସା, ହତ୍ୟାକାଣ୍ଡ, ନରସଂହାରରେ ପରିପୂର୍ଣ୍ଣ ଥିଲା। ଶରଣାର୍ଥୀମାନଙ୍କୁ ନେଇ ଯାଉଥିବା ଟ୍ରେନଗୁଡ଼ିକ ଶବରେ ଭର୍ତ୍ତି ହୋଇ ଷ୍ଟେସନଗୁଡ଼ିକରେ ପହଞ୍ଚୁଥିଲା। ଗାଁଗୁଡ଼ିକ ଜଳି ପାଉଁଶ ହେବା ସହ ଜନଶୂନ୍ୟ ହୋଇଯାଇଥିଲା। ହିଂସାର ବହ୍ନି ଏତେ ଭୟଙ୍କର ଥିଲା ଯେ ତାହା ପରିବାରଠାରୁ ଲୋକଙ୍କୁ ବିଚ୍ଛିନ୍ନ କରିଦେଇଥିଲା। ମହିଳାମାନେ ବିଶେଷ ଭାବେ ଭୟଙ୍କର ଅତ୍ୟାଚାରର ସମ୍ମୁଖୀନ ହୋଇଥିଲେ। ଅପହରଣ, ଧର୍ଷଣ, କିମ୍ବା ସମ୍ମାନ ରକ୍ଷା ପାଇଁ ହତ୍ୟା। ମୃତ୍ୟୁସଂଖ୍ୟା କେତେ ତାହା ଏବେବି ବିବାଦୀୟ ରହିଛି। ପଞ୍ଜାବ ଏବଂ ବଙ୍ଗ ପ୍ରଦେଶ ହିଂସାର ମୁଖ୍ୟ କେନ୍ଦ୍ର ଥିଲା। ହିଂସା କେବଳ ଶାରୀରିକ ନଥିଲା, ବରଂ ସାଂସ୍କୃତିକ ମଧ୍ୟ ଥିଲା। ଯେହେତୁ ଶତାବ୍ଦୀ ଶତାବ୍ଦୀ ଧରି ସାମୂହିକ ଐତିହ୍ୟ, ସଙ୍ଗୀତ, ରନ୍ଧନ ପଦ୍ଧତି, ସାହିତ୍ୟ ଏବଂ ପରମ୍ପରା ହଠାତ୍ ଅଲଗା ହୋଇଯାଇଥିଲା, ସେହି ପରିବର୍ତ୍ତନକୁ କୌଣସି ପକ୍ଷ ସହଜରେ ଗ୍ରହଣ କରିପାରିନଥିଲେ। ଯାହା ଭୟଙ୍କର ହିଂସାକୁ ଜନ୍ମ ଦେଇଥିଲା।

ବିଭାଜନର ମାନବୀୟ ମୂଲ୍ୟ ରକ୍ତପାତ ଠାରୁ ବହୁ ଦୂର ପର୍ଯ୍ୟନ୍ତ ବ୍ୟାପିଥିଲା। ପରିବାରଗୁଡ଼ିକ ଏମିତି ପରସ୍ପରଠାରୁ ଅଲଗା ହୋଇଯାଇଥିଲେ ଯେ ଅନେକ ଆଉ କେବେ ମିଶି ପାରିନଥିଲେ। ଚାଷୀମାନେ ଉର୍ବର ଜମି ଛାଡ଼ିଥିଲେ। ବ୍ୟବସାୟୀମାନେ ନିଜ ସଫଳ ବ୍ୟବସାୟ ହରାଇଥିଲେ। କାରିଗରମାନେ ସେମାନଙ୍କର ସାଂସ୍କୃତିକ କେନ୍ଦ୍ରଗୁଡ଼ିକ ଠାରୁ ଅଲଗା ହୋଇଯାଇଥିଲେ। ମାନସିକ ଆଘାତ ଗଭୀର ଥିଲା। ବଞ୍ଚି ଯାଇଥିବା ଲୋକମାନେ ପଡୋଶୀଙ୍କ ଦ୍ୱାରା ବିଶ୍ୱାସଘାତକତା, କ୍ଷତି, ଭୟ ଏବଂ ଭୋକର ଯାତ୍ରାର ସ୍ମୃତି ବହନ କରୁଥିଲେ। ବିଭାଜନର ଆଘାତ କେବଳ ଗୋଟିଏ ସମ୍ପ୍ରଦାୟ ପାଇଁ ସୀମିତ ନଥିଲା। ହିନ୍ଦୁ, ମୁସଲମାନ ଏବଂ ଶିଖମାନେ ସମାନ ଭାବରେ ପୀଡ଼ା ସହିଥିଲେ।

୨୦୨୧ ମସିହାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୪ ଅଗଷ୍ଟକୁ ବିଭାଜନ ଭୟାନକ ସ୍ମୃତି ଦିବସ ଭାବରେ ଘୋଷଣା କରିଥିଲେ। ଏହି ଦୁର୍ଘଟଣାର ସ୍ମୃତିକୁ ମନେ ପକାଇବାର ଏକ ପ୍ରୟାସ। ଏହି ତାରିଖ, ପାକିସ୍ତାନର ସ୍ୱାଧୀନତା ଦିବସ ସହିତ ମେଳ ଖାଉଥିବା, ଉପମହାଦେଶ ବିଭାଜିତ ହେବାର ସେହି ମୁହୂର୍ତ୍ତର ଏକ ଗହନ ସ୍ମୃତିକୁ ମନେପକାଇ ଦେଉଛି। ଏହି ଅଭିଯାନ ପୁରାତନ ଶତ୍ରୁତାକୁ ମନେ ପକାଇବା ଲକ୍ଷ୍ୟରେ ନୁହେଁ, ବରଂ ବଞ୍ଚି ରହିଥିବା ସ୍ଥିରତାକୁ ସମ୍ମାନ ଦେବା ଏବଂ ଭବିଷ୍ୟତ ପିଢ଼ିଙ୍କୁ ବିଭାଜନର ବିପଦ ବିଷୟରେ ସଚେତନ କରିବା ଲାଗି ଆୟୋଜନ କରାଯାଉଛି। ସମଗ୍ର ଭାରତରେ ପ୍ରଦର୍ଶନୀ, ସେମିନାର ଏବଂ ମୌଖିକ ଇତିହାସ ପ୍ରକଳ୍ପଗୁଡ଼ିକ ବର୍ତ୍ତମାନ ଏହି ଦିନକୁ ପାଳନ କରୁଛି। ଯେଉଁମାନେ ଏହି ଭୟାନକ ଅବସ୍ଥା ମଧ୍ୟରେ ବଞ୍ଚିଥିଲେ ସେମାନଙ୍କର ସ୍ୱରକୁ ତାହା ମାନବୀୟ ମୂଲ୍ୟବୋଧ ସହ ସାମ୍ନାକୁ ଆଣୁଛି।

ସ୍ମୃତି କାହିଁକି ଗୁରୁତ୍ୱପୂର୍ଣ୍ଣ ? ଇତିହାସ କେବଳ ଅତୀତର ଏକ ଦଲିଲ ନୁହେଁ, ବରଂ ତାହା ଭବିଷ୍ୟତ ପାଇଁ ଏକ ମାର୍ଗଦର୍ଶିକା ମଧ୍ୟ। ହୋଲୋକଷ୍ଟ ସ୍ମୃତି ଦିବସ, ରୁଆଣ୍ଡାର ଜେନୋସାଇଡ୍ ସ୍ମୃତି ଏବଂ ଆର୍ମେନିଆର ଜେନୋସାଇଡ୍ ସ୍ମରଣ ଆଦି ହେଉଛି ଏକ ବଡ଼ ବଡ଼ ଉଦାହରଣ ଯାହା ଦର୍ଶାଉଛି କିପରି ରାଷ୍ଟ୍ରଗୁଡ଼ିକ ସେମାନଙ୍କର ଅନ୍ଧକାରମୟ ଅଧ୍ୟାୟଗୁଡ଼ିକୁ ସାମ୍ନା କରି ସେଭଳି ଘଟଣାଗୁଡ଼ିକର ପୁନରାବୃତ୍ତି ରୋକିବାକୁ ଚେଷ୍ଟା କରୁଛନ୍ତି। ଭାରତ ପାଇଁ ବିଭାଜନ ଭୟାନକ ସ୍ମୃତି ଦିବସ ସାମ୍ପ୍ରଦାୟିକ ଧ୍ରୁବୀକରଣର ବିପଦ ଏବଂ ସାମାଜିକ ସମାନତା ଉପରେ ଆଲୋକପାତ କରିବାର ଏକ ସୁଯୋଗ। ବିଭାଜନର କାହାଣୀ ସହିଦ ହାସନ୍ ମାଂଟୋ, ଖୁଶବନ୍ତ ସିଂହ ଏବଂ ଭୀଷ୍ମ ସାହନୀଙ୍କ ଭଳି ଲେଖକଙ୍କ ଦ୍ୱାରା ଲିପିବଦ୍ଧ। ତାହା ଘୃଣାର ମୂର୍ଖତା ଏବଂ ନିଷ୍ଠୁରତାର ଛବି ବହନ କରି ମାନବ ଜାତିକୁ ଏଭଳି ଶିକ୍ଷା ଦେଉଛି ଯାହା କାଳ କାଳ ପାଇଁ ସ୍ମରଣୀୟ ହୋଇରହିବ।

ଏକ ଅର୍ଥପୂର୍ଣ୍ଣ ସ୍ମରଣ ଜାତୀୟତାବାଦୀ ପକ୍ଷପାତ ଠାରୁ ଆଗକୁ ବଢ଼ିବା ଆବଶ୍ୟକ। ଆମକୁ ସ୍ୱୀକାର କରିବାକୁ ହେବ ଯେ ପୀଡିତମାନେ ସମସ୍ତ ସମ୍ପ୍ରଦାୟର ଥିଲେ ଏବଂ ଏହି ଘଟଣା ରାଜନୈତିକ ବିଫଳତା, ଉପନିବେଶବାଦର ଅବହେଳା ଏବଂ ସାମ୍ପ୍ରଦାୟିକ ଅବିଶ୍ୱାସର ଫଳାଫଳ ଥିଲା। ଏହି ଘଟଣା କୌଣସି ଧର୍ମର ନିଜସ୍ୱ ପ୍ରକୃତି ନୁହେଁ। ଅମୃତସରର ବିଭାଜନ ସଂଗ୍ରହାଳୟ ଏବଂ ୧୯୪୭ ବିଭାଜନ ଆର୍କାଇଭ୍ ଭଳି ପ୍ରୟାସଗୁଡ଼ିକ ବଞ୍ଚିଯାଇଥିବା ଲୋକମାନଙ୍କ ପ୍ରମାଣ ସଂଗ୍ରହ କରିଛି। ତାହା ନିଶ୍ଚିତ କରିଛି ଯେ ଇତିହାସ ଏହାର ନିହାତି ଅସଲି ଛବି ସଂରକ୍ଷିତ ହୋଇରହୁ।

ବିଭାଜନର ବିଷୟଗୁଡ଼ିକ ଆଜି ବି ଆଶ୍ଚର୍ଯ୍ୟଜନକ ଭାବରେ ପ୍ରାସଙ୍ଗିକ ଅଟେ। ପରିଚୟ ରାଜନୀତି ଏବଂ ବିଶ୍ୱବ୍ୟାପୀ ଧ୍ରୁବୀକରଣର ଏକ ଯୁଗରେ ୧୯୪୭ର ଘଟଣାବଳୀ ଏକ ଭୟଙ୍କର ସତର୍କବାଣୀ ଭାବରେ କାର୍ଯ୍ୟ କରୁଛି। ବିଭାଜନ ବିବାଦର ସମାଧାନ କରିନଥିଲା। ଏହା ବିବାଦକୁ ଚିରକାଳ ପାଇଁ ଅସମାହିତ କରିଦେଇଥିଲା। ଦଶକ ଦଶକ ଧରି ଶତ୍ରୁତା, ଯୁଦ୍ଧ ଏବଂ ସ୍ଥାୟୀ ଅବିଶ୍ୱାସକୁ ଜନ୍ମ ଦେଇଥିଲା। ବିଭାଜନର ବିଭିଷିକା ଯେପରି ଇତିହାସ ଦର୍ଶାଉଛି, ପ୍ରକୃତରେ ତାହା ସେଭଳି ନୁହଁ। ତାହା ହେଉଛି ଅତ୍ୟନ୍ତ କରୁଣ, ହୃଦୟବିଦାରକ, ଅସହ୍ୟ ଯାହାର ପରିଣାମ ଆକଳନ କରାଯାଇପାରିବ ନାହିଁ। ଯେଉଁମାନେ ସେହି ଯନ୍ତ୍ରଣାକୁ ଭୋଗିଛନ୍ତି ତାହା କେବଳ ସେମାନେ ହିଁ ଜାଣିପାରିବେ। ଅନ୍ୟମାନେ କେବଳ ତାହାର ସମ୍ୟକ ଅଂଶକୁ ଅନୁଭବ କରିବା ଲାଗି ଉଦ୍ୟମ ହିଁ କରିପାରିବେ। ସାମ୍ପ୍ରଦାୟିକ ସଦ୍‌ଭାବ ଥରେ ଭାଙ୍ଗିଗଲେ ତାହାକୁ ପୁଣି ଗଢ଼ିବା ଅତ୍ୟନ୍ତ କଷ୍ଟସାଧ୍ୟ। ତେଣୁ, ବର୍ତ୍ତମାନ ସମୟରେ ଜାତୀୟ ଏକତା ନିହାତି ଆବଶ୍ୟକ, ଯେଉଁଠାରେ ବିବିଧତାକୁ କେବଳ ସହ୍ୟ କରାଯିବ ନାହିଁ, ବରଂ ମିଳିତ ଭାବେ ପାଳନ କରାଯିବ। ତାହା ହିଁ ହେବ ବିବିଧତାରେ ଏକତାର ଦେଶ ଭାବେ ଗଣା ହେଉଥିବା ଭାରତ ପ୍ରତି ପ୍ରକୃତ ସମ୍ମାନ ଓ ବିଭାଜନ ବିଭୀଷିକାରେ ପ୍ରାଣ ହରାଇଥିବା ଲକ୍ଷ ଲକ୍ଷ ଲୋକଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।

ବିଭାଜନ ବିଭୀଷିକାର ପୀଡ଼ିତଙ୍କ ପ୍ରତି ସମ୍ମାନ ଜଣାଇବାରେ ଓଡ଼ିଶା ମଧ୍ୟ ସାମିଲ ହୋଇଛି। ପ୍ରତିବର୍ଷ ଭୁବନେଶ୍ୱର ସମେତ ପୁରୀ, ସମ୍ବଲପୁର ଆଦି ବିଭିନ୍ନ ସ୍ଥାନରେ ପ୍ରଦର୍ଶନ ଓ କାର୍ଯ୍ୟକ୍ରମ ଆୟୋଜନ କରି ପ୍ରଭାବିତ ବ୍ୟକ୍ତିଙ୍କ ପ୍ରତି ସମ୍ମାନ ଦିଆଯାଉଛି। ଯଦିଓ ବିଭାଜନ ସମୟରେ ପଞ୍ଜାବ ଏବଂ ବଙ୍ଗରେ ଘଟିଥିବା ବିରାଟ ହିଂସାରୁ ଓଡ଼ିଶା ଅପେକ୍ଷାକୃତ ଭାବରେ ସୁରକ୍ଷିତ ଥିଲା, ତଥାପି ଓଡ଼ିଶାରେ ଅନେକ ଲୋକଙ୍କର କଷ୍ଟ, ସ୍ଥାନଚ୍ୟୁତ ହେବାର କାହାଣୀ ବିଶେଷ ଭାବେ ଲିପିବଦ୍ଧ ହୋଇପାରିନାହିଁ। ବିଭାଜନର ଭୟଙ୍କର ପରିଣତି ସମ୍ପର୍କରେ ଉତ୍ତର ପିଢ଼ିକୁ ସଚେତନ କରିବା ଲାଗି ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ କର୍ମଶାଳା, ପ୍ୟାନେଲ ଆଲୋଚନା ଆୟୋଜନ ହେବାର ଆବଶ୍ୟକତା ରହିଛି। ସଂଗ୍ରହାଳୟ ଓ ପାଠାଗାରଗୁଡ଼ିକରେ ସ୍ୱତନ୍ତ୍ର ସାଂସ୍କୃତିକ ସ୍ମାରକୀ ଓ ପ୍ରଦର୍ଶନୀ ଆୟୋଜନ ହେଲେ ଅଧିକରୁ ଅଧିକ ଲୋକ ସଚେତନ ହୋଇପାରିବେ। ସିନେମା, ନାଟକ, କଳାକୃତି ଜରିଆରେ ବିଭାଜନର ଭୟଙ୍କର ପରିଣତକୁ ଉଜାଗର କରିବାର ଆବଶ୍ୟକତା ରହିଛି।

ଯେତେବେଳେ ଭାରତ ବିଭାଜନ ଭୟାନକ ସ୍ମୃତି ଦିବସ କରୁଛି, ସେତେବେଳେ ଏହାର ଲକ୍ଷ୍ୟ ପୁରୁଣା ଘାଆକୁ ତାଜା କରିବା ନୁହେଁ, ବରଂ ଏହା ନିଶ୍ଚିତ କରିବା ଯେ ଲକ୍ଷ ଲକ୍ଷ ଲୋକଙ୍କର ତ୍ୟାଗ ବୃଥା ନ ଯାଉ। ସ୍ମୃତିର ଶିକ୍ଷା ଏକତା ଆଡକୁ ପଥ ଆଲୋକିତ କରିବା ଉଚିତ, ଘୃଣା ନୁହେଁ। ବିଭାଜନର ଭୟାନକ ଘଟଣାକୁ ସ୍ମରଣ କରି, ଭାରତ ଏକ ଭବିଷ୍ୟତ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନରାବୃତ୍ତି କରୁଛି ଯେଉଁଠାରେ କେହି ଘର ଛାଡିବାକୁ ବାଧ୍ୟ ହେବେ ନାହିଁ, ଯେଉଁଠାରେ ଆଲୋଚନା ବିଭାଜନ ଉପରେ ବିଜୟୀ ହେବ ଏବଂ ଯେଉଁଠାରେ ଅତୀତର ଭୁଲଗୁଡ଼ିକର କଦାପି ପୁନରାବୃତ୍ତି ହେବନାହିଁ। ୧୯୪୭ର କାହାଣୀ ବଂଚି ରହିବା ଉଚିତ। ପ୍ରତିଶୋଧର କାହାଣୀ ଭାବରେ ନୁହେଁ, ବରଂ ସ୍ଥିରତାର ପ୍ରମାଣ ଭାବରେ। ବିଭାଜନ ଭଳି ହୃଦୟ ବିଦାରକ ଘଟଣା ସେତେବେଳେ ଘଟେ ଯେତେବେଳେ ମଣିଷ ମାନବିକତାର ସାମୂହିକ ବନ୍ଧନକୁ ଚିହ୍ନିବାରେ ବିଫଳ ହୁଏ। ଯେଉଁଠାରେ ଏକ ଆତ୍ମ ଉନ୍ମାଦନାରେ ମଣିଷ ପଣିଆ ମରିଯାଏ। ଆସନ୍ତୁ ଏହି ବିଭାଜନ ବିଭୀଷିକା ଦିବସରେ ସଂକଳ୍ପ ନେବା, ଏଭଳି ଘଟଣାର ପୁନରାବୃତ୍ତି ହେବାକୁ ଦେବା ନାହିଁ। ବିଭାଜନ ଯନ୍ତ୍ରଣା ଭୋଗିଥିବା ଲୋକଙ୍କ ପ୍ରତି ସମବେଦନା ଜଣାଇବା, ସଚେତନ ହେବା ଏବଂ ସାହାଯ୍ୟ କରିବା। ଏହି ଘଟଣା ଆମ ପାଇଁ ଏକ ଇତିହାସର ବିଷୟ ନୁହେଁ, ଆମ ମାର୍ଗଦର୍ଶନ ପାଇଁ ଏକ ଆଲୋକ ଶିଖା ହେଉ। ତାହା ହିଁ ଆମର କାମନା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଅପରେସନ ସିନ୍ଦୂର...

ଲୋକାଭିମୁଖୀ କାର୍ଯ୍ୟ କରୁଛନ୍ତି। ୨୦୪୭ ସୁଦ୍ଧା ଭାରତ ବିଶ୍ୱର ଏଆଇ ହବ୍ ପାଲଟିବ। ସେ କହିଥିଲେ, ଲମ୍ବା ଉପନିବେଶବାଦଙ୍କ ଶାସନ ସମୟରେ ପିଢି ପର୍ଯ୍ୟନ୍ତ ସବୁ ଭାରତୀୟ ସ୍ୱାଧୀନତା ଦିବସକୁ ନେଇ ସ୍ୱପ୍ନ ଦେଖୁଥିଲେ। ଦେଶର ପ୍ରତିଟି କୋଣ ଅନୁକୋଣରେ ସମସ୍ତ ଭାରତୀୟ ବିଦେଶୀ ଶାସନର ଶୃଙ୍ଖଳକୁ ଭାଙ୍ଗିବାକୁ ଚାହୁଁଥିଲେ। ସେମାନଙ୍କ ସଂଘର୍ଷ ଅତୁଟ ଆଶାବାଦରେ ଭରି ରହିଥିଲା। ଯେଉଁଥିପାଇଁ ସ୍ୱାଧୀନତା ପରେ ବି ଦେଶର ବିକାଶ ଆଗକୁ ବଢି ଚାଲିଛି।


ଓଡିଶା ଭାସ୍କରର
ମା' ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ
ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ଓ ଅଭିନନ୍ଦନ।
ବିଜୟ କୁମାର ପଣ୍ଡା

ଓଡିଶା ଭାସ୍କରର
ମା' ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ
ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ଓ ଅଭିନନ୍ଦନ।
ସୁଧାକର ନାୟକ

ଓଡିଶା ଭାସ୍କରର
ମା' ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ
କୋରାପୁଟବାସୀଙ୍କୁ ଶୁଭେଚ୍ଛା
ଓ ଅଭିନନ୍ଦନ।

ରୂପକ କୁମାର ତୁରୁକ
(ରାଜ୍ୟ ସମ୍ପାଦକ, ଓଡିଶା ପ୍ରଦେଶ କଂଗ୍ରେସ କମିଟି)

ଓଡିଶା ଭାସ୍କରର
ମା' ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ
କୋରାପୁଟବାସୀଙ୍କୁ ଶୁଭେଚ୍ଛା
ଓ ଅଭିନନ୍ଦନ।

ଇଂ ଭେଙ୍କଟେଶ୍ୱର ମିଶ୍ର
(ବରିଷ୍ଠ ବୈଷୟିକ ପରାମର୍ଶ ଦାତା, ସମଗ୍ରଶିକ୍ଷା ଅଭିଯାନ, କୋରାପୁଟ)

ଓଡିଶା ଭାସ୍କରର
ମା' ତୁଝେ ସଲାମ୍
PRAGATI
ଜୈବିକ ଶ୍ରୀ Jaivik SRI
କୋରାପୁଟ ଜିଲ୍ଲାରେ ଦେଶୀ ଓ ସୁଗନ୍ଧିତ (ବାସ୍ନା) ଧାନ ଉତ୍ପାଦନ କରୁଥିବା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜୈବିକ ଶ୍ରୀ କୃଷକ ଉତ୍ପାଦନ କମ୍ପାନୀ ତରଫରୁ ହାର୍ଷିକ ଶୁଭେଚ୍ଛା। ପରିବର୍ତ୍ତୀତ ଜଳବାୟୁରେ ବିଶମୁକ୍ତ ଖାଦ୍ୟ ନିରାପତ୍ତା ନିମନ୍ତେ ଜୈବିକ ଚାଷ ଅପରିହାର୍ଯ୍ୟ ଅଟେ। ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ଜୈବିକ ଉପାୟରେ ଶ୍ରୀ ପ୍ରଣାଳୀ, ଧାଡ଼ିରୁଆ ବା ବୁଣା ପଦ୍ଧତି ଆପଣାଇ ବିଶ ମୁକ୍ତ ଖାଦ୍ୟ ନିରାପତ୍ତା ସହ ମାଟି ମା'ର ସୁରକ୍ଷା ସୁନିଶ୍ଚିତ କରନ୍ତୁ।
କୋରାପୁଟ ଜିଲ୍ଲାର ଚାଷୀ ଭାଇଭଉଣୀମାନେ ନିଜ ଉତ୍ପାଦିତ ଖାଦ୍ୟଶସ୍ୟ, କ୍ଷୁଦ୍ରଶସ୍ୟ ଇତ୍ୟାଦି ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବା ପାଇଁ ଚାହୁଁଥିଲେ ଯୋଗାଯୋଗ କରନ୍ତୁ।
ଜୈବିକ ଶ୍ରୀ ଉତ୍ପାଦନ କମ୍ପାନୀ
ପୂଜାରିପୁଟ କୋରାପୁଟ
୭୦୦୮୫୮୭୪୩୨, ୯୫୫୬୨୬୭୦୦୪

ଓଡିଶା ଭାସ୍କରର
ମା' ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ
କୋରାପୁଟବାସୀଙ୍କୁ ଶୁଭେଚ୍ଛା ଓ
ଅଭିନନ୍ଦନ।

ଶ୍ରୀମତୀ ପୂର୍ଣ୍ଣିମା ନାୟକ
(ରାଜ୍ୟ ସମ୍ପାଦିକା, ଭାରତୀୟ ଜନତା ପାର୍ଟି)

ଓଡିଶା ଭାସ୍କରର ଦୈନିକ ଖବର କାଗଜର 'ମା ତୁଝେ ସାଲାମ କାର୍ଯ୍ୟକ୍ରମ' ଏ ମାଟିର ସହିଦ ବରପୁତ୍ରଙ୍କ ପାଇଁ ଓ ତାଙ୍କ ପରିବାର ନିମନ୍ତେ ଶ୍ରଦ୍ଧାଞ୍ଜଳି ଓ ସାହାଯ୍ୟର ହାତ ବଢାଇବାର ଏକ ଅଭିନବ ପ୍ରୟାସ। ଏଥି ନିମନ୍ତେ ଖବର କାଗଜକୁ ଆମେ ଅନୁଷ୍ଠାନ ତରଫରୁ ସାଧୁବାଦ ଜଣାଇବାସହ ସମଗ୍ର ଭାରତବାସୀଙ୍କୁ ୭୯ ତମ ସ୍ୱାଧୀନତା ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ।


SATYANARAYAN GROUP OF INSTITUTIONS, MALKANGIRI
ANM, GNM, B.Sc Nursing, P.B.B.Sc Nursing, DMLT, +2 Sc, +3 Sc
Ph- 9437372437, 7684058213, 8458053062

ଓଡ଼ିଶା ଭାସ୍କରର
ମା ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ ଚଣ୍ଡିଖୋଲବାସୀଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ।

ସୁରେଶ ଚନ୍ଦ୍ର ପଣ୍ଡା
(ସଭାପତି, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ, ସଭାପତି ଜିଲ୍ଲା ଅଧିବକ୍ତା ପରିଷଦ, ଯାଜପୁର)

ଓଡ଼ିଶା ଭାସ୍କରର
ମା ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ ଚଣ୍ଡିଖୋଲବାସୀଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ।

ପ୍ରକାଶ କୁମାର ଦାଶ
(ସମ୍ପାଦକ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ, କାର୍ଯ୍ୟକାରୀ ସମ୍ପାଦକ, ନିଖିଳ ଓଡିଶା ଆଇନଜୀବୀ ସଂଘ)

ଓଡ଼ିଶା ଭାସ୍କରର
ମା ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ ଚଣ୍ଡିଖୋଲବାସୀଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ।

ଦେବରାଜ ବେହେରା
(ସରକାରୀ ଓକିଲ ଚଣ୍ଡିଖୋଲ କୋର୍ଟ, ଉପସଭାପତି ବାର ଆସୋସିଏସନ୍ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ)

ଓଡ଼ିଶା ଭାସ୍କରର
ମା ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ ବଡ଼ଚଣାବାସୀଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ।

ଅରବିନ୍ଦ ସାମଲ
(୧୯ ନଂ ଜୋନ୍ ଜିଲ୍ଲା ପରିଷଦ, ବଡ଼ଚଣା)

ମା ତୁଝେ ସଲାମ୍
ପବିତ୍ର ସ୍ୱାଧୀନତା ଦିବସ ଅବସରରେ 'ଓଡ଼ିଶା ଭାସ୍କର' ପକ୍ଷରୁ ଅନୁଷ୍ଠିତ 'ମା ତୁଝେ ସଲାମ' କାର୍ଯ୍ୟକ୍ରମ ପାଇଁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ସମସ୍ତ ସହୀଦ୍ ମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି। ଏଥି ସହିତ ମୋ ମଙ୍ଗଳପୁର ପଞ୍ଚାୟତର ସମସ୍ତ ଜନସାଧାରଣ ମାନଙ୍କୁ ଶୁଭେଚ୍ଛା ଜଣାଉଛି।

ଶ୍ରୀମତୀ ପୁଷ୍ପାଞ୍ଜଳି ଲେଙ୍କା
ସରପଞ୍ଚ, ମଙ୍ଗଳପୁର ଗ୍ରାମ ପଞ୍ଚାୟତ
ତିହିଡ଼ି ବ୍ଲକ, ଭଦ୍ରକ

ଓଡ଼ିଶା ଭାସ୍କର
ଶୁଭେଚ୍ଛା ବାର୍ତ୍ତା
"ଓଡ଼ିଶା ଭାସ୍କର"ର ମା' ତୁଝେ ସଲାମ ଅବସରରେ ତଥା ୭୯ତମ ସ୍ୱାଧୀନତା ଦିବସ ଅବସରରେ ସମସ୍ତ ନବରଙ୍ଗପୁର ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଶୁଭେଚ୍ଛା ସହ...
ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ୍
Address : At: KANSARIGUDA, NANDAHANDI ROAD DIST.: NABARANGPUR, ODISHA
ନର୍ସରୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ
+2 ବିଜ୍ଞାନ ଏବଂ +2 କଳା।
୨୦୨୫-୨୬ ନିମନ୍ତେ ପ୍ରବେଶ ଚାଲୁଅଛି
Contact No.: 7328009069, 8117077506 9938678986, 8658344870

ଓଡିଶା ଭାସ୍କରର
ମା' ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ
ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ଓ ଅଭିନନ୍ଦନ।
A WELL WISHER
ଯାଜପୁର

ଓଡ଼ିଶା ଭାସ୍କର The Odisha Bhaskar
ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ମା' ତୁଝେ ସଲାମ ତଥା ୭୯ତମ ସ୍ୱାଧୀନତା ଦିବସ ଅବସରରେ ସମସ୍ତ ବିରମିତ୍ରପୁର ନିର୍ବାଚନ ମଣ୍ଡଳୀ ବାସିନ୍ଦା ଓ ସୁନ୍ଦରଗଡ଼ବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମାଁ ତୁଝେ ସଲାମ୍

ଶ୍ରୀଯୁକ୍ତ ଶଙ୍କର ଓରାମ
ମାନ୍ୟବର ପୂର୍ବତନ ବିଧାୟକ, ବିରମିତ୍ରପୁର

ମାଁ ତୁଝେ ସଲାମ୍
Expo Event Management Group
(Leading Exhibition Organiser)
Wishes
Happy Independence Day
to all the Traders & Business Holders of India.

Lina Nayak, Director
SK. Anar, Event Manager
Zahid Hussain, Event Manager

ଓଡ଼ିଶା ଭାସ୍କର The Odisha Bhaskar
ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଭାସ୍କରର ମା' ତୁଝେ ସଲାମ ତଥା ୭୯ତମ ସ୍ୱାଧୀନତା ଦିବସ ଅବସରରେ ସମସ୍ତ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ବାସିନ୍ଦା ଓ ସୁନ୍ଦରଗଡ଼ବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମାଁ ତୁଝେ ସଲାମ୍

ଶ୍ରୀଯୁକ୍ତ ଦୁର୍ଗା ଚରଣ ତନ୍ତୀ
ମାନ୍ୟବର ବିଧାୟକ, ରଘୁନାଥପାଲ୍ଲୀ

ଓଡିଶା ଭାସ୍କରର
ମା' ତୁଝେ ସଲାମ୍
କାର୍ଯ୍ୟକ୍ରମ ଅବସରରେ
ରାୟଗଡ଼ାବାସୀଙ୍କୁ ଶୁଭେଚ୍ଛା ଓ
ଅଭିନନ୍ଦନ।

ମହେଶ ପଟ୍ଟନାୟକ
(ଅଧ୍ୟକ୍ଷ, ରାୟଗଡ଼ା ମ୍ୟୁନିସିପାଲିଟି)

ମା ତୁଝେ ସଲାମ୍
ପବିତ୍ର ସ୍ୱାଧୀନତା ଦିବସ ଅବସରରେ 'ଓଡ଼ିଶା ଭାସ୍କର' ପକ୍ଷରୁ ଅନୁଷ୍ଠିତ 'ମା ତୁଝେ ସଲାମ' କାର୍ଯ୍ୟକ୍ରମ ପାଇଁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ସମସ୍ତ ସହୀଦ୍ ମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି। ଏଥି ସହିତ ତିହିଡ଼ି ବ୍ଲକର ସମସ୍ତ ଜନସାଧାରଣ ମାନଙ୍କୁ ଶୁଭେଚ୍ଛା ଜଣାଉଛି।

ଶ୍ରୀଯୁକ୍ତ ନିରଂଜନ ବାରିକ
ଗୋଷ୍ଠି ଉନ୍ନୟନ ଅଧିକାରୀ
ତିହିଡ଼ି ବ୍ଲକ, ଭଦ୍ରକ



ନୂଆଦିଲ୍ଲୀ: ଭାରତ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଆସିମ ମୁନୀରଙ୍କ ଭାରତ ବିରୋଧୀ ବୟାନକୁ ତୀବ୍ର ନିନ୍ଦା କରିଛି। କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, 'ପାକିସ୍ତାନୀ ନେତୃତ୍ୱରୁ ଭାରତ ବିରୋଧୀ ବେପରୁଆ, ଯୁଦ୍ଧ ଉସକାଇବା ଓ ଘୃଣାଜନକ ମନ୍ତବ୍ୟର ଏକ ନିରନ୍ତର ଧାରା ଦେଖାଯାଉଛି। ନିଜର ବିଫଳତା ଲୁଚାଇବା ପାଇଁ ଏହା ପାକିସ୍ତାନର ଏକ ଜଣାଶୁଣା କୌଶଳ।' ସେ ଚେତାବନୀ ଦେଇଛନ୍ତି ଯେ, 'ଯେକୌଣସି ଅଭିସନ୍ଧିରେ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ, ଯେପରି ନିକଟରେ ଦେଖାଯାଇଥିଲା।' ଏହି ବୟାନ ମେ ମାସରେ ହୋଇଥିବା ସାମରିକ ଉତ୍ତେଜନାକୁ ଉଲ୍ଲେଖ କରୁଛି, ଯେତେବେଳେ ଭାରତ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଆତଙ୍କୀ ଶିବିରକୁ ଟାର୍ଗେଟ କରିବା ପରେ ପାକିସ୍ତାନର ଡ୍ରୋନ ଓ ମିସାଇଲ ଆକ୍ରମଣର ଦୃଢ଼ ଜବାବ ଦେଇଥିଲା।









ଶୁଭେଚ୍ଛା ବାର୍ତ୍ତା

'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ କୋରାପୁଟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



ପ୍ରଶାନ୍ତ କୁମାର ପାତ୍ର

ଓକିଲ ଓ ନୋଟାରୀ, କୋରାପୁଟ




ଶୁଭେଚ୍ଛା ବାର୍ତ୍ତା

'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଚିତ୍ରକୋଣ୍ଡାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



ମଞ୍ଜୁ ଖିଲ

ଚିତ୍ରକୋଣ୍ଡା ବିଧାୟକ

ଶୁଭେଚ୍ଛା ବାର୍ତ୍ତା



୭୯ତମ ସ୍ୱାଧୀନତା ଦିବସ ତଥା ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବ୍ୟାସନଗରର ସମସ୍ତ ମା, ମାଉସୀ, ଭାଇଭଉଣୀଙ୍କୁ ଆନ୍ତରିକ ଶୁଭେଚ୍ଛା ଏବଂ ଓଡ଼ିଶା ଭାସ୍କରର 'ମା ତୁଝେ ସଲାମ' ଅବସରରେ ବ୍ୟାସନଗର ବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



ସୁବାସ ଚନ୍ଦ୍ର ବଳ

ଅଧ୍ୟକ୍ଷ ବ୍ୟାସନଗର ପୌରପାଳିକା, ବ୍ୟାସନଗର, ଯାଜପୁର ରୋଡ, ଯାଜପୁର




ଶୁଭେଚ୍ଛା ବାର୍ତ୍ତା

'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଚିତ୍ରକୋଣ୍ଡାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



ହେମନ୍ତ କୁମାର ଭୂୟାଁ

ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ, ପଂଚାୟତ ସମିତି, ଚିତ୍ରକୋଣ୍ଡା

ଶୁଭେଚ୍ଛା ବାର୍ତ୍ତା

'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ କୋରେଇ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଏବଂ 'ଓଡ଼ିଶା ଭାସ୍କର'ର ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



ଅକ୍ଷୟ କୁମାର ସାମଲ

ସମାଜସେବୀ, କୋରେଇ ନିର୍ବାଚନ ମଣ୍ଡଳୀ, ଯାଜ୍‌ପୁର ଜିଲ୍ଲା




## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ:

MMJJM

ରାଜ୍ୟରେ ଜନଜାତି ମାନଙ୍କର ବିକାଶ ତଥା ଜନଜାତି ସମ୍ପ୍ରଦାୟର ଜୀବିକାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ" କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଦିବାସୀ କୃଷକ ଏବଂ ସେମାଙ୍କର ଅନୁଷ୍ଠାନ ଗୁଡିକ ସହ ଓତଃପ୍ରୋତ ଭାବେ କାର୍ଯ୍ୟକରି, ସେମାନଙ୍କୁ କୃଷି ଓ ଅଣକୃଷି କାର୍ଯ୍ୟକ୍ରମରେ ନିୟୋଜିତ କରି ଆୟବୃଦ୍ଧି କରିବା ଏହାର ମୂଳ ଲକ୍ଷ୍ୟ।





ସୁନ୍ଦରଗଡ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ୯ ଟି ବ୍ଲକରେ ୪୧ ଟି ଜନଜାତି ଜୀବିକା ପରିଷଦ ଗଠନ କରାଯାଇ ଆଦିବାସୀ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାରର ବିହନ ଯଥା- ଆଳୁ, ପିଆଜ, ଲଙ୍କା, ବିଲାତି-ବାଇଗଣ, ବାଇଗଣ, ଫୁଲକୋବି, ସୋରିଷ, ଭେଣ୍ଡି, କଲରା, ମକା, ମଧୁର ମକା, ଶିମିଲା ଲଙ୍କା, ତରଭୁଜ, ମଟର ଚଣା, ବାଦାମ, ହରଡ, ବିରି ଓ କୋଳଥ ଚାଷ କରିବାପାଇଁ ଦିଆଯାଇଛି। ବିହନସାଥିରେ ଜୈବିକସାର, ଅଣୁସାର, ବିଶୋଧକ (ଟ୍ରାଇକୋଡର୍ମା) ଓ କୀଟନାଶକ ଭାବରେ ନିମ୍ବତେଲ ଦିଆଯାଇଛି। ଚାଷୀମାନେ ଏହି ବିହନ ସବୁ ବିନା ମୂଲ୍ୟରେ ପାଇ ଉତ୍ପାଦିତ ଫସଲକୁ ବିକ୍ରିକରି ତାଙ୍କର ଆର୍ଥିକ ସ୍ଥିତି ସୁଦୃଢ କରିପାରୁଛନ୍ତି।





୪୧ ଟି ପରିଷଦ ୪୧ ଗୋଟି ଜନଜାତି ସାଥି ଓ ୧୫୭ ଗୋଟି ଯୁବ ଲଘୁ ଉଦ୍ୟୋଗୀ ଚୟନ କରାଯାଇଛି। ଜଣକୁ ୧୦୦୦୦୦ ଲକ୍ଷ ଟଙ୍କା ହିସାବରେ ୧୫୭୦୦୦୦୦ ଲକ୍ଷ ଟଙ୍କା ବିଭିନ୍ନ ଲଘୁ ଉଦ୍ୟୋଗ ସ୍ଥାପନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି।










ଶୁଭେଚ୍ଛା ବାର୍ତ୍ତା

୭୯ତମ ପବିତ୍ର ସ୍ୱାଧିନତା ଦିବସରେ ଓଡ଼ିଶା ଭାସ୍କରର ମା' ତୁଝେ ସଲାମ କାର୍ଯ୍ୟକ୍ରମକୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସମସ୍ତ ସହିଦ ମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଉଛି। ଆସନ୍ତୁ ଆମେ ସମସ୍ତେ ଏକ ହୋଇ ବ୍ୟାସନଗର ଓ ଯାଜପୁରକୁ ଆଦର୍ଶ ଜିଲ୍ଲା ଓ ଆଦର୍ଶ କ୍ରୀଡାକ୍ଷେତ୍ର କରିବାର ଶପଥ ନେବା।



ରସାନନ୍ଦ ମହାନ୍ତି (ରସା ଭାଇ)

ପୂର୍ବତନ ଅଧ୍ୟକ୍ଷ, ବ୍ୟାସନଗର ପୌର ପାଳିକା ଓ ଆଥଲେଟିକ ଆସୋସିଏସନର କାର୍ଯ୍ୟାକାରୀ ସଭାପତି, ଯାଜପୁର




ଶୁଭେଚ୍ଛା ବାର୍ତ୍ତା

'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ ଅବସରରେ ଯାଜପୁର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



ଦୀପକ୍ କୁମାର ବାରିକ

ଯୁବ ଆଇନଜୀବୀ, ଆସିଷ୍ଟାଣ୍ଟ ସେକ୍ରେଟାରି, ଟ୍ୟାକ୍ସ ବାର ଆସୋସିଏସନ୍, ଯାଜପୁର ଜିଲ୍ଲା

# ନାବାଳିକା ମୃତ୍ୟୁକୁ ନେଇ ୫ ଜଣଙ୍କ ନାମରେ ହତ୍ୟାକାଣ୍ଡ ମାମଲା

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ଜୈନିକ ନାବାଳିକାଙ୍କୁ ହତ୍ୟା କରାଯାଇଥିବା ନାବାଳିକାଙ୍କର ମାଆ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ୫ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମୃତ ନାବାଳିକାର ମାଆ ଦାବି କରିଛନ୍ତି । ଏହାକୁ ନେଇ ଏବେ ଦ୍ୱନ୍ଦ୍ୱ ଜୋର ଧରିଥିବା ବେଳେ ବଳଙ୍ଗା ପରେ ନିମାପଡ଼ାରେ ନାବାଳିକା ମୃତ୍ୟୁ ଘଟଣା ଏବେ ଚାଂଚଲ୍ୟ ଖେଳାଇ ଦେଇଛି । ମିଳିଥିବା ସୂଚନା ଅନୁଯାୟୀ, ଗଡ଼ତୋରିହିଁ ଗ୍ରାମର ମାନସ ପ୍ରଧାନ (୪୫) ନାମକ ବ୍ୟକ୍ତି କୋଣାର୍କ ଅଂଚଳରେ ବିବାହ କରିଥିଲେ । ବିବାହ ପରେ ପ୍ରଥମ ପତ୍ନୀଙ୍କ ଔରସ୍ୟରୁ ଗୋଟିଏ ଝିଅ ଓ ପୁଅ ଜନ୍ମ ନେଇଥିଲେ । ମାତ୍ର ମାନସ ଏକ ଯୁବତୀ ପ୍ରେମରେ ପଡ଼ି ପତ୍ନୀଙ୍କୁ ଗାଳି ଗୁଲଜ କରିବା ସହ ରହୁଥିବା କୋଣାର୍କ ମାଧିପୁରରୁ ରାତି ଅଧରେ ଯୁବତୀଙ୍କୁ ଧରି ଚମ୍ପଟ ମାରିଥିଲେ । ଗତ ୧୩ ତାରିଖରେ ଅଣ୍ଟିଆ ସାହିରେ ରହୁଥିବା ମାନସ ପ୍ରଧାନଙ୍କ ୧୪ ବର୍ଷର ଝିଅ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କହି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡ଼ାକ୍ତର ମୃତ ଘୋଷଣା କରି ପୋଲିସକୁ ଜଣାଇବା ପରେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । ବ୍ୟବଚ୍ଛେଦ ପରେ ନାବାଳିକାଙ୍କୁ ତାଙ୍କ ବାପା ଓ ସାବତ ମାଆ ଆଣି ପୋଡ଼ି ଦେଇଥିବା ବେଳେ ନିମାପଡ଼ା ଥାନାରୁ ଜଣେ ଏଏସ୍ଆଇ ଫୋନ୍ ଯୋଗେ ତୁମର ଝିଅ ମରି ଯାଇଛି କହି ଝିଅର ମାଆ ସତ୍ୟଭାମାଙ୍କୁ ଜଣାଇ ଥିଲେ । ସତ୍ୟଭାମା ଗତ ୧୩ ତାରିଖ ଆନୁମାନିକ ରାତ୍ର ୧୦ଟା ପରେ ଥାନାରେ ପହଂଚି ତାଙ୍କ ଝିଅକୁ ସାବତ ମାଆ ଖୁସି ରାଓ, ଦେଢ଼ଶୁର ଶଙ୍ଖୁଆ ପ୍ରଧାନ, ଯାଆ ଝିଲ୍ଲି ପ୍ରଧାନ, ସ୍ୱାମୀ ମାନସ ପ୍ରଧାନ, ଶାଶୁ ତୁଳସୀ ପ୍ରଧାନ ମାରି ଦେଇଥିବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣାରେ ଥାନା କେସ୍ ନଂ-୨୫୯/୨୫, ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧)ରେ ମାମଲା ରୁଜୁ କରିଥିବା ବେଳେ ଗୁରୁବାର ମଧାହ୍ନ ସମୟରେ ନାବାଳିକାର ମାଆ ସତ୍ୟଭାମା ପହଂଚି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅଡ଼ି ବସିଛନ୍ତି । ଝିଅ ଗଡ଼ତୋରିହିଁରେ ଥିବା ବେଳେ କିପରି ନିମାପଡ଼ା ଆସିଲେ ଝିଅର ମାଆ ଜବାବ୍ ମାଗିଛନ୍ତି । ଏହି ଘଟଣାରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି । ବଳଙ୍ଗା ପରେ ଏପରି ଘଟଣା ନିମାପଡ଼ାରେ ଘଟିଥିବା ବେଳେ ତାହା ଚାଂଚଲ୍ୟ ସୃଷ୍ଟି କରିଛି ।

## ପୃଥକ୍ ଦୁର୍ଘଟଣାରେ ୩ ଗୁରୁତର

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା-କାକଟପୁର ମୁଖ୍ୟ ରାସ୍ତା ତୁଳସୀପୁର ବଜାର ଓ ଅମରେଶ୍ୱର ଛକ ନିକଟରେ ଦୁଇଟି ଦୁର୍ଘଟଣା ଘଟି ତିନିଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଆହତମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ ଚାରିଛକ ଥାନା ପୋଲିସ ପହଂଚି ଘଟଣାର ଅନୁସନ୍ଧାନ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ସମୟରେ ନିମାପଡ଼ା-କାକଟପୁର ମୁଖ୍ୟ ରାସ୍ତା ତୁଳସୀପୁର ଲକ୍ଷ୍ମୀ ବଜାର ନିକଟରେ ଚାରିଛକ ପଟୁ ଯାଉଥିବା ଏକ କାର୍ ଓଡ଼ି-୦୫କେ-୦୫୦୧ ବିପରୀତ ପଟୁ ଆସୁଥିବା ଏକ ବୁଲେଟ୍ ବାଇକ୍ ଓଡ଼ି-୦୨ସିଏକ୍ସ-୦୩୮୬ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ବୁଲେଟ୍ ଚାଳକ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ପିଚୁକୁଳି ସାନବାଡ଼ ଗ୍ରାମର ସୟ ମହାନ୍ତି (୨୮) ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । ସେହିପରି ଗଡ଼ଅମରପ୍ରସାଦ ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ବସ୍ ନାମ ରାଉତରାଣୀ ନମ୍ବର ଓଡ଼ି-୨୧କେ-୪୧୩୯ ସହିତ ଏକ ଟାଟା ଏସି ଗାଡ଼ି ନମ୍ବର ଓଡ଼ି-୦୨ବିୟୁ-୫୫୭୮ ସହ ଧକ୍କା ହେବା ପରେ ବସ୍‌ର ଜଣେ ମହିଳା ଯାତ୍ରୀ ଯାହାଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଅଠାନ୍ତର ଅଂଚଳର ବିନୋଦି ବସ୍ତିଆ (୪୭), କାକଟପୁର ଲତାହରଣ ଗ୍ରାମର ବସ୍‌ର ହେଲପର ମୁତୁଜା ଖାଁ (୨୮) ଗୁରୁତର ଆହତ ହୋଇ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ପଠା ଯାଇଛି । ଚାରିଛକ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଗାଡ଼ିକୁ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି ।

## ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ଶହୀଦ ମାନଙ୍କୁ ସମ୍ମାନ ଜଣାଇବା, ସିନ୍ଦୂରର ସଫଳତା, ବୀର ଜବାନ୍‌ମାନେ ଦେଶର ଗର୍ବ । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦେଶବାସୀ ଓ ବୀର ଜବାନ୍‌ଙ୍କ ଉଦ୍ଦେଶ୍ୟରେ ଏହାକୁ ନେଇ ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା ଓ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟକ କର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ । ହରିପୁର ଠାରୁ ଶୋଭାଯାତ୍ରା ବାହାରି ଖେଲାର ବଜାର ଦେଇ ପିପିଲି-ନିମାପଡ଼ା ମୁଖ୍ୟରାସ୍ତାରେ ଶୋଭାଯାତ୍ରା କରାଯାଇଥିବା ବେଳେ ନିମାପଡ଼ା ଦୋଳବେଦୀ ଛକ ଠାରେ ଶୋଭାଯାତ୍ରା ପହଂଚିବା ପରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ମାନୀତ କରିଥିଲେ । ଏହି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶୋଭାଯାତ୍ରାରେ ବାହାରି ଥିବା ବେଳେ ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ଯଚିନ୍ଦ୍ର ସ୍ୱାଇଁ, କାଉନସିଲର ତଥା ବିଜେପି ନଗର ସଭାପତି ନିରନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଶାସନ ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରନ ନାୟକ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀଙ୍କ ସମେତ ସବୁ ସରକାରୀ ଅଧିକାରୀମାନେ ସମ୍ବର୍ଦ୍ଧନା ଦେଇଥିଲେ । ଅନେକ ସ୍କୁଲ, କଲେଜର ଛାତ୍ରଛାତ୍ରୀମାନେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ପାଇ ବେଶ୍ ଆନନ୍ଦ ଅନୁଭବ କରିଥିଲେ । ପରେ ଏହି ଶୋଭାଯାତ୍ରା ଗୋପ ଅଭିମୁଖେ ବାହାରି ଯାଇଥିଲା । ପ୍ରତ୍ୟେକ ପରିବାର ସ୍ୱାଧୀନତା ଦିବସରେ ନିଜ ଘର ଆଗରେ ତ୍ରିରଙ୍ଗା ପତାକା ଲଗାଇବା ପାଇଁ ଆହ୍ୱାନ ଦେଇଛନ୍ତି ।



















































कोयला मंत्रालय
MINISTRY OF COAL
MCL
ଆମକୁ ସ୍ୱାଧୀନତା ଆଣିଦେଇଥିବା
ଶହୀଦମାନଙ୍କୁ କୋଟି କୋଟି ପ୍ରଣାମ
୭୯ତମ
ସ୍ୱାଧୀନତା ଦିବସ
ଅବସରରେ ହାର୍ଦ୍ଦିକ ଅଭିନନ୍ଦନ
ରାଷ୍ଟ୍ରର ସେବାରେ ଉତ୍ସର୍ଗୀକୃତ 24X7
ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉପକ୍ରମ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅନୁଷଙ୍ଗୀ କଂପାନୀ)
ଜାଗୃତି ବିହାର, ବୁର୍ଲା, ଜିଲ୍ଲା: ସମ୍ବଲପୁର-୭୬୮୦୨୦ (ଓଡ଼ିଶା)
@mahanadicoal | www.mahanadicoal.in


JINDAL PANTHER TMT REBARS
HAMESHA KE LIYE
Your home is your legacy, where your memories, dreams and hopes all live on. Jindal Panther TMT Rebars are strong from the outside, yet flexible on the inside, and they ensure excellent bonding with cement to make your house sturdy and resilient, increasing its longevity substantially. So your family has a home it loves, for a long, long time.
SACCHE SARIYE KI PEHCHAN
JINDAL PANTHER KA NISHAAN
ADVANTAGES OF JINDAL PANTHER TMT REBARS
4-6% Savings on steel
Excellent controlled chemistry
Excellent bonding with cement
Earthquake resistant
Excellent bendability
Superior weldability
India's First and Largest Producer of Fe 550D TMT Rebars
A PRODUCT OF JINDAL STEEL
@JindalPanther JindalPanther jindal-panther
Contact us: shop.jindalpanther.com
Toll free number on 1800 208 2008


ସବୁ ଦେଶବାସୀଙ୍କୁ
୭୯ତମ ସ୍ୱାଧୀନତା ଦିବସର
ହାର୍ଦ୍ଦିକ ଶୁଭ କାମନା
Government of India
ଯଦି ଆଜି ଦୁନିଆ ଭାବୁଛି ଯେ, ଭାରତ ଏକ ବଡ଼ ଲମ୍ଫ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି, ତେବେ ତା ପଛରେ ୧୧ ବର୍ଷର ଶକ୍ତିଶାଳୀ ଲଞ୍ଚପ୍ୟାଡ୍ ଅଛି।
-ନରେନ୍ଦ୍ର ମୋଦୀ
CBC 46101/13/0016/2526
ଲାଲକିଲ୍ଲା ପ୍ରାଚୀରରୁ ସ୍ୱାଧୀନତା ଦିବସ ସମାରୋହର ସିଧା ପ୍ରସାରଣ ପ୍ରାତଃ ୬ଟା ୩୦ରୁ ଦୂରଦର୍ଶନ ନେଟୱାର୍କରେ



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୬ Vol. 22 No-136 15 AUGUST 2025 FRIDAY, BHUBANESWAR ଶୁକ୍ରବାର, ୧୫ ଅଗଷ୍ଟ ୨୦୨୫ ପୃଷ୍ଠା-୮ + ୮ ମୂଲ୍ୟ: ୭.୦୦





# ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷ**ରୁ **୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୬୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୬୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୬୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

DADLS -41

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR 15001/13/0954/2526



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍):କେନ୍ଦ୍ରାପଡାର ବରିଷ୍ଠ ବିଜେପି ସଂଖ୍ୟାଲଘୁ ନେତା ମହମ୍ମଦ ସଲିମ ଖାନଙ୍କ ମା' ସୁରମନ ବିବି(୭୦)ଙ୍କର ପୌରାଞ୍ଚଳ ଅନ୍ତର୍ଗତ ଫକିରାବାଦସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ଭାବେ ସାଧାରଣରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଜନାଜା ନମାଜ ପାଠରେ ହଜାର ହଜାର ଲୋକ ସାମିଲ ହୋଇଥିଲେ । ତାଙ୍କୁ ମେହେମୁଦାବାଦ କବରସ୍ଥାନରେ ସମାଧି ଦିଆଯାଇଛି । ଶେଷକୃତ୍ୟରେ ଜ୍ୟେଷ୍ଠପୁତ୍ର ମହମ୍ମଦ ସଲିମ ଖାନ, ମଝିଆ ପୁଅ ହଲିମ୍ ଖାନ, ସାନପୁଅ କଲିମ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

ମା ତୁଝେ ସଲାମ

ପ୍ରଗତିପଥେ ନିୟନ୍ତ୍ରିତ ବଜାର କମିଟି, ଗୁଣପୁର

ଏହି ଅବସରରେ କୃଷକ ଭାଇ ଓ ଭଉଣୀ ମାନଙ୍କୁ ଶୁଭେଚ୍ଛା ଜଣାଉଛୁ । ଆସନ୍ତୁ, ସମସ୍ତେ ମିଳିମିଶି ସଂସ୍ଥାର ଉନ୍ନତି ଓ ସମୃଦ୍ଧି କାମନା କରିବା ।

RMC, ପରିବାର

## ଜରୁରୀ ସୂଚନା (Professional Tax)
## ପ୍ରଫେସନାଲ୍ କର – ତୁରନ୍ତ ଦେୟ

**ସମସ୍ତ GST ଆଇନ ଅନୁଯାୟୀ ନିବନ୍ଧିତ କରଦାତାଙ୍କୁ ସୂଚନା —**

ବିତ୍ତୀୟ ବର୍ଷ 2025-26 ପାଇଁ ପ୍ରଫେସନାଲ୍ କରର ଦେୟ ତାରିଖ 30 ଜୁନ 2025 ଥିଲା। ଯେଉଁମାନେ ଏପର୍ଯ୍ୟନ୍ତ କର ଦେଇନାହାନ୍ତି, ସେମାନଙ୍କୁ ଅନୁରୋଧ — ତୁରନ୍ତ ₹2500/- ଜମା କରନ୍ତୁ ନହେଲେ ଜରିମାନା ଏବଂ ସୁଧ ଲାଗିବ।

ଏହାସହ ଯେଉଁମାନେ ପୂର୍ବତନ ବିତ୍ତୀୟ ବର୍ଷଗୁଡ଼ିକର ପ୍ରଫେସନାଲ୍ କର ଦେଇନାହାନ୍ତି, ସେମାନେ ଜରିମାନାରୁ ବଞ୍ଚିବା ପାଇଁ ସ୍ୱତଃପ୍ରବୃତ୍ତ ଭାବରେ ତୁରନ୍ତ ବକେୟା ଦେୟ ଦେଇଦିଅନ୍ତୁ।

**ସୌଜନ୍ୟ:** ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ମଣ୍ଡଳ, ମାଲକାନଗିରି (CT & GST Circle, Malkangiri)

## ଜିଲ୍ଲା ପରିଷଦ କାର୍ଯ୍ୟାଳୟ,ମାଲକାନଗିରି

ପୋଷ୍ଟ/ଜିଲ୍ଲା: ମାଲକାନଗିରି : ୭୬୪୦୪୮
ଦୂରଭାଷ ସଂଖ୍ୟା: ୦୬୮୦୧-୨୩୦୪୦୯
ଫାକ୍ସ ସଂଖ୍ୟା : ୦୬୮୦୧-୨୩୦୨୬୯
ଇ-ମେଲ : ori-dmalkangiri@nic.in

ଆର୍ଥିକ ବର୍ଷ ୨୦୨୪-୨୫ ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନେକ ମହତ୍ୱପୂର୍ଣ୍ଣ ପ୍ରକଳ୍ପ ଚାଲୁଥିଲେ ବି, ଏହି ଯୋଜନାର ପ୍ରତ୍ୟକ୍ଷ ଫଳ ଦେଖିବାକୁ ମିଳିଛି। ପ୍ରଥମେ, ମୋଟ ୧୪୨୭୧.୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା, ଯାହାର ଫଳସ୍ୱରୂପ ୩୬୬୫୧୧୭ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ଏହି ଯୋଜନା ଅନେକ ପଞ୍ଚାୟତରେ ଚାଲିଛି, ଯେଉଁଠାରେ ଦିନକୁ ୧୬୫ ଜଣ ଲୋକ ନିୟୋଜିତ ହୋଇଛନ୍ତି।

ଅନେକ ପ୍ରକଳ୍ପ ଏବଂ କାର୍ଯ୍ୟ ବିଭିନ୍ନ ଜନସାଧାରଣ ମଧ୍ୟରେ ଉନ୍ନତି ଆଣିଛି। ଏହାର ଉଦାହରଣ ସ୍ୱରୂପ, ଗାଈ ଗୁହାଳ, ରାସ୍ତା, ଚେକଡ୍ୟାମ, ଫୀଲ୍ଡ ଚାନେଲ, ପୋଖରୀ, ଓ ପଥର ବନ୍ଧ ଯେମିତି ଗାଁ ଉନ୍ନତି ପ୍ରକଳ୍ପରେ ସେବା ଦେଉଛି। ଏହି ସମସ୍ତ କାର୍ଯ୍ୟ ସ୍ଥାନୀୟ ଲୋକଙ୍କ ପାଇଁ ସହାୟକ ଓ ଉତ୍ତରାଧିକ ପରିବାରର ସାଧାରଣ ସେବା ସୃଷ୍ଟି କରିଛି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ୨୦୨୫-୨୬ ଆର୍ଥିକ ବର୍ଷରେ ଅଦ୍ୟାବଧିର ସଫଳତା ଫଳସ୍ୱରୂପ:

1. ୧୯୮୩୦୯ ଜଣ ଲୋକର ଆର୍ଥିକ ସୁଧାର:
   - ଏହି ଯୋଜନା ଆର୍ଥିକ ସୁଧାର ପାଇଁ ସହଯୋଗ ପ୍ରଦାନ କରିଛି। ଅଦ୍ୟାବଧି ୨୮୫୬.୯୯ ଲକ୍ଷ ଟଙ୍କା ପରିଶ୍ରମିକ ଦେୟ ସ୍ଥାନୀୟ ବ୍ୟାଙ୍କ ଖାତାକୁ ପଠାଯାଇଛି।
2. ସାଧାରଣ ପରିବାର ପାଇଁ ୧୦୦ ଦିନର କର୍ମ ସୃଷ୍ଟି:
   - ଏହି ଯୋଜନାରେ ୨୪୭ ଗୋଟି ପରିବାରକୁ ୧୦୦ ଦିନର କର୍ମ ଦିଆଯାଇଛି, ଯାହା ପ୍ରତିଟି ପରିବାରକୁ ନିଜ ସ୍ଥାନରେ ଆର୍ଥିକ ଦୃଢତା ଆଣିଛି।
3. ସମୁଦାୟ ଏବଂ ପରିବାର ସହଯୋଗ:
   - ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମୁଦାୟ ଉନ୍ନତି ଆଣିଛି ଓ ସ୍ଥାନୀୟ ଜନସାଧାରଣକୁ ସଂକଟ ସମୟରେ ଆର୍ଥିକ ସମର୍ଥନ ଦେଉଛି। ଏହାର ଫଳସ୍ୱରୂପ, ପଞ୍ଚାୟତ ସ୍ତରରେ ସ୍ଥାୟୀ ଶ୍ରମ ଦିବସ ସୃଷ୍ଟି ହୋଇଛି।

ଆଗକୁ ଯାଇ, ଆହୁରି ସଫଳତାରେ ଏହି ଯୋଜନା ସ୍ଥାୟୀ ଉନ୍ନତି ଆଣିବାକୁ ଆଗ୍ରହୀ।

ମୁଖ୍ୟ ଉନ୍ନୟନ ଅଧିକାରୀ –ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ ,
ଜିଲ୍ଲା ପରିଷଦ ,ମାଲକାନଗିରି

## ନବରଙ୍ଗପୁର ବନଖଣ୍ଡ ତରଫରୁ କିଛି ସୂଚନା :
## ଭାଲୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ

୧ . ଜଙ୍ଗଲକୁ ଏକୁଟିଆ ଯାଆନ୍ତୁ ନାହିଁ ।

୨ . ଯଦି ଜଙ୍ଗଲକୁ ଏକୁଟିଆ ଯାଉଛନ୍ତି, ତେବେ ସାଙ୍ଗରେ ଗୋଟିଏ ବାଉଁଶ ବାଡି ଏବଂ ଶବ୍ଦ କରିବା ପାଇଁ ଘଣ୍ଟି କିମ୍ବା ହୁଇସିଲ ନେଇ ଯାଆନ୍ତୁ ।

୩. ଜଙ୍ଗଲକୁ ଯିବା ସମୟରେ ଦଳବଦ୍ଧ ହୋଇ କିମ୍ବା ପରିବାର ସହିତ ଏକାଠି ହୋଇ ଯାଆନ୍ତୁ ।

୪. ଜଙ୍ଗଲକୁ ଏକୁଟିଆ କେନ୍ଦୁପତ୍ର ତୋଳିବା ପାଇଁ ଯାଆନ୍ତୁ ନାହିଁ ।

୫ . ସର୍ବଦା ଦଳବଦ୍ଧ ହୋଇ କେନ୍ଦୁପତ୍ର ତୋଳିବା ପାଇଁ ଯାଆନ୍ତୁ ।

୬ . ରାତ୍ରି କିମ୍ବା ସୂର୍ଯ୍ୟ ଉଦୟ ପୂର୍ବରୁ ଜଙ୍ଗଲକୁ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଯାଆନ୍ତୁ ନାହିଁ ।

୭ . ସୂର୍ଯ୍ୟ ଉଦୟ ପରେ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଯାଆନ୍ତୁ ଏବଂ ଅନ୍ୟ ଜଣେ ସେ ସମୟରେ ଆପଣଙ୍କ ଉପରେ ଓ ଚତୁଃପାର୍ଶ୍ୱକୁ ଦୃଷ୍ଟିରେ ରଖନ୍ତୁ ।

୮ . ରାତ୍ରି ସମୟରେ ଏକୁଟିଆ ଜଙ୍ଗଲକୁ ଯାଆନ୍ତୁ ନାହିଁ ।

୯ . ଯଦି ଜଙ୍ଗଲରେ ଯିବା ସମୟରେ ଭାଲୁ ଅତିକ୍ରମ କରିବାରେ ଦେଖନ୍ତି ତେବେ ଆଗକୁ ନଯାଇ ଧୀରେ ଧୀରେ ପଛକୁ ଫେରନ୍ତୁ ।

୧୦ . ଜଙ୍ଗଲରେ ଯିବା ସମୟରେ ଯଦି ଭାଲୁ ଆପଣଙ୍କୁ ଦେଖିନିଏ ତେବେ, ଦୌଡିବା ପରିବର୍ତ୍ତେ ଧୀରେ ଧୀରେ ପଛକୁ ଫେରନ୍ତୁ ।

୧୧ . ଯଦି ଭାଲୁ ଆପଣଙ୍କୁ ଆକ୍ରମଣ କରିବା ପାଇଁ କିଛି ଦୂରରୁ ମାଡି ଆସେ ତେବେ, ହାତ ଉପରକୁ କରି ବଡ ପାଟିରେ ଶବ୍ଦ କରିବା ସହିତ ପଛକୁ ଫେରନ୍ତୁ ।

୧୨ . ସର୍ବଦା ଦଳବଦ୍ଧ ହୋୟୀ ହୋଇ ରହିଲେ ଭାଲୁ ଆକ୍ରମଣ କରିବା ପରିବର୍ତ୍ତେ ବାଧ୍ୟ ହୋଇ ସେ ସ୍ଥାନ ଛାଡି ଚାଲିଯାଇଥାଏ ।

୧୩ . ଦୁର୍ଭାଗ୍ୟବଶତଃ ଭାଲୁ ଆକ୍ରମଣ କଲେ ଏକ ଲମ୍ବା ବାଉଁଶ ବାଡିକୁ ବ୍ୟବହାର କରି ଭାଲୁ ଏବଂ ନିଜ ଭିତରେ ଦୂରତା ରଖନ୍ତୁ ।

୧୪ . ଯଦି ଭାଲୁ ଆକ୍ରମଣ କରେ, ତେବେ ମଲା ଭଳି ଅବସ୍ଥାରେ ତଳେ ପଡ଼ିଯାଇ ମୁଣ୍ଡକୁ ହାତରେ ଜାବୁଡି ଧରି ଏବଂ ପେଟ ପାଖରେ ଆଣ୍ଠୁରେ ଯାକିଲେ ଦେହର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସୁରକ୍ଷିତ ରହିଥାଏ ।

୧୫ . ମନେ ରଖନ୍ତୁ, ମା' ଭାଲୁ ଛୁଆ ଧରିଥିବା ବେଳେ ଅଧିକ ହିଂସ୍ର ହୋଇଥାଏ ।

୧୬ . ଭାଲୁର ଦୃଷ୍ଟି ଶକ୍ତି ଏବଂ ଶୁଣିବା ଦୁର୍ବଳ ହୋଇଥିବାରୁ ସେ ଆମର ଉପସ୍ଥିତିକୁ ଦୂରରୁ ଜାଣିପାରେ ନାହିଁ । ଯେତେବେଳେ ଆମ୍ଭେ ହଠାତ ଭାଲୁ ପାଖରେ ପହଞ୍ଚିଯାନ୍ତି, ସେ ଭୟଭୀତ ହୋଇ ଆକ୍ରମଣ କରିଥାଏ ।

୧୭ . ଯଦି ଏକୁଟିଆ ଜଙ୍ଗଲ ଭିତର ଦେଇ ଯିବାର ଥାଏ, ତେବେ ଅନ୍ୟ ଜଣକୁ ଯିବାର ସମୟ ଏବଂ ପହଞ୍ଚିବାର ସମୟ ଜଣାଇ ଯାଆନ୍ତୁ ଏବଂ ପାଖରେ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଫୋନ ନମ୍ବର ରଖନ୍ତୁ ।

୧୮ . ଶୌଚ ନିମନ୍ତେ ସୂର୍ଯ୍ୟ ଉଦୟ ପୂର୍ବରୁ ଜଙ୍ଗଲ ଭିତରକୁ କିମ୍ବା ଜଙ୍ଗଲ ଧାରକୁ ଯାଆନ୍ତୁ ନାହିଁ । ଏହି ସମୟରେ ଜଙ୍ଗଲ ଜନ୍ତୁ ଆକ୍ରମଣ କରିବାର ସମ୍ଭାବନା ଥାଏ ।

୧୯ . ଘର ଚତୁଃପାର୍ଶ୍ୱରେ ଆବର୍ଜନା ପକାନ୍ତୁ ନାହିଁ । ବିଶେଷ କରି ମହୁଲ ଫୁଲର ବର୍ଜ୍ୟବସ୍ତୁ ଯାହାକି ଭାଲୁକୁ ଘର ଆଡକୁ ଆକର୍ଷିତ କରିଥାଏ ।

୨୦ . ବନ୍ୟଜନ୍ତୁ ଘର ପାଖକୁ ନ ଆସିବାକୁ ହେଲେ ଘର ଚାରିପାଖ ସଫା କରିବା ଆବଶ୍ୟକ, ଏହା ମଧ୍ୟ ସାପକୁ ଘରଠାରୁ ଦୂରରେ ରଖିବାରେ ସାହାଯ୍ୟ କରିଥାଏ ।


୨୧ . ଯଦି କେହି ଭାଲୁ ଆକ୍ରମଣର ଶିକାର ହୋଇଥିବାର ଶୁଣନ୍ତି / ଦେଖନ୍ତି ତେବେ ସେ ଲୋକକୁ ତୁରନ୍ତ ଡାକ୍ତରଖାନାକୁ ନେବାପାଇଁ ବ୍ୟବସ୍ଥା କରନ୍ତୁ ।

ବନଖଣ୍ଡ ଅଧିକାରୀ, ନବରଙ୍ଗପୁର ବନଖଣ୍ଡ

## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ, ଆଇ.ଟି.ଡ଼ି.ଏ, ନବରଙ୍ଗପୁର


ନବରଙ୍ଗପୁର ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଏବଂ ଆଦିବାସୀ ମାନଙ୍କ ଜୀବିକା ଉପାର୍ଜନ ର ମୁଖ୍ୟ ମାଧ୍ୟମ ହେଉଛି କୃଷି । ଏହାକୁ ଆଖି ଆଗରେ ରଖି ଆଇ.ଟି.ଡ଼ି.ଏ, ନବରଙ୍ଗପୁର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ନିଜସ୍ୱ ପାଣ୍ଠିରେ ପ୍ରଣିତ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀଙ୍କ ଜୀବନ ଜୀବିକାର ବିକାଶ ନିମନ୍ତେ କୃଷି ଏବଂ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗେଇ ଦେଇ ଆସୁଛି । ବିଗତ ଆର୍ଥିକ ବର୍ଷରେ ଜିଲ୍ଲାର ୨୦୭୨୮ ଜଣ ଆଦିବାସୀ ହିତାଧିକାରୀ ମାନଙ୍କୁ କୃଷି ଓ ଆନୁଷଙ୍ଗିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେସୁବିଧା ସୁଯୋଗ ଯୋଗାଇ ଦେଇଛି।


ଆଇ.ଟି.ଡ଼ି.ଏ, ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଚାଷୀଙ୍କ ଉତ୍ପାଦନ ଓ ରୋଜଗାର ବୃଦ୍ଧି ନିମନ୍ତେ ଚାଷିମାନଙ୍କୁ ଉନ୍ନତ ମାନର ମଞ୍ଜି, ଜୈବିକ ସାର, କୀଟନାଶକ ଆଦି ଯୋଗାଇ ଦେବା ସହିତ କୃଷି ଯନ୍ତ୍ରପାତି, କୁକୁଡା ଚାଷ, ପଶୁପାଳନ, ମାଛ ଚାଷ ଏବଂ ଜଳସେଚନ ଭିତ୍ତିଭୂମି ବିକାଶ ନିର୍ମାଣ କରି ଜିଲ୍ଲାର ଆଦିବାସୀ ଚାଷୀ ଭାଇ ଭଉଣୀ ମାନଙ୍କ ଜୀବନ ଜୀବିକାର ବିକାଶ ପାଇଁ ଆବଶ୍ୟକ ସହାୟତା ଯୋଗେଇବା ପାଇଁ ବ୍ୟବସ୍ଥା କରିଛି। ଏହା ବ୍ୟତିତ ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଶକ୍ତିକରଣ ଏବଂ ସମୂହ ବିକାଶ ନିମନ୍ତେ ଏଗ୍ରୋ ସର୍ଭିସ ସେଣ୍ଟର ମାଧ୍ୟମରେ ବିଭିନ୍ନ କୃଷି ଯନ୍ତ୍ରପାତି ଓ ଧାନକୁଟା ଯନ୍ତ୍ର, ମକା ମଞ୍ଜି ଅଲଗା କରିବା ଯନ୍ତ୍ର, ଅଟା କଳ, ତୈଳ ପ୍ରସ୍ତୁତି ଯନ୍ତ୍ର ପ୍ରଭୃତି ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହା ବ୍ୟତୀତ ଜନଜାତି ଯୁବକ ଯୁବତୀ ମାନଙ୍କୁ ଲଘୁ ଉଦ୍ୟୋଗ ବିକାଶ ନିମନ୍ତେ ବ୍ୟବସାୟ କରିବା ପାଇଁ ଆବଶ୍ୟକ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଉଛି । ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଇ.ଟି.ଡି.ଏ., ନବରଙ୍ଗପୁର ପ୍ରତି ୫୦ ଏକରକୁ ଗୋଟିଏ କୃଷି ଭିତ୍ତିକ କ୍ଲଷ୍ଟର ହିସାବରେ ନେଇ ଚାଷ ସମ୍ବନ୍ଧୀୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିବା ସହିତ ଜିଲ୍ଲାର ଆଦିବାସୀ ଚାଷୀଙ୍କୁ ଅଧିକ ଉତ୍ପାଦନ ନିମନ୍ତେ ବୈଷୟିକ ସହାୟତା ମଧ୍ୟ ଯୋଗାଇ ଦେଉଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଚୟନ କରାଯାଇଥିବା ପ୍ରତି କ୍ଲଷ୍ଟର ଗ୍ରାମରେ ସମସ୍ତ ଆଦିବାସୀଙ୍କୁ ନେଇ ଏକ ଜନଜାତି ଜୀବିକା ପରିଷଦ ଗଠନ କରାଯାଇଛି ।











OFFICE OF THE MUNICIPAL COUNCIL, MALKANGIRI
Odisha, Pin -764045 *Ph:* - 06861-230244 e-Mail: - malkangiri@ulborissa.gov.in

## ନିବେଦନ

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ ।

୦୧ ॥ ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉପନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ ( ଓଦା ଓ ଶୁଖିଲା ) ସଂଗୃହିତ କରି ରଖିବେ ଏବଂ ତତ ପରଦିନ ପୂର୍ବାହ୍ନରେ ପରିଷଦର ଆର୍ବଜନା ବାହନରେ ପକାଇବେ ।

୦୨ ॥ ଅଯଥା ନିଜ ଆର୍ବଜନା ନିଜ ଦୋକାନ ସାମ୍ନାରେ ଥିବା ନର୍ଦ୍ଦମାରେ / ରାସ୍ତାରେ ପକାଇବେ ନାହିଁ ।

୦୩ ॥ ସେହିଭଳି ସହରର ସମସ୍ତ ନାଗରିକ ମଧ ନିଜ ଗୃହରେ ଉପନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ ( ଓଦା ଓ ଶୁଖିଲା ) ଆବର୍ଜନା ବାହନରେ ପକାଇବେ ।

୦୪ ॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :-ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ ।

୦୫ ॥ ଗୃହ ନିର୍ମାଣ ( Building Plan Approval ) କରିବା ନିମନ୍ତେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରିଙ୍କ ଅନୁମତି ନିତାନ୍ତ ଜରୁରୀ ଅଟେ । ଅନ୍ୟଥା ତାହା ଆଇନ ଅନୁଯାୟୀ ସ୍ୱୀକୃତି ହେବ ନାହିଁ ।

୦୬ ॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License ) ପୌର ପରିଷଦ ମାଲକାନଗିରିଙ୍କ ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ ।

୦୭ ॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ ।

୦୮ ॥ ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୁରେଇ ରୁହନ୍ତୁ ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା ।

ଅଧକ୍ଷ
ପୌର ପରିଷଦ, ମାଲକାନଗିରି

କାର୍ଯ୍ୟ ନିର୍ବାହୀ ଅଧିକାରୀ
ପୌର ପରିଷଦ, ମାଲକାନଗିରି



କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ହର ଘର ତ୍ରିରଙ୍ଗା ଅଭିଯାନ ଅବସରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଓ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି । ଜାତୀୟତା ଓ ଅଖଣ୍ଡତାର ପ୍ରତୀକ ତ୍ରିରଙ୍ଗା ପ୍ରତି ସମ୍ମାନ ସହ ଦେଶର ପ୍ରଗତିର ବାର୍ତ୍ତାବହ ଜାତୀୟ ପତାକାକୁ ନେଇ ଜାତୀୟ ସଂହତି ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ନେତାଜୀ ସଂଗ୍ରହାଳୟରୁ ତ୍ରିରଙ୍ଗା ଶୋଭାଯାତ୍ରା ବାଇକ ରାଲି ଶୁଭାରମ୍ଭ କରିଛନ୍ତି । କଟକ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତି ରନ ଦେଓ, ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ତ୍ରିରଙ୍ଗା ଶୋଭାଯାତ୍ରା ସହରର ପ୍ରମୁଖ ଛକ ଓ ରାସ୍ତା ଦେଇ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଏନସିସି, ପୋଲିସ, ସେନା, ନୌସେନା, ଅଗ୍ନିଶମ ବାହିନୀ ଓ ବରିଷ୍ଠ ନାଗରିକ, ଓ ବିଭିନ୍ନ ପ୍ରମୁଖ ସଂଗଠନର କର୍ମକାର୍ତ୍ତା ଯୋଗଦାନ କରିଥିଲେ।



# ବିଭାଜନ ବିଭୀଷିକାରେ ବଳିଦାନ ଦେଇଥିବା ସମସ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଭାଜନ ବିଭୀଷିକା ସ୍ମୃତି ଦିବସ ଅବସରରେ ବଳିଦାନ ଦେଇଥିବା ସମସ୍ତଙ୍କ ପ୍ରତି ଶ୍ରଦ୍ଧାଂଜଳି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବିଭାଜନ ବିଭୀଷିକା ସ୍ମୃତି ଦିବସ ବା ଆମକୁ ଶିଖାଏ କି ଦେଶମାତୃକା ପାଇଁ ଜାତୀୟ ଏକତା ଓ ଅଭିମାନକୁ ସର୍ବପ୍ରଥମେ ରଖିବା ଆବଶ୍ୟକ। ବିଭାଜନ ବିଭୀଷିକା ସ୍ମୃତି ଦିବସ ଆମ ପାଇଁ କେବଳ ଏକ ସାମାନ୍ୟ ଦିବସ ନୁହେଁ, ଏହା ଆମ ଇତିହାସର ସେହି କଳା ଅଧ୍ୟାୟକୁ ମନେପକାଇବାର ଅବସର ଯେଉଁଠାରେ ଇଂରେଜ ଓ କିଛି ନ୍ୟସ୍ତ ସ୍ୱାର୍ଥ ଭାରତୀୟ ନିଜର ରାଜନୈତିକ ଆକାଂକ୍ଷା ପାଇଁ ଆମ ଭାରତମାତାଙ୍କୁ ଖଣ୍ଡ-ଖଣ୍ଡ କରିଥିଲେ। ୧୯୪୭ର ବିଭାଜନରେ ଲକ୍ଷ ଲକ୍ଷ ଭାଇ-ଭଉଣୀ ବାସହରା ହେଲେ, ଅସଂଖ୍ୟ ପରିବାର ବିଚ୍ଛିନ୍ନ ହେଲା, ହଜାର ହଜାର ନିର୍ଦ୍ଦୋଷ ଲୋକଙ୍କୁ କେବଳ ଧର୍ମର ଆଧାରରେ ହତ୍ୟା କରାଯାଇଥିଲା। ସେମାନଙ୍କର ସାହସ, ବଳିଦାନ ଓ ଦୃଢ଼ ସଙ୍କଳ୍ପରୁ ଆଜିର ଭାରତ ଗଢ଼ିଉଠିଛି। ଆଜି ବିଭାଜନ ବିଭୀଷିକାର ସ୍ମୃତି ଦିବସ ଅବସରରେ ସେମାନଙ୍କର ସେହି ସଂଘର୍ଷ ଓ ବଳିଦାନକୁ ସ୍ମୃତିଚାରଣ କରିବା ସହ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ବିଜେପି ସରକାର କେବଳ ସ୍ମୃତିଚାରଣରେ ସୀମିତ ନୁହେଁ, କାର୍ଯ୍ୟରେ ମଧ ଇତିହାସର ଅନ୍ୟାୟକୁ ସୁଧାରୁଛି। କଶ୍ମୀରରୁ ଧାରା ୩୭୦ ହଟାଇ, ନ୍ତଏକ ଦେଶ - ଏକ ବିଧାନ - ଏକ ନିଶାନନ୍ତର ସ୍ୱପ୍ନକୁ ସାର୍ଥକ କରାଯାଇଛି । ସୀମା ହେଉ କି ବିଶ୍ୱପଟଳ ହେଉ ଆଜି ଭାରତ ନିଜର ଅଖଣ୍ଡତା ଓ ସାର୍ବଭୌମତା ସହ ସାଲିସ କରୁନାହିଁ, ଆକ୍ରମଣକାରୀଙ୍କୁ ଦୃଢ଼ ଜବାବ ଦେଉଛି । ଆଜି ବିଭାଜନ ବିଭୀଷିକା ସ୍ମୃତି ଦିବସରେ ଆମେ ଯେତେବେଳେ ପୂର୍ବଜମାନଙ୍କ ତ୍ୟାଗକୁ ସ୍ମରଣ କରୁଛୁ, ସେତେବେଳେ ଆଜିର ନୂଆ ଭାରତ ସେମାନଙ୍କ ସାହସ ଓ ସଂକଳ୍ପକୁ ପ୍ରଣାମ ଜଣାଉଛି।




ସତ୍ୟମେବ ଜୟତେ

ପବିତ୍ର ସ୍ୱାଧୀନତା ଦିବସ - ୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ପମ୍ପାଟି)

OIPR 15001/13/0952/2526

DADLS -42

୭୯ତମ ସ୍ୱାଧୀନତା ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ଆସନ୍ତୁ, ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ସହିତ ରାଜ୍ୟ ଓ ଦେଶର ସାମଗ୍ରିକ ବିକାଶ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL -213



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସତ୍ୟମେବ ଜୟତେ
ଆନ୍ତର୍ଜାତିକ ସମବାୟ ବର୍ଷ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୩୧ ଅଗଷ୍ଟକୁ ବୃଦ୍ଧି

**ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ**

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ମୟୂରଭଞ୍ଜ, ନବରଙ୍ଗପୁର, କେନ୍ଦ୍ରାପଡ଼ା ଓ ଦେବଗଡ଼ ଜିଲ୍ଲାର ଅଣଋଣୀ ଚାଷୀଙ୍କ ପାଇଁ ଏହି ବର୍ଦ୍ଧିତ ଅବଧି କେବଳ ଧାନ ଫସଲ ପାଇଁ ଉପଲବ୍ଧ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, **ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

ପଞ୍ଜିକରଣର ଶେଷ ତାରିଖ
୩୧ ଅଗଷ୍ଟ ୨୦୨୫

ସମବାୟ ବିଭାଗ, ଓଡ଼ିଶା ସରକାର

OIPR 39001/13/0033/2526



କୋରୁକୋଣ୍ଡା,(ଭାସ୍କର ନ୍ୟୁଜ୍ ): ରାଜ୍ୟରେ ଆତ୍ମହତ୍ୟା ଦିନକୁ ଦିନ ବଢୁଥିବା ଥିବା ବେଳେ ଏହାକୁ ରୋକିବା ପାଇଁ ପୋଲିସ ପକ୍ଷରୁ ସଚେତନତା ସଭା କୋରୁକୋଣ୍ଡା ପୋଲିସ ପକ୍ଷରୁ କୋରୁକୋଣ୍ଡା ବ୍ଲକ ଅଧୀନ ଏମଭି-୩୪ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆତ୍ମହତ୍ୟା ରୋକିବା ପାଇଁ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ଯୋଗ ଦେଇ ଆତ୍ମହତ୍ୟା କରିବା କ'ଣ ଶେଷ ପଦକ୍ଷେପ, ଆମକୁ କ'ଣ ବଞ୍ଚିବାର ନାହିଁ। ଆଗକୁ ପର୍ଯ୍ୟାପ୍ତ ସମୟ ଅଛି ବଞ୍ଚି ଆସୁଥିବା ଅସୁବିଧାକୁ ସାମ୍ନା କରିବା, ନିଜ ଦ୍ୱାରା ସମସ୍ୟାର ସମାଧାନ ନହୁଏ ତେବେ ପୋଲିସକୁ ଜଣାଇବା। ଆତ୍ମହତ୍ୟା କରିବା କିମ୍ବା ଉସୁକାଇବା ଆଦି ଧର୍ତ୍ତବ୍ୟ ଅପରାଧ। ତେଣୁ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା।ନିଜକୁ କେବେ ଏକୁଟିଆ ଭାବ ନାହିଁ ତମ ସାଙ୍ଗରେ ସମସ୍ତେ ଅଛନ୍ତି। ସମସ୍ତେ ଚେଷ୍ଟା କଲେ ନିଶ୍ଚିତ ଭାବେ ଏହାକୁ ରୋକି ହେବ। ନିଜକୁ ଅସୁରକ୍ଷିତ ଭାବିଲେ ସରକାରଙ୍କ ଦ୍ୱାରା ଦିଆ ଯାଇଥିବା ଟୋଲଫ୍ରି ନଂ ରେ ଫୋନ କରିବା ଏଭଳି ଅନେକ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଥାନର ବହୁ ଅଧିକାରୀଙ୍କ ସମେତ କୋରୁକୋଣ୍ଡା ମହିଳା ଓ ସମନ୍ୱୟ ଶିଶୁ ବିକାଶ ଅଧିକାରିଣି ରେଖା ରାଣୀ ବାରିକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଏନେଇ ସଚେତନଟା କରାଇଥିଲେ।

## କରଞ୍ଜିଆ ଉପଖଣ୍ଡରେ ଅବକାରୀ ଚଢ଼ାଉ

# ୧୫ ହଜାର କେଜି ପୋଚ, ୫୫୦ଲିଟର ମହୁଲି ଜବତ, ଜଣେ ଗିରଫ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଦିନ କରଞ୍ଜିଆ ବ୍ଲକ ଅନ୍ତର୍ଗତ ରସମତଳା ପଞ୍ଚାୟତର ଜରାସାହିକ ଗ୍ରାମରେ ଚଢ଼ାଉ କରାଯାଇ ମୋଟ ୧୫ ହଜାର ପୋଚ ଓ ୫୫୦ ଲିଟର ମହୁଲି ଜବତ ହୋଇଛି। ଜରାସାହି ଗ୍ରାମ ନିକଟସ୍ଥ ଜଙ୍ଗଲ ନଦୀର ଉଭୟ ପାର୍ଶ୍ୱରେ ମହୁଲି ରନ୍ଧା ସ୍ଥଳରେ ଚଢ଼ାଉ ହୋଇଥିଲା। ଚଢ଼ାଉ ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯିବା ପାଇଁ ସକ୍ଷମ ହୋଇଥିଲେ। ଘଟଣାସ୍ଥଳରୁ ମଦ ରନ୍ଧା ସାମଗ୍ରୀ ଜବତ ସମେତ ୧୫ହଜାର କେଜି ପୋଚ ଏବଂ ୫୫୦ଲିଟର ମହୁଲିକୁ ଜବତ ପରେ ନଷ୍ଟ କରାଯାଇଥିଲା। ସେହିପରି ସେହି ଗ୍ରାମରୁ ଏକ ହଣ୍ଡା ମୋଟର ସାଇକେଲ ସହ ଗ୍ରାମର ଦିଲ୍ଲୀପ ବାଙ୍କିରା (୨୮)କୁ ଗିରଫ କରି କୋର୍ଟଚାଲାଣ କରୁଥିବା କରଞ୍ଜିଆ ଓଆଇସି ରଶ୍ମି ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଅବକାରୀ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ କରଞ୍ଜିଆ ଓଆଇସି ରଶ୍ମିରଞ୍ଜନ ନାୟକ, ଶୁକୁଳି ଓଆଇସି କୃଷ୍ଣଚନ୍ଦ୍ର ବିନ୍ଧାଣି, ଯଶିପୁର ଓଆଇସି ସୂର୍ଯ୍ୟକାନ୍ତି ମଲ୍ଲିକ୍, ଠାକୁରମୁଣ୍ଡା ଓଆଇସି ଭାରତୀ ନାୟକ ଏବଂ ଅବକାରୀ ବଳ ସାମିଲ ଥିଲେ। ଏ ବାବଦରେ କରଞ୍ଜିଆ ଅବକାରୀ ଥାନାରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

# ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କଲେଜରେ ଚେୟାରମ୍ୟାନ୍ ଡ଼ଃ ରାଜେନ୍ଦ୍ର ପଲେଇଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଟାଉନ ପୁଲିସ ଷ୍ଟେସନ ଆନୁକୂଲ୍ୟରେ ପୋସ ଏବଂ ପୋକ୍ସ ଆକ୍ଟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶିକ୍ଷା ନିକେତନରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଟାଉନ ପୁଲିସ ଷ୍ଟେସନର ଇନ୍ସପେକ୍ଟର ଅବିନାଶ ପରିଡା,ଇନ୍ସପେକ୍ଟର ଶିବଶଙ୍କର ଆଲଦା,ସବ୍ଇନ୍ସପେକ୍ଟର ଶ୍ରୀମତୀ ହାଁସଦା ଏବଂ ହାବିଲଦାର ସୁରେଶ ମିଶ୍ର ଓ କଲେଜର ଅଧକ୍ଷ ମାନସ ରଞ୍ଜନ ମହାପାତ୍ର ମା' ତାରିଣୀଙ୍କୁ ଫୁଲଚନ୍ଦନ ଏବଂ ଧୂପଦୀପରେ ବନ୍ଦନା କରିବା ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। କଲେଜର ଅଧକ୍ଷ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ କଲେଜ ତରଫରୁ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କଲେଜର ଅର୍ଥନୀତି ବିଭାଗର ଅଧ୍ୟାପିକା ଡ଼ ପୂଜାଅର୍ଚ୍ଚନା ମିଶ୍ର ଉକ୍ତ କାର୍ଯ୍ୟକ୍ରମ ବିଷୟରେ ସମ୍ୟକ୍ ଧାରଣା ପ୍ରଦାନ କରିବା ସହିତ ସମାଜରେ ଘଟୁଥିବା ବହୁ ଅସାମାଜିକ କାର୍ଯ୍ୟକଳାପ ଯେପରି ନହେବ ସେ ବିଷୟରେ ନିଜସ୍ୱ ମତାମତ ଦେଇଥିଲେ। ଟାଉନ ପୁଲିସ ଷ୍ଟେସନର ଇନ୍ସପେକ୍ଟର, ପରିଡା, ଇନ୍ସପେକ୍ଟର ଆଲଦା ଏବଂ ସବ୍ଇନ୍ସପେକ୍ଟର ହାଁସଦା ପୋସ ଏବଂ ପୋକ୍ସ ଆକ୍ଟ ଉପରେ ଅନେକ କିଛି ତଥ୍ୟ ପିଲାମାନଙ୍କୁ ବୁଝାଇଥିଲେ। ନିଜକୁ ସାହସୀ ହେବା ପାଇଁ ପ୍ରେରଣା ଦେବା ସହ ନିଜେ ସଚେତନ ହେବା ସହିତ ଅନ୍ୟଙ୍କୁ ସଚେତନ କରାଇବା ଦରକାର ବୋଲି ଉପଦେଶ ଦେଇଥିଲେ। ନିଜେ ଲାଜ ନକରି କଲେଜର ଇଣ୍ଟରନାଲ କମିଟିକୁ ନିଜର ପିତା, ମାତା ଏବଂ ଗୁରୁଜନ ମାନଙ୍କୁ ତୁରନ୍ତ ଜଣାଇ ପୁଲିସ ର ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯେପରି ସଖୀ,ସିଡବ୍ଲୁସି ସାହାଯ୍ୟ କରୁଛି ସେ ବିଷୟରେ ମଧ୍ୟ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ଓ ଯୁକ୍ତ ୩ର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଅତି ଆଗ୍ରହର ସହକାରେ ଶୁଣିବା ସହିତ ବିଭିନ୍ନ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଲେଜର ଇଂରାଜୀ ବିଭାଗର ଅଧାପିକା ଆୟୁଷି ପାଲ ଉପସ୍ଥାପନା କରିଥିଲେ। ଶେଷରେ ବାଣିଜ୍ୟ ବିଭାଗର ଅଧାପିକା ସୁଶ୍ରୀ ନିକିତା ପଲେଇ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## ଆଳି ଥାନାରେ ଯୋଗଦେଲେ ନୂତନ ଥାନାଧିକାରୀ

ଆଳି, ( ଭାସ୍କର ନ୍ୟୁଜ): ଆଳି ଥାନାର ନୂତନ ଥାନା ଅଧିକାରୀ ଭାବରେ ଆଜି ଧୀରଜ କୁମାର ଲେଙ୍କା ଯୋଗଦାନ କରିଛନ୍ତି। ଲେଙ୍କା କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଭାରପ୍ରାପ୍ତ ଅଧିକାରୀ ଭାବରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ଜଣେ ଯୁବ ଥାନା ଅଧିକାରୀ ଭାବରେ ଆଳି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଭାତୃତ୍ୱ, ସଂହତି ପ୍ରତିଷ୍ଠା କରିବା ସହିତ ଅପରାଧିମାନଙ୍କୁ ଦୃଢ ହସ୍ତରେ ଦମନ କରିବାକୁ ପ୍ରାଥମିକତା ଦେବେ ବୋଲି କହିଥିଲେ। ପ୍ରକାଶଯୋଗ୍ୟ, ଆଳି ଥାନାର ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କର କେନ୍ଦ୍ରାପଡ଼ା ବଦଳି ହେବା ପରେ ପଟ୍ଟାୟତ ଆଜି ଲେଙ୍କାଙ୍କୁ ଆଳି ଥାନାଅଧିକାରୀ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହାପରେ ଲେଙ୍କା ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସମସ୍ତ ଥାନା କର୍ମଚାରୀମାନେ ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ସଂସ୍କୃତ ସପ୍ତାହ ଦିବସ ପାଳିତ



ଛତ୍ରପୁର ୧୪/୭ : ଛତ୍ରପୁର ବ୍ଲକ ଅନ୍ତର୍ଗତ ମହାନାଦପୁର ଗ୍ରାମ ପଞ୍ଚାୟତରେ ଥିବା ନୃସିଂହ ନାଥ ସ୍ନାତକ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି କ୍ଷ ମହାବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ମହାପାତ୍ର ଏଥିରେ ଅଧକ୍ଷତା କରି ଏହି ସପ୍ତାହ ପାଳନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ କ୍ଷ ଅଧ୍ୟାପିକା ଦୀପ୍ତି ମୟୀ ଦାଶ ଯୋଗ ଦେଇ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ କ୍ଷ ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଶ୍ଳୋକ, ବକ୍ତୃତା, ହସ୍ତାକ୍ଷର ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ଓଡ଼ିଆ ବିଭାଗର ଅଧାପକ ସତ୍ୟ ଭୂଷଣ ପାଢ଼ୀ ପରିଚାଳନା କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ ଏବଂ ଅଧାପକ ଅଧାପିକା ମାନେ ଉପସ୍ଥିତ ଥିଲେ କ୍ଷ ଅଧାପିକା ସୁଦେଷ୍ଣା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏହା ସହ ଛାତ୍ର ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା ନିମନ୍ତେ ଷ୍ଟାର୍ଟ ଅପ କାର୍ଯ୍ୟକ୍ରମ ପାଳିତ ହୋଇଥିଲା କ୍ଷ ବିଚାରକ ଭାବେ ଅବସର ପ୍ରାପ୍ତ ଅଧକ୍ଷ ଡ଼ଃ. ବିକ୍ରମ କାମାକ୍ଷୀ ବ୍ରହ୍ମା ଯୋଗ ଦେଇଥିଲେ କ୍ଷ

# ଜଳ ନିଷ୍କାସନର ପ୍ରତିବନ୍ଧକ ସାଜିଛି ପୋଖରୀ ଆଡ଼ି

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ନୂଆନନ୍ଦ ପଞ୍ଚାୟତ ଅଧିନ ନୂଆନନ୍ଦ, ହାଟୁଆରି ଓ ଗୋରାମାଟି ଗ୍ରାମର ୨୦୦ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ସେମାନଙ୍କର ୧୦୦ ଏକରରୁ ଅଧିକ ଜମିରୁ ଜଳ ନିଷ୍କାସନ ହୋଇ ନପାରିବାରୁ ଜମିରେ ଚାଷ ହୋଇ ପାରୁନାହିଁ। ଜଳ ନିଷ୍କାସନ ପାଇଁ ପୋଖରୀ ଆଡ଼ି ପ୍ରତିବନ୍ଧକ ସାଜିଛି। ଏହାର ପ୍ରତିକାର ଦାବିରେ ଚାଷୀ କୈବଲ୍ୟ ପାଢ଼ୀ, ରବିନ୍ଦ୍ର କୁମାର ବେହେରା, ଉପେନ୍ଦ୍ର ବେହେରା, ଗିରିଧାରୀ ପାଣିଗ୍ରାହୀ, ରତ୍ନାକର ପାଢ଼ୀ, ବେଣୁଧର ପାଣିଗ୍ରାହୀ, ମହେନ୍ଦ୍ର ସାହୁ, ରଜନୀ ବେହେରା, ସାବିତ୍ରୀ ବେହେରା, ଶକୁନ୍ତଳା ସାହୁ ପ୍ରମୁଖ ଗୁରୁବାର ନୂଆନନ୍ଦ ଗ୍ରାମକୁ ଆସିଥିବା ବେଳେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଦାବିପତ୍ର ଦେଇଥିବା ବେଳେ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ମଧ ପଠାଇଥିବା ଜଣାପଡ଼ିଛି। ସେମାନଙ୍କ ଦାବିପତ୍ରରୁ ଜଣାପଡ଼ିଛି ଯେ, ଭଦ୍ରକ ତହସିଲ ଅଧୀନ ଗୋରାମାଟି ସମେତ ତିହିଡ଼ି ତହସିଲ ଅଧୀନ ନୂଆନନ୍ଦ ଓ ହାଟୁଆରି ଗ୍ରାମର ଥିବା ୧୦୦ଏକର ଚାଷ ଜମିରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ଯାହାଫଳରେ ଜମିରେ ଚାଷ କରିବା ସମ୍ଭବପର ହେଉନାହିଁ। ଏଥିପାଇଁ ଚାଷୀମାନେ ପ୍ରତିବର୍ଷ କ୍ଷତିରେ ପଡୁଥିବା ବେଳେ ସେମାନଙ୍କର ଆର୍ଥିକ ମାନଦଣ୍ଡ ମଧ ହ୍ରାସ ପାଉଛି। ଜମି ନିକଟରେ ଥିବା ଏକ ପୋଖରୀ ଆଡ଼ି ପାଇଁ ଜଳ ନିଷ୍କାସନ ହୋଇ ପାରୁନାହିଁ। ଚାଷୀମାନେ ଜଳ ନିଷ୍କାସନ ସମସ୍ୟା ଦୂର ପାଇଁ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ନମିଳିବାରୁ ଶେଷରେ ସେମାନେ ମନ୍ତ୍ରୀ ସୂରଜଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଦାବି କରିଥିବା ଜଣାପଡ଼ିଛି। ତେବେ ମନ୍ତ୍ରୀ ସୂରଜ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଯୁବକଙ୍କୁ ଆକ୍ରମଣ

କଣ୍ଟାମାଳ, (ଭାସ୍କର ନ୍ୟୁଜ୍): କଣ୍ଟାମାଲ ଥାନା ଷ୍ଟେଟବ୍ୟାଙ୍କ ନିକଟରେ କୌଣସି ଘଟଣାକୁ କେନ୍ଦ୍ର କରି ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ଯୁବକ ଜଣକ ଗୁରୁତର ଥିବା ଜଣାପଡିଛି। ସୂଚନା ମତେ ଗତକାଲି ଦିନ ୧୨ଘଣ୍ଟା ସମୟରେ କଣ୍ଟାମାଳ ଥାନା ନିକଟରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କ ନିକଟରେ ପ୍ରଦୀପ କୁମାର ସାହୁ ନାମକ ଜଣେ ଯୁବକଙ୍କୁ ବିଚ ରାସ୍ତା ଉପରେ ଦୁର୍ବୃତ୍ତ ଆକ୍ରମଣ କରିଥିଲା। ଫଳରେ ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଣ୍ଟାମାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବଲାଙ୍ଗୀରକୁ ନିଆଯାଇଛି। ଏପଟେ ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡିଛି।

# ଉତ୍କଳ ଆଲୁମିନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହଭାଗିତାରେ ରକ୍ତଦାନ ଶିବିର





କାଶୀପୁର, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ନୂଆପଡ଼ାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନେସନାଲ, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ତରଫରୁ ସ୍ଥାନୀୟ କ୍ଲବ ହାଉସରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୨୨୯ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଆଜି ଏହି ରକ୍ତଦାନ ଶିବିରକୁ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ରାୟଗଡା ରମେଶ ଚନ୍ଦ୍ର ଜେନା, ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ, କୁଚେଇ ପଦର ସରପଞ୍ଚ ବାଙ୍ଗାରି ଦିଶାରୀ, ହାଡିଗୁଡା ସରପଞ୍ଚ ଯଦୁମଣି ମାଝୀ ପ୍ରମୁଖ ମିଳିତ ଭାବେ ଉଦଘାଟନ କରିଥିଲେ। ରାୟଗଡା ରକ୍ତ ଭଣ୍ଡାରର ଡାକ୍ତର ଗୌତମ ପଟନାୟକ, ସରୋଜକାନ୍ତ ଆଚାର୍ଯ୍ୟ, ବି. କିଶୋର କୁମାର, ଉମାକାନ୍ତ ମିଶ୍ର, ହେମନ୍ତ ନାୟକ, ଶଙ୍କର ତାଡଙ୍ଗି ଓ ଚିନ୍ମୟ ପରିଛା ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରକୁ ଉତ୍କଳ ଆଲୁମିନା କମ୍ପାନୀର ୟୁନିଟ ହେଡ୍ ରବି ନାରୟଣ ମିଶ୍ର, ମାନବ ସମ୍ବଳ ବିଭାଗର ମୁଖ୍ୟ ନାରାୟଣ ମିତ୍ରା, କମ୍ପାନୀର ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, କମ୍ପାନୀର ଲୋକ ସମ୍ପର୍କ ବିଭାଗ ମୁଖ୍ୟ ପିତାମ୍ବର ବେହେରା, ସହଯୋଗୀ ଅମଜାଦଅଲ୍ଲୀ, ସିଏସଆର ବିଭାଗର ମନୋଜ ଦାସ, ସୁଶାନ୍ତ ଦାସ, ବିନୋଦ ପୂଜାରୀ, ଦୀଗନ୍ତ ମାହାନ୍ତି, ରୂପେନ ପଟନାୟକ, କାର୍ତ୍ତିକ ସାହୁ, ସେ ?ମଜ୍ୟଜିତ ସ୍ୱାଇଁ, ସୁଧୀର ନାୟକ, ମୋହିନୀ ନାୟକ, ରଞ୍ଜନ କର, ଆଶିଷ ସାହୁ, ଗଜେନ୍ଦ୍ର ନାୟକ, ସତ୍ୟଭାମା ନାୟକ, ମୌସୁମୀ ଦାସ, ସୁସ୍ମିତା ଖୋସଲା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହ ଭବିଷ୍ୟତରେ ରକ୍ତ ଅଭାବରୁ କୌଣସି ବ୍ୟକ୍ତିଙ୍କ ଜୀବନ ହାନି ନହେବା ପାଇଁ ଶପଥ ପାଠ କରିଥିଲେ। ଏହି ଅବସରରେ ଉଦବୋଧନ ଦେଇ ୟୁନିଟ ହେଡ ରବିନାରାୟଣ ମିଶ୍ର କହିଛନ୍ତି ଯେ, ରକ୍ତଦାନ ମହତ ଦାନ, ଉତ୍କଳ ଆଲୁମିନା ଏହାର ସାମାଜିକ ଦାୟିତ୍ୱବୋଧ ଅନ୍ତର୍ଗତ ବିଭିନ୍ନ କଲ୍ୟାଣକାରୀ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଓ ପ୍ରଭାବିତ ଅଞ୍ଚଳବାସୀଙ୍କ ଅର୍ଥନୈତିକ ଓ ସମାଜ କଲ୍ୟାଣ କାର୍ଯ୍ୟ କରିଆସୁଛି। ଏହି କ୍ରମରେ କାଶୀପୁର ଏବଂ ରାୟଗଡା ଜିଲ୍ଲାରେ ରକ୍ତହିନତା ଭୋଗୁଥିବା ରୋଗୀଙ୍କୁ ସାହାଯ୍ୟ କରିବା ଉଦେଶ୍ୟରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଉତ୍କଳ ଆଲୁମିନା ସିଏସଆର ତରଫରୁ ଆୟୋଜିତ ହୋଇଛି। ତେଣୁ ସ୍ୱଇଚ୍ଛାରେ ଏହି ମହତ କାର୍ଯ୍ୟ ପାଇଁ ସମସ୍ତେ ଆଗେଇ ଆସିବା ପାଇଁ ମିଶ୍ର ଆହ୍ୱାନ ଦେଇଥିଲେ। ସେହିପରି ଏହି ରକ୍ତଦାନ ଶିବିର ଉଦ୍ଘାଟନ ଅବସରରେ ପ୍ରତିକ୍ରିୟା ଦେଇ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ କହିଛନ୍ତି ଯେ, ଉତ୍କଳ ଆଲୁମିନା ସର୍ବଦା ସମାଜ ମଙ୍ଗଳ କାର୍ଯ୍ୟରେ ସକ୍ରିୟ ଭୂମିକା ନିର୍ବାହ କରିଛି। ଏହି ପରିପ୍ରେକ୍ଷୀରେ ରକ୍ତଦାନ ଶିବିର ଆୟୋଜନ କରି ରୋଗଗ୍ରସ୍ତ ଲୋକଙ୍କୁ ଆବଶ୍ୟକ ସ୍ଥଳେ ରକ୍ତ ଯୋଗାଇଦେବା ଭଳି ଉଦେଶ୍ୟ ପାଇଁ କାରଖାନା କର୍ତ୍ତୃପକ୍ଷଙ୍କୁ ଭୂୟସି ପ୍ରଶଂସା କରିଥିଲେ ଅନୁରୂପ ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଅନୁରୂପ ମତବ୍ୟକ୍ତ କରିଥିଲେ।

# ଭୁଲ ଇଞ୍ଜେକ୍ସନ ଦେଇ ରୋଗୀ ମୃତ୍ୟୁ ଅଭିଯୋଗ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭୁଲ ଇଞ୍ଜେକ୍ସନ ଦେଇଥିବାରୁ ରୋଗୀ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାର କାର୍ଯ୍ୟାନୁଷ୍ଠାନ ଦାବିରେ ମେଡିକାଲରେ ଶବ ରଖି ଗୁରୁବାର ଧାରଣା ଦିଆଯାଇଛି। ବୁଧବାର ସନ୍ଧ୍ୟା ୬.୨୦ମି. ସମୟରେ ଡାହାଲା ପୁରିପଡା ଗ୍ରାମର ଅଶୋକ ରାଉତଙ୍କ ପତ୍ନୀ ବିନୋଦିନୀ(୨୯)ଙ୍କୁ ପେଟକାଟିବା ରୋଗର ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ୩ଟି ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ରୋଗୀର ବାନ୍ତି ହୋଇଥିଲା। ଅବସ୍ଥାକୁ ଦେଖି ଡାକ୍ତର ତାଙ୍କୁ ଯାଜପୁର ମେଡିକାଲ କଲେଜକୁ ରେଫର କରି ଦେଇଥିଲେ। ସେଠାରେ ଡାକ୍ତର ରୋଗୀକୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ସ୍ୱାମୀ ଅଶୋକ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ବ୍ୟବଚ୍ଛେଦ ପରେ ଶବକୁ ଧରି ସମ୍ପର୍କୀୟ ମାନେ ମେଡିକାଲରେ ଧାରଣା ଦେଇ ଭୁଲ ଇଞ୍ଜେକ୍ସନ ଦେଇଥିବା ଡାକ୍ତରଙ୍କୁ ଗିରଫ କରାଯିବା ଓ ମୃତକଙ୍କ ପୁତ୍ର ଥଇଥାନ ପାଇଁ ପ୍ରଶାସନିକ ସହଯୋଗ ଦାବି କରିଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ, ଥାନାଧିକାରୀ କମଳାକାନ୍ତ ଦାସ ଓ ବିଡିଓ ଦେବଦତ୍ତ ଦାସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରୁଥିବା ଜଣାଯାଇଛି।

## ଆଳିରେ ଲୁଟେରା ସକ୍ରିୟ


ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ରେ କିଛି ଦିନ ଅନ୍ତରରେ ଆଜି ଲୁଟେରା ମାନେ ପୁଣିଥରେ ସକ୍ରିୟ ହୋଇ ଉଠିଛନ୍ତି। ଗତକାଲି ବୁଧବାର ବିଳମ୍ବିତ ରାତିରେ ଆଳି ଥାନା ନିଆଳ ପଞ୍ଚାୟତ ଶୀତଳେଶ୍ୱର ଗ୍ରାମରୁ ଚୋରି ହୋଇଥିବା ଜଣାପଡିଛି। ଆଳି ଥାନା ଅନ୍ତର୍ଗତ ଶୀତଳେଶ୍ୱର ଗ୍ରାମର ଶ୍ୟାମସୁନ୍ଦର ପାଣିଙ୍କ ଥାନା ରେ ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ରାତ୍ରିଭୋଜନ ପରେ ସମସ୍ତେ ଶୋଇବାକୁ ଯାଇଥିଲେ। ଅନ୍ଧାର ରାତିର ସୁଯୋଗ ନେଇ ଲୁଟେରା ମାନେ ଘର ଭିତରକୁ ପଶିଥିଲେ। ପରେ ସମସ୍ତେ ଶୋଇଥିବା ଦେଖି ଶ୍ୟାମସୁନ୍ଦରଙ୍କ ମା ଶୋଇଥିବା ଏକ କୋଠରୀ ତାଜା ଉପରେ ଥିବା ଏକ ଟିଣ ବାକ୍ସ ଓ ସେଥିରେ ଥିବା ନଗଦ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟେରା ମାନେ ଲୁଟି ନେଇଥିବା ନେଇ ଆଳି ଥାନାରେ ଶ୍ୟାମସୁନ୍ଦର ଅଭିଯୋଗରେ ଦର୍ଶାଇଛନ୍ତି। ଶ୍ୟାମସୁନ୍ଦରଙ୍କ କହିବା ଅନୁଯାୟୀ ସେ ଆଜି ସକାଳେ ଘରୋଇ କାର୍ଯ୍ୟ ପାଇଁ ବାଡ଼ିକୁ ଯାଇଁ ଦେଖନ୍ତି ତ ତାଙ୍କ ଟିଣ ବାକ୍ସ ଗଛ ଡାଳରେ ଘୋଡେଇ ଦିଆଯାଇଛି। ଏହା ଦେଖି ସେ ସନ୍ଦେହ କରିବା ସହ ଚିତ୍କାର କରି ପରିବାର ଲୋକଙ୍କୁ ଡାକି ଦେଖାଇଥିଲେ। ପରେ ସେ ଚୋରି ହୋଇଥିବା ଜାଣି ଫୋନ ଯୋଗେ ପୋଲିସକୁ ଖବର ଦେଇଥିଲେ। ପରେ ଆଜି ସଖାଳୁ ସେ ଆଳି ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଅପରପକ୍ଷେ ଘଟଣା ପରେ ଆଳି ପୋଲିସ ଏତଲା ଆଧାରରେ ତଦନ୍ତ ଚଳାଇଥିବା ନେଇ ଆଳି ଥାନାଧିକାରୀ ଧୀରଜ କୁମାର ଲେଙ୍କା ସୂଚନା ଦେଇଛନ୍ତି।

# ଚାନ୍ଦା ମାଗିବା ଅଭିଯୋଗରେ ଦୁଇଜଣଙ୍କ ନାଁରେ ମାମଲା



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ଆଦିବାସୀ ସମାଜ ଲକ୍ଷ୍ମୀପୁର ନାମରେ ଚାନ୍ଦା ମାଗିବା ଅଭିଯୋଗ କରି ଥାନାର ଦ୍ୱାରସ୍ତ ହୋଇଛନ୍ତି ଆଦିବାସୀ ଲୋକେ। ଦୁଇଜଣଙ୍କ ନାଁ ରେ ଲକ୍ଷ୍ମୀପୁର ଥାନାରେ ଏତେଲା ଦିଆଯିବା ସହ ଏକ ସାମ୍ବାଦିକ ସମ୍ମିଳନୀ କରି ସମସ୍ତ ବିଷୟରେ ଖୁଲାସା କରିଛନ୍ତି ସମାଜ ସେବି ଶଙ୍କର ସାଉନ୍ତା। ତୟାପୁଟ ପଞ୍ଚାୟତର ଜଣେ ଅଣ ଆଦିବାସୀ ଯୁବକ ଗୋପାଳ ମହାନନ୍ଦିଆ ଏକ ଜାଲ ଲେଟରପେଡ ମାଧ୍ୟମରେ ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ କୁଆଡେ ମୁରଲୀ ପ୍ରେପେକା ନାମରେ ଥିବା ଏକ ଆକାଉଣ୍ଟ ନମ୍ବର ଦେଇ ବେଦାନ୍ତ କମ୍ପାନୀକୁ ତିନି ଲକ୍ଷ୍ୟ ଟଙ୍କା ଚାନ୍ଦା ମାଗିଥିଲେ। ଏନେଇ ଖବର ମିଳିବା କ୍ଷଣି ଚାନ୍ଦା ଦେବାକୁ ଶଙ୍କର ସାଉନ୍ତା ମନା କରିବାରୁ ସେମାନଙ୍କୁ ଟଙ୍କାଟିଏ ବି ଦିଆଯାଇ ନଥିଲା। ଏହା ଆମ ଆଦିବାସୀ ସମାଜକୁ ବଦନାମ କରାଯାଉଛି ତେଣୁ ଏହାକୁ ନେଇ ଆମେ ଆଦିବାସୀ ଭାଇ ମାନେ ଥାନାର ଦ୍ୱାରସ୍ତ ହେଇଚୁ ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ସାଉନ୍ତା ପ୍ରକାଶ କରିଥିଲେ। ଉକ୍ତ ଲେଟର ପେଡ ରେ ସମାଜ ସେବି ଶଙ୍କର ସାଉନ୍ତାଙ୍କୁ ସଭାପତି, ତୟାପୁଟ ପୂର୍ବତନ ସରପଞ୍ଚ ଦାସାରୀ ମୁସ୍କାଙ୍କୁ ଉପ ସଭାପତି, ଭିତରଗଡ଼ ପୂର୍ବତନ ସରପଞ୍ଚ ଶ୍ରୀଧର ଯାନୀଙ୍କୁ ସମ୍ପାଦକ ଓ ଲକ୍ଷ୍ମୀପୁର ବ୍ଲକ କୁଇ ସମାଜର ସଭାପତି ରୁଦ୍ର ସାଉଁତାଙ୍କୁ କୋଷାଧକ୍ଷ ବୋଲି ଲେଖା ହୋଇଛି। ଏନେଇ ଶଙ୍କର ସାଉନ୍ତା ଲକ୍ଷ୍ମୀପୁର ଥାନାର ଦ୍ୱାରସ୍ଥ ହୋଇ ଉକ୍ତ ଦୁଇଜଣଙ୍କ ନାମରେ ଏକ ଏତେଲା ଦେବା ସହ ୧୦ ଦିନ ଭିତରେ ଦୁହିଁଙ୍କୁ ଗିରଫ ନକଲେ ଖଣି ପରିବହନ ଗାଡ଼ି ବନ୍ଦ କରାଯିବ ବୋଲି ପୋଲିସ କୁ କହିଛନ୍ତି। ଏତେଲା ଦେବା ବେଳେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୁଇ ସମାଜ ସଭାପତି ରୁଦ୍ର ସାଉନ୍ତା,ଆଦିବାସୀ ପ୍ରଗତିବାଦୀ ସମାଜର ସମ୍ପାଦକ ରାଜେଶ ଯାନୀ, ଲକ୍ଷ୍ମୀପୁର ସରପଞ୍ଚ ଶ୍ୟାମାସୁନ୍ଦର ତାଡିଙ୍ଗି, କାକିରିଗୁମା ସରପଞ୍ଚ ପୃଷ୍ଟ ସାଉନ୍ତା, ପୂର୍ବତନ ତୟାପୁଟ ସରପଞ୍ଚ ଉଦୟ ହିକକା, କୁସୁମଗୁଡା ସରପଞ୍ଚ ଇନ୍ଦ୍ର ପାଙ୍ଗିଆ, ଜୋନ-୨ ଜିଲ୍ଲା ପରିଷଦ ସଭ୍ୟ ହେଙ୍ଗୁ ସାଉନ୍ତାଙ୍କ ସମେତ ବହୁ ସଂଖ୍ୟାରେ ଆଦିବାସୀ ଲୋକ ଉପସ୍ଥିତ ଥିଲେ।

# ଅନ୍ଧ ବିଶ୍ୱାସରୁ ଦୂରେଇ ରହିବା ନେଇ ସଚେତନତା ଶିବିର



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ପୋଲିସ ଥାନାରେ ଆମ ପୋଲିସ ସମିତି ପକ୍ଷରୁ ଅନ୍ଧ ବିଶ୍ୱାସରୁ ଦୂରେଇ ରହିବାକୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ଧୁଗାଁ ପୋଲିସ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏସଡିପିଓ ମନୋଜ କୁମାର ବେହେରା, ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣିଆକା, ବିଡିଓ ମିନତୀ ଜଗଦେବ, ତହସିଲଦାର ସୋନାଲି ପାତ୍ର, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ, ବ୍ଲକ ଉପାଧକ୍ଷା ଗୀତାଞ୍ଜଳୀ ପିଡ଼ିକା, ବିଧାୟକ ପ୍ରତିନିଧି ଡି ଏଙ୍କାଟି, ବିଜେପି ଜିଲ୍ଲା ସମ୍ପାଦକ ଶରତ ପାତ୍ର, ବିଜେଡି ପୂର୍ବତନ ବ୍ଲକ ସଭାପତି ଏସ ନାଗାରାଜୁ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନେକ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହି ଥିଲେ। ଶିଶୁ ଉତ୍ପୀଡନ, ବାଲ୍ୟ ବିବାହ, ପରମ୍ପରା ନାମରେ ପ୍ରେମୀ ଯୁଗଳଙ୍କୁ ବଳଦ ଦଣ୍ଡ, ଗୁଣି ଗାରେଡ଼ି, ବଳି ଦେବା, ଶିଶୁକୁ ଚେଙ୍କ ଦେବା, ଚେରମୂଳି ଔଷଧ ଖାଇବା, ମଦକୁ ମେଡିସିନ ଭାବି ପିଇବା, ସାଇବର ଅପରାଧ, କଙ୍ଗାରୁ କୋର୍ଟ କରି ଦଣ୍ଡ ଓ ଧର୍ମକୁ ନେଇ ବିବାଦ ବଢ଼ାଇବା ଇତ୍ୟାଦି ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଆଗାମୀ ଦିନରେ ପ୍ରତି ମାସ ରେ ଗାଁ ଗୁଡ଼ିକରେ ଥିବା ଜାନି ଦିଶାରି, ସାଉନ୍ତା, ବାରିକ, ପେଜିଣି, ୱାର୍ଡ ମେମ୍ବର, ସମିତି ଓ ସରପଞ୍ଚମାନଙ୍କୁ ପଞ୍ଚାୟତ ସ୍ତରୀୟ ସଚେତନତା ସୃଷ୍ଟି କରିବା ପାଇଁ ଉପସ୍ଥିତ ସରପଞ୍ଚ ଅନୁରୋଧ କରିଥିଲେ। ଆମ ପୋଲିସ ସମିତି ତରଫରୁ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ସଚେତନତା ଶିବିର ଆୟୋଜନ କରିବାକୁ ଏସଡିପିଓ ବେହେରା ପ୍ରତିଶ୍ରୁତି ଦେଇଛନ୍ତି।

## ବିଶାଳ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସ୍ୱାଧିନତା ଦିବସ ପୂର୍ବରୁ ହର ଘର ତ୍ରିରଙ୍ଗା ଅଭିଯାନକୁ ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ ଆଜି କରଞ୍ଜିଆ ସହର ଠାରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମିଳନ ପଡିଆ ଠାରୁ ଏହି ପଦଯାତ୍ରା ସକାଳ ୮ ଘଟିକା ସମୟରେ ବାହାରିଥିଲା। ପାଞ୍ଚପୀଢ଼ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ସହିତ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧକ୍ଷ ସ୍ୱରୂପ କୁମାର୍ ପରିଜା, ବିଭିନ୍ନ ୱାର୍ଡର ଅଙ୍ଗନୱାଡି କର୍ମୀ, ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ବିଦ୍ୟାର୍ଥୀ, ଶିକ୍ଷକ, ଶିକ୍ଷୟତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ବହୁ ଜନସାଧାରଣ ମଧ ଏହି ଶୋଭାଯାତ୍ରାରେ ଯୋଗଦେଇ ମିଳନ ପଡିଆ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସିନେମାହଲ୍ ଛକ, ଅମ୍ବିକା ମନ୍ଦିର, ବଜାର ରାସ୍ତା ହୋଇ ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ମାନ ଦେଇ ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଇଥିବାବେଳେ ଟ୍ରାଫିକ ଓ ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ କରଞ୍ଜିଆ ପୋଲିସ ପକ୍ଷରୁ ସମସ୍ତ ଛକ ମାନଙ୍କରେ ମୁତୟନ ରହିଥିଲେ।

# ସ୍ୱଳ୍ପ ବର୍ଷା ଯୋଗୁଁ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ

କଣାସ, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ପାଣିପାଗର ଅନିୟମିତତା ଯୋଗୁଁ ବର୍ଷା ପରିମାଣ କମ ହେବା ଯୋଗୁଁ ଶାରଦ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ବର୍ତ୍ତମାନ ସୁଧା ଋଷୀମାନେ ଧାନ ରୁଆରୋଇ କାର୍ଯ୍ୟ ପାଣି ଅଭାବ ଯୋଗୁ କରିନଥିବାରୁ ହାତବାନ୍ଧି ବସି ରହିଛନ୍ତି। ଯେଉଁ ଅଂଚଳରେ ଜଳସେଚନ ସୁବିଧା ପାଇଁ କେନାଲ୍ମାନ ନିର୍ମାଣ କରାଯାଇଛି ସେହି ଅଂଚଳରେ ଥିବା କେନାଲ୍ରେ ଜଳ ଯୋଗାଣ ହେଉନଥିବାରୁ ଋଷୀମାନଙ୍କ ମ୍ନରେ ତିବ୍ର ଅସନ୍ତୋଷ ଦେଖାଦେଇଛି। କଥାରେ ଅଛି ଧାରା ଶ୍ରାବଣରେ ମାସ ସାରା ବର୍ଷା ଅତ୍ୟାଧିକ ହୁଏ ଯାହା ଦ୍ୱାରା କି ଋଷୀମାନଙ୍କର ଧାନରୁଆରୋଇ କାର୍ଯ୍ୟ ଶେଷ କରିଦେଇଥାଏ। କିନ୍ତୁ ଚଳିତ ବର୍ଷ ଧାରାଶ୍ରାବଣରେ ମାସ ସାରା ବର୍ଷା ନ ହେବାରୁ ଜମି ସବୁ ଶୁଖି ଆଁ କରିଛି ଏବଂ ବର୍ଷା ନ ହେବାରୁ ଅନେକ ଧାନ ଜମିରେ ମୁଥା, ଚରିରୁଡି ବଣ ମାଡି ଗଲାଣି। ଯାହା ଦ୍ୱାରା କି ଋଷୀମାନେ ଏଗୁଡିକୁ ସାଧିୟ କରିବା ପାଇଁ ନାକେଦମ ହେବେ।



ଜଗତସିଂହପୁର( ଭାସ୍କର ନ୍ୟୁଜ): ଜଗତସିଂହପୁର ବ୍ଲକ ଅଧିନ ପିତେଇପୁର ପଞ୍ଚାୟତ ଠାରେ ଥିବା କନକଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୧୨ ତାରିଖ ଦିନ ମଧ୍ୟାହ୍ନ ଭୋଜନରେ ବିଛା ବାହାରିବା ଘଟଣାକୁ ନେଇ ତୁମୁଳକାଣ୍ଡ ଘଟି ଯାଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରର ମଧ୍ୟାହ୍ନ ଭୋଜନରୁ ବିଛା ବାହାରିବାରୁ ସେ ଅସୁସ୍ଥ ହୋଇପଡିଥିଲେ ଓ ଅନ୍ୟ ପିଲାମାନେ ବାନ୍ତି କରି ପକାଇଥିଲେ। ଏଭଳି ସ୍ଥିତିରେ ଏଠାରେ ଉପସ୍ଥିତ ଥିବା ସ୍ନେହାଞ୍ଜଳି ମହାପାତ୍ର ନାମକ ଜଣେ ସରକାରୀ ଶିକ୍ଷୟତ୍ରୀ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ବିଦ୍ୟାଳୟରେ ପିଇଟି ରଞ୍ଜନ ମହାନ୍ତିଙ୍କୁ ଜଣାଇଥିଲେ। ସେଥିରେ ଉତକ୍ଷିପ୍ତ ହୋଇ ପିଇଟି ରଞ୍ଜନ ମହାନ୍ତି ସମ୍ପୃକ୍ତ ଶିକ୍ଷୟତ୍ରୀଙ୍କୁ ଅତି କଦର୍ଯ୍ୟ ଭାଷାରେ ବିଦ୍ୟାଳୟ ପରିସରରେ ଗାଳିଗୁଲଜ କରିବା ସହିତ କୁଚିତ ଇଙ୍ଗିତ କରିଥିଲେ। ଉକ୍ତ ଘଟଣାକୁ ନେଇ ସମ୍ପୃକ୍ତ ସହକାରୀ ଶିକ୍ଷୟତ୍ରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରିଥିଲେ ମଧ ସେ କୋ ?ଣସି ପଦକ୍ଷେପ ନନେବାରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଇଣ୍ଟରନାଲ କମିଟି ଡକାଇ ଅଭିଯୋଗ କାରିଣୀ ସହକାରୀ ଶିକ୍ଷୟତ୍ରୀ ଓ ପିଇଟି ଶିକ୍ଷକଙ୍କୁ ହାଜିରି ହେବାପାଇଁ ପତ୍ର ସଂଖ୍ୟା ୬୪୯୨ ତା ୧୩.୮.୨୦୨୫ରେ ଜଣାଇ ଦିଆଯାଇଥିଲା। ଇଣ୍ଟରନାଲ କମିଟି ଅଧକ୍ଷ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଜଗତସିଂହପୁରଙ୍କ ଉପସ୍ଥିତରେ କମିଟି ବସିଥିଲେ ମଧ ଫଳାଫଳ ସମ୍ପର୍କରେ କୋ ?ଣସି ସୂଚନା ମିଳିପାରିନାହିଁ।



AU SMALL FINANCE BANK
**Registered Office:**19-A Dhuleshwar Garden, Jaipur, Rajasthan, India, 302001.
**www.aubank.in**

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **22 AUGUST 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 25660000508881 25660000510866 | **CUTTACK** - 24660002492655 24660002492945 24660002492745 24660002492885 24660002600334 | **HINJILICUT** - 25660000506885 | **KUAKHIA** - 24660002441433 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
Manager
AU Small Finance Bank Limited

# ତାଳଚେର ରେ କଲେଜ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ଶୟଂଶାସିତ ମହା ବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତାଳଚେର କଲେଜ ଅଧକ୍ଷ ମେଜର ସୁବ୍ରତ କୁମାର ଦାସ ଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କଲେଜ ଠାରୁ ବାହାରି ସହର ପରିକ୍ରମା କରି ନୁଆ ବସ ଷ୍ଟାଣ୍ଡ, ଜେଲ ରୋଡ, ବିରାଦର ପଡା, ବଡ଼ ବଜାର , ତାଳଚେର ଥାନା ରୋଡ ,ଚିତ୍ରକୂଟ ବଜାର , ଫାଷ୍ଟ ଗେଟ୍, ବାଇପାସ ଦେଇ ପୁଣି ତାଳଚେର କଲେଜ ରେ ଏହି ଶୋଭାଯାତ୍ରା ସମାପ୍ତ ହୋଇଥିଲା। ପ୍ରାୟ ହଜାର ହଜାର ସଂଖ୍ୟାରେ ଛାତ୍ର ଛାତ୍ରୀ ମାନେ ତ୍ରିରଙ୍ଗା ପତାକା ଧରି ଦେଶ ମାତୃକା ସଙ୍ଗୀତ ଗାନ ସହିତ ଛାତ୍ର ଛାତ୍ରୀ ମାନେ ଭାରତ ମାତା କି ଜୟ, ବନ୍ଦେ ମାତରଂ ଧ୍ୱନୀ ରେ ସାରା ସହର ପ୍ରକମ୍ପିତ କରିବା ସହ ବିଭିନ୍ନ ପ୍ରକାର ନାରା ଦେଇ ସମସ୍ତଙ୍କ ମନରେ ଦେଶ ପ୍ରେମର ଭାବନା ଜାଗ୍ରତ କରାଯାଇ ଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ରେ କଲେଜ ର ସମସ୍ତ ଅଧାପକ ଅଧାପିକା କର୍ମଚାରୀ ମାନେ ସାମିଲ୍ ହୋଇଥିବା ଦେଖିବାକୁ ମିଳିଥିଲା।। ଏହି ଶୋଭାଯାତ୍ରା ଛାତ୍ର ଛାତ୍ରୀଙ୍କ ଦୁଇ ଲାଇନ ରେ ଯାଇ ପ୍ରାୟ ଦୁଇ କିମି ବ୍ୟାପି ଲମ୍ୱ ବିଶିଷ୍ଟ ରାଲି କୁ ଦେଖିବା ପରେ ସହର ରେ ଲୋକମାନଙ୍କ ମଧ୍ୟରେ ଖୁସି ଓ ଗର୍ବ ଅନୁଭବ କରିଥିବା ଲକ୍ଷ୍ୟ କରାଯାଉଥିଲା।

# ବେକରେ ରଶି ଲଗାଇ ଦୁଇ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ରୋଡର ଏକ ହୋଟେଲରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଏକ ହୋଟେଲ ରୁମ୍ ଭିତରୁ ଦୁଇ ମୃତଦେହ ଉଦ୍ଧାର ହୋଇଛି। ଚକ୍ରତୀର୍ଥ ରୋଡ ଠାରେ ଥିବା ଏକ ହୋଟେଲରେ ଜଣେ ମହିଳା ଓ ପୁରୁଷଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ, ଉଭୟ ମୃତକ ହେଉଛନ୍ତି ପୂର୍ବ ବର୍ଦ୍ଧମାନ ପଶ୍ଚିମବଙ୍ଗ ଅଞ୍ଚଳର ଉଭୟଙ୍କ ନାମ ହେଉଛି କୁମରେଶ ଘୋଷ ଓ ମିତାଲି ଘୋଷ। ଦୁଇଦିନ ପୂର୍ବରୁ ହୋଟେଲ ରୁମ୍ ଭିତରେ ଆତ୍ମହତ୍ୟା କରିଥିବା ସୂଚନା ମିଳିଥିବା ବେଳେ ଉଭୟ ପ୍ରେମିଯୁଗଳ ବୋଲି ଜଣାପଡିଛି। ଏହି ଦୁଇ ପ୍ରେମୀଯୁଗଳ ଅନ୍ୟତ୍ର ବିବାହିତ ହୋଇଥିବା ଜଣାପଡିଛି।

## ପୂର୍ବ ତଟ ରେଳପଥ

ସଂ. MCS/Stores/E-procure/Tender Notice/DOOR FOR TEJAS/265, ତା.07.08.2025ରିଖ

ଟେଣ୍ଡର ସଂ. 92255642

**ବିବରଣୀ :** TEJAS କୋଚ୍‌ଗୁଡ଼ିକ ନିମନ୍ତେ ସିଙ୍ଗିଲ୍ ଲିଫ୍ ଅଟୋମେଟିକ୍ ସ୍ଲାଇଡିଂ ମୁଖ୍ୟ ପ୍ରବେଶଦ୍ୱାର ପ୍ଲଗ୍ ଡୋର(Plug door) ଇତ୍ୟାଦିର ଯୋଗାଣ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.09.2025 ରିଖ 1500 ଘଟିକାରେ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର, ଭୁବନେଶ୍ୱର
PR-475/Q/25-26

## B.I.T. SINDRI
## P.O.-SINDRI INSTITUTE
## DIST; DHANBAD (JHARKHAND) PIN: 828123

**e-tender Notice -**
**BIT/9/2025-26/DSP/ECE1**

**Reference Number: BIT/9/2025-26/DSP/ECE1**
**Dated :- 13-08-2025**
**Tender ID: 2025_DHTE_103868_1**

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply of DSP Trainer Kit for ECE Department at BIT Sindri, Dhanbad, Jharkhand. |
| 3 | Document download start date | 18-08-2025 |
| 4 | Document download end date | 18-08-2025 |
| 5 | Bid submission end date | 08-09-2025 |
| 6 | Bid opening date | 09-09-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

Sd/-
Director,
B.I.T., Sindri
PR 359617 Higher Education,Technical Education and Skill Development Department(25-26).D

## कार्यपालक अभियन्ता का कार्यालय, ग्रामीण कार्य विभाग, कार्य प्रमण्डल, लातेहार

**अल्पकालीन ई–पुनर्निविदा आमंत्रण सूचना**
**ई–पुनर्निविदा संख्या :– 05/R2/2024-25/EE/RWD/LATEHAR**
**दिनांक : 14.08.2025**

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि | कॉल |
|---|---|---|---|---|---|---|---|
| 1 | RWD/LATEHAR22/2024-25 | बरवाडीह | पंचायत मंगरा ग्राम अमडीहा में पी0एम0जी0एस0वाई0 रोड अमडीहा जयराम सिंह के घर से पी0डब्लू0डी0 रोड डोरामी यात्रीषेड तक पथ निर्माण। | 278.780 | रू0 दो करोड़ अठहत्तर लाख अठहत्तर हजार मात्र। | 15 माह | तृतीय |

1. वेबसाईट में निविदा प्रकाशन की तिथि : 21.08.2025
2. ई–निविदा प्राप्ति की अंतिम तिथि एवं समय : 28.08.2025 अपराह्न 5:00 बजे तक।
3. निविदा खोलने की तिथि एवं समय : 30.08.2025 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता
ग्रामीण कार्य विभाग कार्य प्रमण्डल, लातेहार
PR 359662 (REO)25-26*D

## द.पू. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ଡିଭିଜନାଲ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ) ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। କ୍ରମିକ.ନଂ; ନୋଟିସ୍ ନଂ; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ସର୍ବଶ୍ରେଷ୍ଠ ମୂଲ୍ୟ ନିମ୍ନଲିଖିତ: ୧) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୭-୨୦୨୫: ରାଞ୍ଚି ଡିଭିଜନର କ୍ଷେତ୍ରାଧିକାର ପାଇଁ ପାକୁର/ତାଲଝରୀ/ବାରହାରୱା ଖଣି ସାଇଡିଂରେ ରେଳ ୱାଗନ/ହପରରେ ଯୋଗାଣ ଏବଂ ଲୋଡିଂ ଏବଂ ସମାନ ୮୫୨୬୬ କମି ୫୦ ମିମି ଆକାରର ମାଟିରି ଚୂର୍ଣ୍ଣ କଠିନ ପଥର ଟ୍ରାକ୍ ବାଲାଷ୍ଟକୁ ଅନଲୋଡ୍ କରିବା (ଗନ୍ତବ୍ୟସ୍ଥଳରେ ମାପ କରାଯିବ); ଟ.୧୨,୪୪,୮୬,୬୫୪.୬୮; ଟ.୭,୭୨,୪୦୦.୦୦। ୨) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୬୮-୨୦୨୫: ରାଞ୍ଚି ଡିଭିଜନର କ୍ଷେତ୍ରାଧିକାର ପାଇଁ ବାକୁଡିମା/ରାଜଗ୍ରାମ/ପିନାର୍ଗାରିଆ ଖଣି ସାଇଡିଂରେ ରେଳ ୱାଗନ/ହପରରେ ଯୋଗାଣ ଏବଂ ଲୋଡିଂ ଏବଂ ସମାନ ୮୪୮୬୧ କମି ୫୦ ମିମି ଆକାରର ମେସିନ୍ ଚୂର୍ଣ୍ଣ କଠିନ ପଥର ଟ୍ରାକ୍ ବାଲାଷ୍ଟକୁ ଅନଲୋଡିଂ (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ଟ.୧୨,୩୮,୯୫,୩୬୨.୭୮; ଟ.୭,୬୯,୫୦୦.୦୦। ୩) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୯-୨୦୨୫: ୨ ବର୍ଷ ସମୟାବଧି ପାଇଁ ସିନିଅର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ)/ବାନୋର ଅଧିକାରକ୍ଷେତ୍ର ଅଧୀନରେ ହାଟିଆ-ଓରଗା ସେକ୍ସନରେ ନୂତନ କାର୍ଯ୍ୟ, ବିଦ୍ୟମାନ ପରିସର ଏବଂ ଜଳ ଯୋଗାଣ ବ୍ୟବସ୍ଥାରେ ଯୋଡା ଏବଂ ପରିବର୍ତ୍ତନ ପ୍ରତ୍ୟେକ ଏପରି କାର୍ଯ୍ୟର ମୂଲ୍ୟ ୫,୦୦,୦୦୦.୦୦ ଟଙ୍କା (ମାତ୍ର ପାଞ୍ଚ ଲକ୍ଷ ଟଙ୍କା) ରୁ ଅଧିକ ନୁହେଁ ଏବଂ (ଖ) ୦୧:୦୭ ୨୦୨୫ ରୁ ୩୦.୦୬.୨୦୨୭ ପର୍ଯ୍ୟନ୍ତ ସେକ୍ସନ କି.ମି. ୪୨୮/୧୨ରୁ ଜିବିଏକ୍ସ (ଏକ୍ସ) ପର୍ଯ୍ୟନ୍ତ ଅବଧି ମଧ୍ୟରେ ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀ ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀ ପରିବହନ ପାଇଁ ଜୋନାଲ କାର୍ଯ୍ୟ; ଟ.୭୮୯,୯୯,୮୬୦.୮୨: ଟ.୧,୮୦,୦୦୦.୦୦; ୪) ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୯୦-୨୦୨୫: ଦୁଇବର୍ଷ ସମୟାବଧି ପାଇଁ ୬୬୬ (କାର୍ଯ୍ୟ) / ହାଟିଆର ଅଧିକାର କ୍ଷେତ୍ରରେ ନୂତନ କାର୍ଯ୍ୟ, ବିଦ୍ୟମାନ ପରିସର ଏବଂ ଜଳ ଯୋଗାଣ ବ୍ୟବସ୍ଥାରେ ଯୋଗ ଏବଂ ପରିବର୍ତ୍ତନ ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ୫,୦୦,୦୦୦.୦୦ ଟଙ୍କା (ପାଞ୍ଚ ଲକ୍ଷ ଟଙ୍କା କେବଳ) ରୁ ଅଧିକ ନ ହେବା ଉପରେ ନିର୍ଭର କରେ ଏବଂ (ଭ) (ଭ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀ ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀ ପରିବହନ ୦୧.୦୭.୨୦୨୫ ରୁ ୩୦.୦୬.୨୦୨୭ (୦୨ ବର୍ଷ) ପର୍ଯ୍ୟନ୍ତ କର୍ମଚାରୀ କ୍ୱାର୍ଟର୍ସ ପାଇଁ ଜୋନାଲ କାର୍ଯ୍ୟ। (କ୍ୱାର୍ଟରର ବିବରଣୀ: ଟାଇପ୍-I-୪୭୯। ଟାଇପ୍-II-୧୪୫୬। ଟାଇପ୍-III-୨୩, ମୋଟ-୯୫୮ସଂଖ୍ୟକ), ଟ.୧,୦୦,୭୭,୪୪୦.୨୦; ଟ.୨,୦୦,୪୦୦.୦୦। ଟେଣ୍ଡର ଶେଷ ତାରିଖ ଏବଂ ସମୟ: ୦୪.୦୯.୨୦୨୫ ଦିନ ୧୫.୦୦ ଘଣ୍ଟା। (ସମସ୍ତ ଟେଣ୍ଡର ପାଇଁ) ଟେଣ୍ଡରାଫମାନେ ଅନଲାଇନ୍ ଟେଣ୍ଡରିଂ ପାଇଁ www.krops.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ।

(PR-024)

## B.I.T. SINDRI
## P.O.-SINDRI INSTITUTE
## DIST; DHANBAD (JHARKHAND) PIN: 828123

**e-tender Notice -**
**BIT/3/2025-26/Mech2**

**Reference Number: BIT/3/2025-26/Mech2 Dated :- 13-08-2025**
**Tender ID: 2025_DHTE_103270_1**

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply of Material Characterization laboratory Equipment for Mechanical Engineering Department at BIT Sindri, Dhanbad, Jharkhand. |
| 3 | Document download start date | 18-08-2025 |
| 4 | Document download end date | 18-08-2025 |
| 5 | Bid submission end date | 08-09-2025 |
| 6 | Bid opening date | 09-09-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

PR 359619 (Higher Education,Technical Education and Skill Development Department) 25-26 (D)
Sd/-
Director,
B.I.T., Sindri

## Office of the Executive Engineer
## Road Construction Department,
## Road Division, Chaibasa
## eercdchaibasa-jhr@nic.in

**Very Short E-Procurement Notice**
**E-tender Reference No. : RCD/CHAIBASA/2024-25/17 (10th Call)**
**Date : 13.08.2025**

| | | |
|---|---|---|
| 1. | Name of Work | Selection of Bidder for collection of user fee through fee collecting agency on the basis of the competitive bidding through on E-Tender Basis only at Km. 13+400 at Sanagajata Toll Plaza for the section from Km. 0.00 to Km. 47.86 (Chaibasa-Kandra Section) of State Highways No. 5 in the state of Jharkhand. |
| 2. | Estimated Cost (Rs.) | Rs 12,43,50,000.00 (Twelve Crore Forty Three Lacs Fifty Thousand) Only. Per annum |
| 3. | Time of Completion | 02 (Two) Years |
| 4. | Date of Publication of Tender On Website | 20.08.2025 at 11.30 AM |
| 5. | Last date/Time for receipt of bids. | 08.09.2025 Up to 3.00 P.M. |
| 6. | Date of Opening of Bid | 09.09.2025 at 03:30 P.M. |
| 7. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 8. | Contact no. of Procurement Officer | 7781899686 |
| 9. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in

Executive Engineer
PR 359567 West Singhbhum(25-26)#D RCD, Road Division, Chaibasa.

## कार्यालय कार्यपालन अभियंता
## वि./यां. लाईट मशीनरी नलकूप एवं गेट संभाग
## बिलासपुर (छ.ग.)

**निविदा निरस्तीकरण आदेश**

पत्र क्र. 2924 /व.ले.लि./2025–26 बिलासपुर दिनांक 12-08-2025

मुख्य अभियंता (निविदा प्रकोष्ठ) कार्यालय प्रमुख अभियंता जल संसाधन विभाग शिवनाथ भवन, नवा रायपुर, अटल नगर रायपुर के पृष्ठां. क्रं. 4263697/निविदा प्रकोष्ठ/2025/1700(TC) दिनांक 18.07.2025 के परिपालन में इस कार्यालय के निविदा सूचना क्रं. 08/व.ले.लि./2025–26 दिनांक 17.06.2025 बिलासपुर जिले के विकासखण्ड बिल्हा अंतर्गत बिलासपुर व्यपवर्तन योजना के जलद्वरों का पेंटिंग तथा सुधार/मरम्मत कार्य, रिमोट कंट्रोल सिस्टम का उन्नयन कार्य तथा कार्य स्थल पर प्रकाश व्यवस्था कार्य (प्रथम आमंत्रण) निविदा सिस्टम क्रं. 170143 को एकल निविदा होने के कारण निविदा निरस्त किया जाता है।

विज्ञापन क्रं. जी 252601632/3 दिनांक 20.06.2025

G-252602797/5

कार्यपालन अभियंता
वि./यां. लाईट मशीनरी नलकूप एवं गेट संभाग सकरी बिलासपुर (छ.ग.)

## ई० प्रोक्यूरमेंट सेल, कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल संख्या–02, रॉंची

**अल्पकालिन ई–प्रोक्योरमेन्ट नोटिस**
**ई–टेन्डर रेफरेन्स नं0–05/2025-26/EE/BCD/DIV-2,RANCHI.**
**दिनांक–15.08.2024**

| | | |
|---|---|---|
| 1. | कार्य का नाम | Proposed Expansion of Surveillance System at Jharkhand High Court Campus, Dhurwa, Ranchi. |
| 2. | प्राक्कलित राशि (रू0) | राशि रू0 2,44,14,300/– ( दो करोड़ चौवालिस लाख चौदह हजार तीन सौ ) रूपये मात्र। |
| 3. | कार्य पूर्ण की अवधि | 3 (तीन) माह |
| 4. | वेबसाईट पर निविदा प्रकाशन की तिथि | 23.08.2025 को 11:00 बजे |
| 5. | बिड प्राप्ति के लिए अन्तिम तिथि/समय | 30.08.2025 को 11:00 बजे तक |
| 6. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल संख्या–02, रॉंची। |
| 7. | निविदा खोलने की तिथि/समय एवं स्थान | 01.09.2025 को 11:30 बजे नोडल पदाधिकारी, ई0 प्रोक्यूरमेंट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, झारखण्ड, रॉंची |
| 7. | प्रोक्योरमेन्ट पदाधिकारी का सम्पर्क संख्या | 6203309676 |
| 8. | ई–प्रोक्योरमेन्ट सेल का हेल्पलाईन संख्या | 7992430721 |

9. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
10. सूचना प्रौद्योगिकी एवं ई–गवर्नेस विभाग, झारखण्ड, सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रकिया) एवं भवन निर्माण विभाग, झारखण्ड, सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल **Online Mode** द्वारा स्वीकार्य होगी।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत अग्रधन की राशि उसी खाते में वापस होगी। अगर खाता को बंद कर दिया जाता है तो उसकी संपूर्ण जवाबदेही निविदादाता की होगी।

- अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

**Note:-** UCAN Registration is mandatory for the Bidders.

कार्यपालक अभियंता
भवन निर्माण विभाग,
भवन प्रमण्डल संख्या–02, रॉंची।
PR.NO.359614 Building(25-26):D

## Government of Jharkhand
## Water Resources Department, Nepal House, Doranda, Ranchi

**Advertisement**

**Letter No - 2/PMC/Misc-68/2003 (Part-II) ………. /Ranchi, Dated: -…………**

1. The formation of the First Jharkhand Water Resources Commission was notified vide resolution no.-462, dated- 13.06.2025.
2. In light of the above resolution, Water Resources Department (WRD), Government of Jharkhand (GoJ), Ranchi, invites applications in the enclosed format for the selection of full-time members (technical personnel) on a contract basis for the establishment of the First Jharkhand Water Resources Commission.
3. Honorarium, Qualification, Experience and Upper Age Limit is as following:

| S. No. | Name of Post | No. of Posts | Honorarium per Month (in Rs.) | Qualification | Experience | Upper Age Limit |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Water Resources Development Specialist | 1 | 1,80,700 | BE/BTech/B.Sc. Engg. in Civil Engineering Discipline. Preference will be given to ME/MTech/M.Sc. Engg./Phd having specialization in the field of Water Resources Engineering. | Minimum 20 years academic/field experience in the field of Water Resources Development (Not below the rank of Chief Engineer) | 62 Years |
| 2. | Hydrology Specialist | 1 | 1,80,700 | BE/BTech/B.Sc. Engg. in Civil Engineering Discipline. Preference will be given to ME/MTech/ M.Sc. Engg./M.Sc. Geology with specialization in Hydro Geology / Phd having specialization in the field of Integrated Water Resource Management. | Minimum 20 years academic/field experience in the field of Integrated Water Resource Management with focus on Ground Water Development and Management (Not below the rank of Chief Engineer) | 62 Years |
| 3. | Soil Conservation/ Agriculture Specialist | 1 | 1,80,700 | BE/BTech/B.Sc. Engg. in Agriculture Engineering. Preference will be given to ME/ MTech/M.Sc. Engg./Phd having specialization in the field of Soil water Conservation/Agronomy. | Minimum 20 years academic/field experience in the field of Soil water Conservation / agronomy (Not below the rank of Chief Engineer) | 62 Years |
| 4. | Water Resources Development Specialist | 2 | 1,69,900 | BE/BTech/B.Sc. Engg. in Civil Engineering Discipline. Preference will be given to ME/MTech/M.Sc. Engg./Phd having specialization in the field of Water Resources Engineering. | Minimum 20 years academic/field experience in the field of Water Resources Development (Not below the rank of Superintending Engineer) | 62 Years |
| 5. | Hydrology Specialist | 2 | 1,69,900 | BE/BTech/B.Sc. Engg. in Civil Engineering Discipline. Preference will be given to ME/MTech/ M.Sc. Engg./M.Sc. Geology with specialization in Hydro Geology / Phd having specialization in the field of Integrated Water Resource Management. | Minimum 20 years academic/field experience in the field of Integrated Water Resource Management with focus on Ground Water Development and Management (Not below the rank of Superintending Engineer) | 62 Years |
| 6. | Soil Conservation/ Agriculture Specialist | 1 | 1,69,900 | BE/BTech/B.Sc. Engg. in Agriculture Engineering. Preference will be given to ME/ MTech/M.Sc. Engg./Phd having specialization in the field of Soil water Conservation/Agronomy | Minimum 20 years academic/field experience in the field of Soil water Conservation/ agronomy (Not below the rank of Superintending Engineer) | 62 Years |

4. Honorarium is based on notification no.-1284, dated-03.05.2023 of the Finance Department, Government of Jharkhand and is subject to change as per latest notification of the Finance Department, Government of Jharkhand.
5. The services of Full Time Members shall be rendered for the tenure of the Commission i.e. two (02) years (24 months). The tenure of two (02) years shall be counted from the date of first meeting of the Commission.
6. The Full Time Members shall be responsible to function as per the requirements of Terms of Reference (ToR) of the First Jharkhand Water Resources Commission. The Terms of Reference of the Commission can be accessed via resolution no.-462, dated- 13.06.2025, published in the e-Gazette of Jharkhand vide extraordinary gazette no.-273, dated- 20.06.2025 at: https://egazette.jharkhand.gov.in/
7. These full-time members shall be selected by the State Government on recommendation of a high-level selection committee.
8. The calculation of age will be done with reference to 01.08.2025.
9. Eligible candidates shall be intimated to appear for interview before the high-level selection committee along with their application with C.V. in the enclosed application format, and original certificates.
10. Candidates having requisite qualification may submit their application along with CV in the enclosed format to the undersigned, latest by 30.09.2025 up to 5:00 P.M, through speed post /e-mail.
11. TA/DA shall not be payable for attending the interview.
12. No Claim for regularization can be made for any post at any point of time.
13. The decision of the High-Level Selection Committee shall be final and binding on all. The committee reserves all rights to select or reject any/all of applications/candidatures at any time of selection process.
14. The hiring of the Full-Time Members shall be done purely on contract basis and WRD, GoJ, reserves all rights to dispense the services of these Full-Time Members before the completion of tenure, if found unsatisfactory.
15. The notice, the format of application and resolution no.-462, dated-13.06.2025 is also available on the departmental website having URL: https://wrd.jharkhand.gov.in

(Bijay Kumar Bhagat), Joint Secretary (Engg.)
Water Resources Department, Government of Jharkhand, Ranchi
E-mail ID: - jseceng-wrd-jhr@nic.in
PR 359657 Water Resource(25-26)#D

## OFFICE OF THE MUNICIPAL COUNCIL:GUNUPUR

**e-procurement Notice**
Tender Reference No.GUN-MUN-76/2025-26
C-873

No. 1541 dt. 13.08.2025

| | | | |
|---|---|---|---|
| 01. | Total Nos. of Works | : | Fifty two (52) nos. of Civil Works |
| 02. | Approximate Estimated Cost (Excluding GST 18%) | : | Rs 3,70,893/- to Rs 16,94,067/- |
| 03. | Period of Completion | : | Three(03) months |
| 04. | Date & Time of availability of Bid Document in the Portal | : | 11.00 Hrs. of Dt 18.08.2025 to 17.00 Hrs. of Dtd. 03.09.2025 for Online Bidding |
| 05. | Last date/Time for receipt of bids in the portal | : | 17.00 Hrs. of Dtd. 03.09.2025 |
| 06. | Name and address of the Officer Inviting Bids | : | Executive Officer, Gunupur Municipality |
| 07. | Date of opening of Bids | : | 11.00 Hrs. on Dtd. 04.09.2025 |
| 08. | Further details can be seen from the e-Procurement Portal | : | www.tendersodisha.gov.in |
| 09. | Further Addendum/Corrigendum if any will be hosted in the above website | | |

Sd/-Executive Officer
Gunupur Municipality
OIPR 13104/11/0022/2526

## OFFICE OF THE SR. GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA,

CAD-1458

DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
ISO 9001-14001 18001 Certified

**NOTICE INVITING TENDER No. UIHEP-25/2025-26 DATE 13.08.2025**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from registered firms with minimum of 02 (two) years of relevant experience and fulfilling the eligibility criteria as per the tender specification for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Underwater diving and salvage work of UIHEP, Mukhiguda for two years. | 7,080/- (inclusive of GST) | 23,670/- | From 18.08.2025 to 01.09.2025 up to 13.00 Hrs | 01.09.2025 (up to 13:30 Hrs) | 01.09.2025 at 16:30 Hrs |

For details of the tender documents, terms and conditions please visit our website **www.ohpcltd.com**

Sd/-C&P Head
UIHEP, Mukhiguda
OIPR 04008/11/0042/2526

## ZILLA SWASTHYA SAMITI, GAJAPATI
O/o Chief District Medical & Public Health Officer,
Gajapati, Paralakhemundi
Pin- 761200

Advt No- 6477 Date: 12-08-2025

**Tender Notice for hiring of vehicle**

E-

Sealed Tenders are invited from interested reputed Agencies / Tour Operators or private individuals for providing vehicle for official use in the office of the Chief District Medical & Public Health Officer, Gajapati on monthly & daily hiring basis.

| Type of Vehicle | Mode of hiring | Purpose | Nos of Vehicle |
|---|---|---|---|
| Mahindra Bolero or equivalent (Min 06 seater) **Annex-A** | Monthly Hiring | Official | 01 |
| Mahindra Bolero or equivalent (Min 06 seater) **Annex-B** | Monthly Hiring | RBSK MHT | 05 |
| As per Bid document **Annex-C** | Daily hiring basis | Official | As and when required |

Details regarding eligibility criteria, terms & conditions can be downloaded from the website: **https://gajapati.odisha.gov.in.**

Interested bidders fulfilling the eligibility criteria may submit their proposal with DD towards cost for tender paper, EMD & all requisite documents as per bid document. The sealed tender papers should reach to the office of the undersigned on or before Dt. **01-09-2025 till 05.00 P.M**. The same will be opened in the office of the undersigned on dt. **02-09-2025 04.00 PM.** Interested bidders are requested to attend at the time of opening of bids.

The authority reserves the right to reject any or all the proposals without assigning any reason thereof.

-sd-
Chief District Medical & Public Health Officer
Cum District Mission Director, Gajapati
OIPR 10105/11/0008/2526

## OFFICE OF THE PANCHAYAT SAMITI, CHITRAKONDA

No. 4269 /2025 Date: 07.08.2025

i-273

**TENDER CALL NOTICE No. 02/ 2025-26 DATED 06.08.2025**

The **Block Development Officer, Chitrakonda** on behalf of Governor of Odisha invites **Percentage Rate** bids in **Single** Cover System for the construction of work from the eligible class of Contractors as per DTCN.

| | | | |
|---|---|---|---|
| 1 | Nature of Work | : | Civil work |
| 2 | No. of Works | : | 02 |
| 3 | Amount put to Tender (Rs) | : | 23,58,414.00 & 9,49,838.00 |
| 4 | Period of completion | : | 04 (four) months |
| 5 | Date and time of availability of the tender documents in the Portal | : | From 11.08.2025 to 25.08.2025 (upto 05:00 PM) |
| 6 | Last date/ time for receipt of of Bids through Registered post/ Speed post only | : | Dt. 25.08.2025 upto 05:00 PM |
| 7 | Bids received through Registered post/ Speed post will be opened on | : | Dt. 26.08.2025 at 11:00 AM |
| 8 | Name and address of the Tender Inviting Authority | : | Block Development Officer, Chitrakonda |

Further, the details can be seen from the District NIC website http//Malkangiri.odisha.gov.in only.

Sd/-
Block Development Officer
Chitrakonda
OIPR 19312/11/0010/2526



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଦେଇଥିବା ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ବିଜେପି ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି । ଡ଼ ମହାନ୍ତି କହିଥିଲେ, ଦେଶର ବିକଶିତ ରାଜ୍ୟ ମାନଙ୍କରେ ମେଟ୍ରୋ ଚଳାଚଳ ଏକ ସାଧାରଣ ଘଟଣା ହୋଇଥିବା ବେଳେ, ଓଡିଶା ଭଳି ବିକାଶଶୀଳ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଆରମ୍ଭ ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଆବଶ୍ୟକ ପଦକ୍ଷେପ ନେଇଥିଲେ ।



### ରାଜ୍ୟ କୃଷି ମନ୍ତ୍ରୀ ଏବଂ ଅଧିକାରୀଙ୍କ ସହିତ କେନ୍ଦ୍ର ମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଅକ୍ଟୋବର ୩ ରୁ 'ବିକଶିତ କୃଷି ସଂକଳ୍ପ ଅଭିଯାନ'

ନୂଆଦିଲ୍ଲୀ: : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀରେ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, କୃଷି ସଚିବ ଶ୍ରୀ ଦେବେଶ ଚତୁର୍ବେଦୀ, ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଟ ତଥା ବିଭିନ୍ନ ରାଜ୍ୟର ବରିଷ୍ଠ ଅଧିକାରୀ ଏବଂ ବୈଜ୍ଞାନିକମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକର ଅଧ୍ୟକ୍ଷତା କରିଥିଲେ । ଆଲୋଚନାରେ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା ଯେପରିକି ସାର ଏବଂ ୟୁରିଆର ଅଭାବ, ବାୟୋ-ଷ୍ଟିମୁଲାଣ୍ଟ ପ୍ରମାଣପତ୍ର, 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଅଧୀନରେ ଆଗାମୀ ରବି ଫସଲ ପାଇଁ ପ୍ରସ୍ତୁତି, ପ୍ରାକୃତିକ କୃଷି ଉପରେ ଜାତୀୟ ମିଶନ, ଡାଲି ଏବଂ ତୈଳବୀଜ ଉତ୍ପାଦନ ବୃଦ୍ଧି, ୫ ବର୍ଷୀୟ କୃଷି କାର୍ଯ୍ୟ ଯୋଜନା, ବନ୍ୟା ଏବଂ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ଫସଲ ବୀମା ଦାବି ସମାଧାନ ଏବଂ ଚାଷୀଙ୍କ ଅଭିଯୋଗ ସମାଧାନ ପାଇଁ ଟୋଲ୍-ଫ୍ରି ନମ୍ବର ପ୍ରଚାର । ବୈଠକରେ ଅଗଷ୍ଟ ୨୩ ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଜାତୀୟ ପ୍ରାକୃତିକ କୃଷି ମିଶନ ପାଇଁ ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା । ଶ୍ରୀ ଚୌହାନ ମିଶନର ଲକ୍ଷ୍ୟ ପୂରଣ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ୧୦୦ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଧନ-ଧନ୍ୟ କୃଷି ଯୋଜନା ଅଧୀନରେ ଅଗ୍ରଗତି



ବିଷୟରେ ଆଲୋଚନା କରିଥିଲେ । ଶ୍ରୀ ଚୌହାନ କହିଛନ୍ତି ଯେ ୟୁରିଆର ଚାହିଦା ବୃଦ୍ଧିର ଦୁଇଟି ମୁଖ୍ୟ କାରଣ ହୋଇପାରେ: ପ୍ରଥମତଃ, ଭଲ ବର୍ଷା ଯୋଗୁଁ ଧାନ, ମକା ଏବଂ ଅନ୍ୟାନ୍ୟ ଫସଲର ବିହନ ବୃଦ୍ଧି; ଦ୍ୱିତୀୟତଃ, ଅଣ-କୃଷି ଉଦ୍ଦେଶ୍ୟରେ ୟୁରିଆର ସମ୍ଭାବ୍ୟ ଅପବ୍ୟବହାର । ଯଦି ଚାହିଦା ପ୍ରକୃତରେ କୃଷି ଆବଶ୍ୟକତା ପାଇଁ ହୋଇଥାଏ, ତେବେ ୟୁରିଆ ନିଶ୍ଚିତ ଭାବରେ ଯୋଗାଇ ଦିଆଯିବ - ମନ୍ତ୍ରଣାଳୟ ଏହା ଉପରେ ତୁରନ୍ତ କାର୍ଯ୍ୟ କରୁଛି । ତଥାପି, ଯଦି ଅପବ୍ୟବହାରର କୌଣସି ସନ୍ଦେହ ହୁଏ, ତେବେ ଏହାକୁ ଏକ ଗମ୍ଭୀର ବିଷୟ ଭାବରେ ଦେଖାଯିବ ଏବଂ ଏହା ବିପକ୍ଷରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଶ୍ରୀ ଚୌହାନ ସମସ୍ତ ରାଜ୍ୟ କୃଷି ମନ୍ତ୍ରୀମାନଙ୍କୁ ତଦାରଖ କମିଟି ଗଠନ କରି ଏବଂ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରି ୟୁରିଆର ସଠିକ୍ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶେଷରେ, ଶ୍ରୀ ଚୌହାନ ସ୍ୱଦେଶୀ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ପୁନର୍ବାର ଦୋହରାଇଲେ ଏବଂ ଦୃଢ଼ ଭାବରେ କହିଥିଲେ ଯେ କୌଣସି ପରିସ୍ଥିତିରେ କୃଷି କ୍ଷେତ୍ର କିମ୍ବା ଦେଶର ନାଗରିକଙ୍କ ସ୍ୱାର୍ଥ ସହିତ ବୁଝାମଣା କରାଯିବ ନାହିଁ । କୃଷକମାନଙ୍କ ସହିତ ପଶୁପାଳକ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯିବ ଏବଂ ସରକାର ଦେଶର କୃଷି ବିକାଶ ଲକ୍ଷ୍ୟ ପ୍ରତି ପ୍ରତିଶ୍ରୁତିବଦ୍ଧ ।






## ଏମ୍ସ ଭୁବନେଶ୍ୱରରେ ଆସ୍ଥେଟିକ୍ ସର୍ଜରୀ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) :ଏମ୍ସ ଭୁବନେଶ୍ୱରରେ ଆସ୍ଥେଟିକ୍ ସର୍ଜରୀ ୨୦୨୫ ସମ୍ମିଳନୀ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ପ୍ଲାଷ୍ଟିକ୍ ସର୍ଜରୀ ଏବଂ ସୌନ୍ଦର୍ଯ୍ୟବୃଦ୍ଧି ଅସ୍ତ୍ରୋପଚାର କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କୁ ଏକତ୍ର କରିଥିଲା ଏହି ବିଶେଷ ସମ୍ମିଳନୀ । ଏହି ତିନି ଦିନିଆ ସମ୍ମିଳନୀ ଓଡ଼ିଶା ପ୍ଲାଷ୍ଟିକ୍ ପୁନଃନିର୍ମାଣ ଏବଂ ଆସଥେଟିକ ସର୍ଜନ ଆସୋସିଏସନ୍ (ଏପିଆରଏଏସଓ), ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଆସୋସିଏସନ୍ ଅଫ୍ ଆସଥେଟିକ ପ୍ଲାଷ୍ଟିକ୍ ସର୍ଜନ୍ (ଆଇଏଏପିଏସ୍) ଏବଂ ଏମ୍ସ ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା । ଉଦଘାଟନୀ ଉତ୍ସବରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଡିନ୍ ଡ. ପ୍ରଶାନ୍ତ ରାଘବ ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଏପିଆରଏଏସଓ ସଭାପତି ଡ. ରୁଚି ଗୁପ୍ତା, ଏମ୍ସ ଭୁବନେଶ୍ୱର ବର୍ଣ୍ଣ ସେଣ୍ଟର୍ ମୁଖ୍ୟ ତଥା ସମ୍ମୀଳନୀର ଅର୍ଗାନାଇଜିଂ ପ୍ରେସିଡେଣ୍ଟ ଡ. ସଞ୍ଜୟ କୁମାର ଗିରି, ସଂଗଠନ ସଂପାଦକ ଡ. ଉନ୍ମେଷ କୁମାର ଜେନା, ଆଇଏଏପିଏସ୍ ସଭାପତି ଡ. ମେଧା ଭାଭେ, ଉପାଧ୍ୟକ୍ଷ ଡ. ଭେଙ୍କଟ ରମଣ, ସଚିବ ଡ. ରଜତ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ । ପ୍ରମୁଖ ବିଶେଷଜ୍ଞମାନେ ଆବଡୋମିନୋପ୍ଲାଷ୍ଟି, ବ୍ରେଷ୍ଟ୍ ରିଡକ୍ସନ୍ ସର୍ଜରୀ ଏବଂ ରାଇନୋପ୍ଲାଷ୍ଟି ସମେତ ବିଭିନ୍ନ ସୌନ୍ଦର୍ଯ୍ୟ ଶଲ୍ୟ ଚିକିତ୍ସା ପ୍ରଣାଳୀ ପ୍ରଦର୍ଶନ କରିଥିଲେ ।

## କଂଗ୍ରେସ ପକ୍ଷରୁ ଭୋଟ ଚୋର ଗାଦି ଛାଡ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ନିର୍ବାଚନ କମିଶନଙ୍କ ଭୋଟ ଚୋରୀ ମାଧ୍ୟମରେ ବିଜେପିକୁ କ୍ଷମତାକୁ ଆସିବାକୁ ସହାୟତା ବିଷୟ ନେଇ ବିରୋଧ ଦଳ ନେତା ରାହୁଲ ଗାନ୍ଧୀ ସମସ୍ତ ଜନସାଧାରଣଙ୍କ ଆଗରେ ତଥ୍ୟ ଓ ପ୍ରମାଣ ସହ ପର୍ଦ୍ଦାଫାଶ କରି ଦେଶରେ ଆଲୋଡନ ସୃଷ୍ଟି କରିଥିଲେ । ଏହାକୁ ନେଇ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ଦେଶର ସମସ୍ତ ଜିଲ୍ଲା ସଦର ମହକୁମା ଠାରେ "ଭୋଟ ଚୋର, ଗାଦି ଛାଡ" ମଶାଲ ଶୋଭାଯାତ୍ରା ପାଇଁ ଆହ୍ୱାନ କରିଥିଲେ । ପିସିସି ସଭାପତି ଶ୍ରୀ ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ଗୁରୁବାର ଏକ ବିଶାଳ ମଶାଲ ଶୋଭାଯାତ୍ରା ରାଜମହଲ ଛକ ଠାରୁ କଂଗ୍ରେସ ଭବନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ଅଂଶ ଗ୍ରହଣ କରି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରି କହିଥିଲେ ଯେ ଭାରତ ବର୍ଷର ଗଣତନ୍ତ୍ର ଆଜି ସଂପୂର୍ଣ୍ଣ ବିପଦ ଗ୍ରସ୍ତ । ନିର୍ବାଚନ କମିଶନ ଭାରତ ବର୍ଷରେ ବିଜେପି ଦଳକୁ କ୍ଷମତାରେ ରଖିବା ପାଇଁ ଗତ ସାଧାରଣ ନିର୍ବାଚନରେ ଭୋଟ୍ ଚୋରୀ କରି ମୋଦୀକୁ କେନ୍ଦ୍ରରେ କ୍ଷମତାସୀନ କରିବା ସହିତ ମହାରାଷ୍ଟ୍ର, ହରିୟାନା, ମଧ୍ୟପ୍ରଦେଶ, ଛତିଶଗଡ ରାଜ୍ୟରେ ବିଜେପିର ସରକାର ପ୍ରତିଷ୍ଠା କରିବାରେ ସହାୟକ ହୋଇଛନ୍ତି । ଏହା ଆମ ସମ୍ବିଧାନ ପ୍ରତି ବଡ଼ ଧୋକା ଏବଂ ଭାରତ ବର୍ଷର ଜନସାଧାରଣଙ୍କ ନିଷ୍ପତ୍ତିକୁ ବଦଳାଇ ଆଜି ନିର୍ବାଚନ କମିଶନ, ମୁଖ୍ୟ କମିଶନର ଓ ଅନ୍ୟ ସଦସ୍ୟମାନେ ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତ ଅଛନ୍ତି । ଭୋଟ ଚୋରୀ ବନ୍ଦ କରିବା ସହିତ ଆମ୍ଭ ସମ୍ବିଧାନକୁ ସୁରକ୍ଷିତ ରଖିବା ପାଇଁ ଏବଂ ଆମ ଗଣତନ୍ତ୍ରଙ୍କୁ ସୁରକ୍ଷିତ ରଖିବା ପାଇଁ ଏ ମଶାଲ ଶୋଭାଯାତ୍ରା ।

## ମେଟ୍ରୋ ପ୍ରକଳ୍ପକୁ ନେଇ ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି: ବିଜେଡି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଦେଇଥିବା ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ବିଜେପି ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି । ଡ଼ ମହାନ୍ତି କହିଥିଲେ, ଦେଶର ବିକଶିତ ରାଜ୍ୟ ମାନଙ୍କରେ ମେଟ୍ରୋ ଚଳାଚଳ ଏକ ସାଧାରଣ ଘଟଣା ହୋଇଥିବା ବେଳେ, ଓଡିଶା ଭଳି ବିକାଶଶୀଳ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଆରମ୍ଭ ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଆବଶ୍ୟକ ପଦକ୍ଷେପ ନେଇଥିଲେ । ଏହି ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହେବା ସହିତ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ସହିତ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନର ଚୁକ୍ତି ହୋଇଥିଲା ଓ ଏହି ପ୍ରକଳ୍ପ ପାଇଁ ରାଜ୍ୟ ତହବିଲ୍ରୁ ୬୦୦୦ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା । କିନ୍ତୁ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ, ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆନ୍ତରିକତା ଦେଖାଉ ନାହାନ୍ତି । ବରଂ ଏହି ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲି ଦେବାକୁ ଉଦ୍ୟମ କରୁଛନ୍ତି । ଜଣେ ମନ୍ତ୍ରୀ ମାଟି ଉପରେ ମେଟ୍ରୋ ଚାଲିବ ବୋଲି କହିଲା ବେଳେ, ଆଉ ଜଣେ ମନ୍ତ୍ରୀ ମାଟି ତଳେ ମେଟ୍ରୋ ଯିବ ବୋଲି କହିଥିଲେ । କିନ୍ତୁ ଏହି ପ୍ରକଳକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବେଳେ ବିଜେପି ନେତାମାନେ ଏହାକୁ ନେଇ ଭିନ୍ନ ଭିନ୍ନ ମତ ଦେଇ କେବଳ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି । ଡ଼ ମହାନ୍ତି କହିଥିଲେ, ସେହି ପ୍ରକ୍ରିୟାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ତାଙ୍କ ମନ୍ତବ୍ୟ ମାଧ୍ୟମରେ ଆହୁରି ଭ୍ରମ ସୃଷ୍ଟି କରିଛନ୍ତି । ଶ୍ରୀ ସିଂହଦେଓ କହିଥିଲେ, ଦେଶରେ ଚାଲୁଥିବା ସମସ୍ତ ମେଟ୍ରୋ ରେଳ ପ୍ରକଳ୍ପ ଗୁଡିକ କ୍ଷତିରେ ଚାଲୁଛି, ଯାହା ସମ୍ପୂର୍ଣ୍ଣ ମିଥ୍ୟା । ହାଇଦ୍ରାବାଦ ଓ ବାଙ୍ଗାଲୋର ପ୍ରକଳ୍ପ ଲାଭରେ ଚାଲୁଛି ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ରିପୋର୍ଟ ଦେଖାଇ ଡ଼ ଲେନିନ ମହାନ୍ତି, ଉପମୁଖ୍ୟମନ୍ତ୍ରୀ କେଉଁ ଉଦ୍ଦେଶ୍ୟରେ ମିଛ କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି, ତାହା ସ୍ପଷ୍ଟ ହେବା ଦରକାର ବୋଲି କହିଥିଲେ । ଡ଼ ମହାନ୍ତି ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ପ୍ରକଳ୍ପର ରାଜ୍ୟରେ ସ୍ଥିତିକୁ ନେଇ ଶ୍ରୀ ସିଂହଦେଓ ଦେଇଥିବା ଆଜିର ମନ୍ତବ୍ୟରୁ ସ୍ପଷ୍ଟ ହେଉଛି ଯେ, ଏହା ଏକ ବିଫଳ ଯୋଜନା ।















# ଭେଟି ଦେଉଛି FASTag ବାର୍ଷିକ ପାସ୍

## ସମସ୍ତ ଅଣ-ବ୍ୟବସାୟିକ ଯାନ (କାର/ଜିପ୍/ଭ୍ୟାନ୍)



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## FASTag ବାର୍ଷିକ ପାସ୍ ସମ୍ପର୍କରେ ଅଧିକ ଜାଣନ୍ତୁ

- ଏହି ପାସ କେବଳ ଗାଡି, ଜିପ୍, ଭ୍ୟାନ୍ ପ୍ରଭୃତି ବ୍ୟକ୍ତିଗତ ଓ ଅଣବ୍ୟବସାୟିକ ଯାନବାହନ ପାଇଁ ବୈଧ, ଯାହାକୁ VAHAN ତଥ୍ୟାଧାର ମାଧ୍ୟମରେ ଯାଞ୍ଚ କରାଯିବ ଓ ଏହା ଅନ୍ୟ କାହାକୁ ଦିଆଯିବା ଯୋଗ୍ୟ ନୁହେଁ (Non-Transferable)।
- ୧୫ ଅଗଷ୍ଟ ୨୦୨୫ ଠାରୁ କେବଳ ଜାତୀୟ ରାଜପଥ (National Highways) ଓ ଜାତୀୟ ଏକ୍ସପ୍ରେସ ୱେ (National Expressways) ଟୋଲ୍ ପ୍ଲାଜାରେ ଏହା ବ୍ୟବହାର ଯୋଗ୍ୟ ହେବ। ଅନ୍ୟାନ୍ୟ ରାଜ୍ୟ ସଡ଼କ (State Highways), ସ୍ଥାନୀୟ ନିଗମ/ପାର୍କିଂ ଇତ୍ୟାଦିରେ ସାଧାରଣ FASTag ଶୁଳ୍କ ଲାଗୁ ହେବ।
- FASTag ବାର୍ଷିକ ପାସ୍ ଦ୍ୱାରା କ୍ରୟ ତାରିଖ ଠାରୁ ଏକ ବର୍ଷ କିମ୍ବା ୨୦୦ ଟୋଲ୍ ପ୍ଲାଜା କ୍ରସିଂ (ଯେଉଁଟି ପ୍ରଥମେ ହେବ) ପର୍ଯ୍ୟନ୍ତ ମୁକ୍ତ ଯାତାୟାତ ସୁବିଧା ମିଳିବ।
- ଏହି ପାସ କେବଳ Rajmargyatra ଆପ୍ କିମ୍ବା NHAI ୱେବସାଇଟ ମାଧ୍ୟମରେ ସକ୍ରିୟ କରାଯିବ। ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ SMS ସୂଚନା ପଠାଯିବ।
- ବାର୍ଷିକ ପାସ ଶୁଳ୍କ ₹୩୦୦୦/- ଅନଲାଇନ୍ ଆପ୍/ ୱେବସାଇଟ ମାଧ୍ୟମରେ ଦେବାକୁ ପଡିବ। ଶୁଳ୍କ ନିଶ୍ଚିତ ହେବା ପରେ ଦୁଇ ଘଣ୍ଟା ମଧ୍ୟରେ ସକ୍ରିୟ କରାଯିବ।
- ଯଦି ଆପଣଙ୍କ ଗାଡିରେ ବର୍ତ୍ତମାନ ବ୍ୟବହୃତ FASTag ସଠିକ୍ ଭାବେ ଲଗାଯାଇଛି ଓ ବୈଧ ଅଛି, ତେବେ ନୂଆ FASTag କିଣିବା ଆବଶ୍ୟକ ନୁହେଁ।
- ଯଦି ଆପଣ FASTag ବାର୍ଷିକ ପାସ୍ ନେବାକୁ ଚାହାନ୍ତି ନାହିଁ, ତେବେ ବର୍ତ୍ତମାନ ରହିଥିବା FASTag ଦ୍ୱାରା ସାଧାରଣ ଟୋଲ୍ ଶୁଳ୍କ ଦେଇ ଯାତ୍ରା ଜାରି ରଖିପାରିବେ।
- ଅଧିକ ସୂଚନା ପାଇଁ ଦୟାକରି ଏହି ୱେବ୍‌ସାଇଟ ଦେଖନ୍ତୁ – **Rajmargyatra Website http://rajmargyatra.nhai.gov.in**

## ଓଡ଼ିଶାରେ ୧୫.୦୮.୨୦୨୫ ରୁ ପ୍ରଯୁଜ୍ୟ ଟୋଲ ପ୍ଲାଜା

| କ୍ର.ସଂ. | ରାଜପଥର ଅଂଶ | ଜାତୀୟ ରାଜପଥ | ଟୋଲ ପ୍ଲାଜା ନାମ |
|---|---|---|---|
| ୧ | ଭଦ୍ରକ - ବାଲେଶ୍ୱର | ୧୬ | ସେରଗଡ |
| ୨ | ଭୁବନେଶ୍ୱର - ଚଣ୍ଡିଖୋଲ | ୧୬ | ବନ୍ଦାଲୋ |
| ୩ | ପୁଇଁତଳା - ଟାଙ୍ଗି | ୧୬ | ଗୁରାପାଲି |
| ୪ | ସମ୍ବଲପୁର - ବରଗଡ - ଓଡ଼ିଶା/ଛତିଶଗଡ ସୀମା | ୫୩ | ବାହାରଗୁଡ଼ା |
| ୫ | ପାଣିକୋଇଲି - ରିମୁଳି | ୨୦ | କଣ୍ଟାଘର |
| ୬ | ପାଣିକୋଇଲି - ରିମୁଳି | ୨୦ | ବଣଜୋଡ଼ି |
| ୭ | ଚଣ୍ଡିଖୋଲ - ପାରାଦୀପ | ୫୩ | ଶ୍ରୀରାମପୁର |
| ୮ | ଭୁବନେଶ୍ୱର - ପୁରୀ | ୩୧୬ | ପିପିଲି |
| ୯ | କନକଟୋରା - ଝାରସୁଗୁଡା | ୪୯ | ବ୍ରଜରାଜନଗର - ଗୋବିନ୍ଦପୁର |
| ୧୦ | ପାଣିକୋଇଲି - ରିମୁଳି | ୨୦ | ହସନପୁର |
| ୧୧ | ଟାଙ୍ଗି - ଭୁବନେଶ୍ୱର | ୧୬ | ଗୁଡିପଡ଼ା କିମ୍ବା ଗଙ୍ଗପଡ଼ା |
| ୧୨ | ପାଲ୍‌ଲହଡ଼ା - ପିତିରି | ୧୪୯ | ଖମାର |
| ୧୩ | ବଲାଙ୍ଗିର - ଖୋର୍ଦ୍ଧା | ୫୭ | ବଲାଙ୍ଗିର |
| ୧୪ | ବାଲେଶ୍ୱର - ବାରିପଦା - ଝାରପୋଖରିଆ | ୧୮ | ପଦ୍ମନାଭପୁର |
| ୧୫ | ବାଲେଶ୍ୱର - ବାରିପଦା - ଝାରପୋଖରିଆ | ୧୮ | ସୁଖୁଆପଡା |
| ୧୬ | ବିଞ୍ଜବାହାଲ - ତିଲେଇବଣି | ୪୯ | ବିଡେଇବଡକୁଦର |
| ୧୭ | ଆଦେନିଗଡ - ମାଇଛେଳି | ୫୭ | ରଙ୍ଗମାଟିଆ |
| ୧୮ | ବାହାରଗୋଡ଼ା - ସିଂହଡ଼ା | ୪୯ | ଖିରେଇଟାଙ୍ଗିରି |
| ୧୯ | ବାହାରଗୋଡ଼ା - ସିଂହଡ଼ା | ୪୯ | ଜନସନପୁର |
| ୨୦ | ଚଣ୍ଡିଖୋଲ - ଭଦ୍ରକ | ୧୬ | ଭଗଡ଼ା ନାରାୟଣପୁର |
| ୨୧ | ବୀରମିତ୍ରପୁର – ବ୍ରାହ୍ମଣୀ ବାଇପାସ ଶେଷ ଓ ବ୍ରାହ୍ମଣୀ ବାଇପାସ୍ - ରାଜାମୁଣ୍ଡା | ୧୪୩ | ଦାର୍ଜିଂ |
| ୨୨ | ତିଲେଇବଣି - ସମ୍ବଲପୁର | ୫୩ | ପୁଡ଼ାପଡ଼ା ନିଲଡୁଙ୍ଗ୍ରି |
| ୨୩ | ବାହାରଗୋଡ଼ା - ସିଂହଡ଼ା | ୪୯ | ଝାରପୋଖରିଆ |
| ୨୪ | କୋଇଡା - ରାଜାମୁଣ୍ଡା | ୫୨୦ | ଜାମୁଡିହି |
| ୨୫ | ଅମାଠ - ଭବାନୀପାଟଣା | ୨୬ | ନୁନମାଠ |
| ୨୬ | ନାକଟିଦେଉଳ - ବୌଦ୍ଧ | ୧୫୩B | କଦଳିଗଡ଼ |
| ୨୭ | ତାଳଚେର - ଡୁବୁରି | ୫୩ | ଖଇରାମୁଣ୍ଡା |
| ୨୮ | ଅନୁଗୁଳ - ସମ୍ବଲପୁର | ୫୫ | ଡାକୁଆମୁଣ୍ଡା |
| ୨୯ | ଅନୁଗୁଳ - ସମ୍ବଲପୁର | ୫୫ | ହାତିବାରି |
| ୩୦ | ରିମୁଳି - କୋଇଡା | ୫୨୦ | କାନ୍ଦ୍ରା |
| ୩୧ | ରାଜାମୁଣ୍ଡା - ବାରକୋଟ | ୧୪୩ | ବଲାଣି |

ରାଜମାର୍ଗଯାତ୍ରା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

Google play    App Store

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
(ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ, ଭାରତ ସରକାର)

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ କରୁଛି



ଭଗବାନ କୃଷ୍ଣଙ୍କ ଜନ୍ମଦିନକୁ ଜନ୍ମାଷ୍ଟମୀ କିମ୍ବା ଗୋକୁଳାଷ୍ଟମୀ ନାମରେ ମଧ୍ୟ ଜଣାଯାଏ । ଏହା ହେଉଛି ବାର୍ଷିକ ହିନ୍ଦୁ ପର୍ବ ଯାହା ବିଷ୍ଣୁଙ୍କ ଅଷ୍ଟମ ଅବତାର କୃଷ୍ଣଙ୍କ ଜନ୍ମଦିନ ଅବସରରେ ପାଳନ କରାଯାଇଥାଏ । ଏହି ପର୍ବ ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ପାଳନ କରାଯାଏ ଯାହା ଶ୍ରାବଣ ମାସର କୃଷ୍ଣ ପକ୍ଷର ଅଷ୍ଟମ ଦିନରେ ଯାହା ଗ୍ରେଗୋରିଆନ୍ କ୍ୟାଲେଣ୍ଡରର ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ପଡ଼େ । ଏହା ସାରା ବିଶ୍ୱର ହିନ୍ଦୁ ମାନଙ୍କ ପାଇଁ ବିଶେଷକରି ହିନ୍ଦୁ ଧର୍ମର ବୈଷ୍ଣବ ଧର୍ମ ପରମ୍ପରାରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ଅଟେ । ଭଗବତ୍ ପୁରାଣ (ଯେପରିକି ରସା ଲୀଳା କିମ୍ବା କୃଷ୍ଣ ଲୀଳା) ଅନୁଯାୟୀ, କୃଷ୍ଣଙ୍କ ଜୀବନର ନୃତ୍ୟ-ନାଟକ ପ୍ରଣୟନ, କୃଷ୍ଣ ଜନ୍ମ ହେବା ସମୟରେ ମଧ୍ୟରାତ୍ରିରେ ଭକ୍ତି ଗୀତ, ଉପବାସ (ଉପଭାସା), ରାତ୍ରି ସଚେତନତା (ରତ୍ରି ଜାଗରନ୍) ଏବଂ ଏହା ପରର ସମସ୍ତ ମହୋତ୍ସବ ଜନମାଷ୍ଟମୀ ଉତ୍ସବର ଏକ ଅଂଶ ଅଟେ । ଏହା ଏହି ପର୍ବ ମୁଖ୍ୟତଃ ମଥୁରା ଏବଂ ବୃନ୍ଦାବନରେ ପାଳନ କରାଯାଏ ଯାହା କୃଷ୍ଣଙ୍କର ଜନ୍ମସ୍ଥଳୀ ଅଟେ । ତା' ଛଡ଼ା ଭାରତର ଅନ୍ୟାନ୍ୟ ରାଜ୍ୟ ତଥା ମଣିପୁର, ଆସାମ, ବିହାର, ପଶ୍ଚିମବଙ୍ଗ, ଓଡିଶା, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶରେ ଥିବା ପ୍ରମୁଖ ବୈଷ୍ଣବ ଏବଂ ଅଣସମ୍ପ୍ରଦାୟ ଜାତିର ଲୋକମାନେ ମଧ୍ୟ ପାଳନ କରିଥାନ୍ତି । କୃଷ୍ଣ ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପର୍ବ ପାଳନ କରାଯାଇଥାଏ । ଯେଉଁଦିନ ନନ୍ଦ ବାବା କୃଷ୍ଣଙ୍କ ଜନ୍ମ ସମ୍ମାନାର୍ଥେ ସମାଜକୁ ଉପହାର ବାଣ୍ଟିଥିଲେ ।

# ଜାତୀୟ ପତାକାକୁ ନେଇ ରୋଚକ କଥା...



*ଭାରତ ପାଳୁଛି ୭୯ତମ ସ୍ୱାଧୀନତା ଦିବସ । ପ୍ରତିଟି ଭାରତୀୟ ମନରେ ଜାଗ୍ରତ ହୋଇଛି ଦେଶପ୍ରେମ । କିନ୍ତୁ ଆପଣ ଜାଣିଛନ୍ତି କି ଏହି ତ୍ରିରଙ୍ଗା ବା ଜାତୀୟ ପତାକାକୁ ନେଇ ରୋଚକପୂର୍ଣ୍ଣ କଥା ଅଛି । ତେବେ ଆସନ୍ତୁ ଜାଣିବା...*


ପଣ୍ଡିତ ଜବାହାର ଲାଲ ନେହେରୁ ଲାଲକିଲ୍ଲାରେ ଯେଉଁ ଭାରତୀୟ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ ତାହା କେବଳ ସ୍ୱାଧୀନତାର ପ୍ରତୀକ ନୁହେଁ, ବରଂ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଏକତାର ଭାବନାର ଥିଲା ଏକ ଜୀବନ୍ତ ସାକ୍ଷୀ । ୨୨ ଜୁଲାଇ ୧୯୪୭ ରେ, ଭାରତର ସମ୍ବିଧାନ ସଭା ପିଙ୍ଗାଲି ଭେଙ୍କେୟାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ତ୍ରିରଙ୍ଗାକୁ ଜାତୀୟ ପତାକା ଭାବରେ ଗ୍ରହଣ କରିଥିଲା । ଏହା ସେହି ଐତିହାସିକ ମୁହୂର୍ତ୍ତ ଥିଲା ଯେତେବେଳେ ତ୍ରିରଙ୍ଗାକୁ ଆନୁଷ୍ଠାନିକ ଭାବରେ ଭାରତର ଗର୍ବ, ସମ୍ମାନ ଏବଂ ପରିଚୟର ପ୍ରତୀକ କରାଯାଇଥିଲା । କିଛି ଦିନ ପରେ, ୧୫ ଅଗଷ୍ଟ ୧୯୪୭ ରେ, ପଣ୍ଡିତ ଜବାହରଲାଲ ନେହେରୁ ଲାଲକିଲ୍ଲାର ପ୍ରାଚୀରରୁ ଏହି ତ୍ରିରଙ୍ଗା ଉତ୍ତୋଳନ କରିଥିଲେ ଏବଂ ସ୍ୱାଧୀନ ଭାରତ ଉଦଘାଟନ କରିଥିଲେ । ଏହି ତ୍ରିରଙ୍ଗା ଖଦିରେ ତିଆରି ହୋଇଥିଲା, ଯାହା ସ୍ୱାବଲମ୍ବନ ଏବଂ ସ୍ୱଦେଶୀ ଆନ୍ଦୋଳନର ପ୍ରତୀକ ଥିଲା । ଏହାର ମଧ୍ୟଭାଗରେ ଅଶୋକ ଚକ୍ର ଥିଲା, ଯାହା ଧର୍ମ ଏବଂ ପ୍ରଗତି ର ପ୍ରତୀକ ।

**ଐତିହାସିକ ତ୍ରିରଙ୍ଗା ଏବେ କେଉଁଠି ଜାଣନ୍ତୁ:** ୧୯୪୭ ମସିହାର ୧୫ ଅଗଷ୍ଟରେ ଲାଲକିଲ୍ଲାରେ ଉଡ଼ାଯାଇଥିବା ତ୍ରିରଙ୍ଗା ବର୍ତ୍ତମାନ ନୂଆଦିଲ୍ଲୀର ଆର୍ମି ବ୍ୟାଟେଲ୍ ଅନର୍ସ ମେସ୍‌ରେ ସୁରକ୍ଷିତ ରଖାଯାଇଛି । ଏହି ସ୍ଥାନ ଭାରତୀୟ ସେନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମାରକୀ, ଯେଉଁଠାରେ ଐତିହାସିକ ଏବଂ ସାମରିକ ଗୁରୁତ୍ୱର ବସ୍ତୁଗୁଡ଼ିକୁ ସଂରକ୍ଷିତ ରଖାଯାଇଛି । ଏହି ତ୍ରିରଙ୍ଗା ଏବେ ବି ଭାରତର ସ୍ୱାଧୀନତାର କାହାଣୀକୁ ଜୀବନ୍ତ ରଖିଛି ଏବଂ ବିଶେଷ ଅବସରରେ ପ୍ରଦର୍ଶିତ ହୁଏ । ସାଧାରଣ ଜନତା ଏହାକୁ

**ଦେଖିପାରିବେ କି ନା ଜାଣନ୍ତୁ**

ନୂଆଦିଲ୍ଲୀର ଆର୍ମି ବ୍ୟାଟେଲ୍ ଅନର୍ସ ମେସ୍‌ରେ ରଖାଯାଇଥିବା ତ୍ରିରଙ୍ଗା ଦେଖିବା ପାଇଁ ସ୍ୱତନ୍ତ୍ର ଅନୁମତି ଆବଶ୍ୟକ ହୋଇପାରେ । କାରଣ ଏହା ଏକ ସାମରିକ କ୍ଷେତ୍ର । ଆଗ୍ରହୀ ବ୍ୟକ୍ତିମାନେ ଭାରତୀୟ ସେନାର ସମ୍ପୃକ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ କିମ୍ବା ସ୍ୱାଧୀନତା ଦିବସ କିମ୍ବା ଗଣରାଜ୍ୟ ଦିବସ ଭଳି ବିଶେଷ କାର୍ଯ୍ୟକ୍ରମ ସମୟରେ ଏହି ବିଷୟରେ ସୂଚନା ପାଇପାରିବେ ।

# ତ୍ରିରଙ୍ଗାର ଅମୃତ ତତ୍ତ୍ୱ



ଆମ ଦେଶ ଏବେ ପାଳନ କରୁଛି ସ୍ୱାଧୀନତାର ୭୯ ବର୍ଷ । ଗତ ବର୍ଷ ଠାରୁ ଏହା 'ଅମୃତ ମହୋତ୍ସବ' ରୂପେ ସାରା ଦେଶରେ ଉତ୍ସାହର ସହ ପାଳିତ ହୋଇ ଆସୁଛି । ଏଥିପାଇଁ 'ହର୍ ଘର୍ ତ୍ରିରଙ୍ଗା' ବା 'ଘରେ ଘରେ ଜାତୀୟ ପତାକା'ର ଆହ୍ୱାନ ଦିଆଯାଇଛି । ଏଣୁ ଏହି ଅବସରରେ ଆମର ଜାତୀୟ ପତାକା ଏହି ତ୍ରିରଙ୍ଗାର ଅମୃତ ତତ୍ତ୍ୱ ବାବଦରେ ଆମେ ଅବଗତ ହେବା ଉଚିତ । ଜାତୀୟ ପତାକା ପ୍ରତ୍ୟେକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରର ପ୍ରତୀକ, ରାଷ୍ଟ୍ର ମର୍ଯ୍ୟାଦାର ପରିଚୟ । ଶୌର୍ଯ୍ୟ, ଆକାଂକ୍ଷା ଓ ମୁକ୍ତଚେତନାର ପ୍ରତୀକ ଆମ ଦେଶର ଜାତୀୟ ପତାକାଟିକୁ ତିଆରି କରିଛନ୍ତି ପିଙ୍ଗାଳି ଭେଙ୍କେୟାନନ୍ଦ ଓ ଭାରତର ସ୍ୱାଧୀନ ହେବାର କିଛି ଦିନ ପରେ ଅର୍ଥାତ୍ ୧୯୪୭ ଜୁଲାଇ ୨୨ ତାରିଖରେ ଏହାକୁ ଆମ ଭାରତୀୟ ସମ୍ବିଧାନ ଦେଇଛି ସ୍ୱୀକୃତି । କେଶର, ଧଳା ଓ ସବୁଜ - ଏହି ତିନିଟି ରଙ୍ଗର ସମୀକରଣ ଥିବା ଭୂସମାନ୍ତର ତ୍ରିରଙ୍ଗା ପତାକା ଓ ପତାକା ମଝିରେ ଥିବା ଗୋଟିଏ ଅଶୋକ ଚକ୍ର ହେଉଛି ଭାରତୀୟ ଜାତୀୟ ପତାକା । ତଳେ ସବୁଜ, ଉପରେ ନାରଙ୍ଗି ଓ ମଝିରେ ଧଳା । ମଝିର ଧଳାରଙ୍ଗ ଭିତରେ ଶୋଭା ପାଉଛି ନୀଳରଙ୍ଗର ଅଶୋକଚକ୍ର । ଏସବୁର ଅନେକ ବିଶେଷତ୍ୱ ରହିଛି । ଏହା ଆମର ଜାତୀୟ ପତାକା ବା ତ୍ରିରଙ୍ଗାର ଅମୃତ ତତ୍ତ୍ୱ । ଏହାର ଅନେକ ବ୍ୟାଖ୍ୟା ମଧ୍ୟରୁ ଗୋଟିଏ ହେଉଛି ଆମ ଜାତୀୟ ପତାକାର ନିମ୍ନଭାଗରେ ଥିବା ସବୁଜ ରଙ୍ଗ ଧରିତ୍ରୀ ବା ଭୂମିର ପ୍ରତୀକ ହୋଇଥିବାବେଳେ, ଊର୍ଦ୍ଧ୍ୱରେ ନାରଙ୍ଗି ରଙ୍ଗ ଭୂମା ବା ଆଧ୍ୟାତ୍ମିକ ଉତ୍କର୍ଷର ପ୍ରତୀକ । ଏହାର ମଧ୍ୟଭାଗରେ ଥିବା ଧଳାରଙ୍ଗ ଶାନ୍ତି, ସତ୍ୟ ଓ ଶୁଦ୍ଧତାର ପ୍ରତୀକ । ସେହି ଶାନ୍ତି, ସତ୍ୟ ଓ ଶୁଦ୍ଧତା ସହିତ ଜୀବନର ଅଗ୍ରଗତିର ପ୍ରତୀକ ହେଉଛି ଚକ୍ର । ଏହା ସୂଚାଏ ଯେ ଗତିଶୀଳତା ହେଉଛି ଜୀବନ ଏବଂ ସ୍ଥବିରତା ହେଉଛି ମୃତ୍ୟୁ । ଗୌତମ ବୁଦ୍ଧ ବୋଧିପ୍ରାପ୍ତ ହେବା ପରେ ଯେଉଁ ମୃଗବନ ଠାରେ ତାଙ୍କର ପ୍ରଥମ ଧର୍ମୋପଦେଶ ପ୍ରଦାନ କରିଥିଲେ, ତାହା ଏବେ ସାରନାଥ ଭାବରେ ପ୍ରସିଦ୍ଧ । କଳଙ୍ଗ ଯୁଦ୍ଧ ପରେ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ତାହା ପରେ, ସେହି ସ୍ଥାନକୁ ସ୍ମରଣୀୟ କରି ରଖିବା ପାଇଁ ସେ ସେଠାରେ ଏକ ସ୍ତମ୍ଭ ନିର୍ମାଣ କରିଥିଲେ । ସେହି ସ୍ତମ୍ଭରେ ଏହି ଚକ୍ର ସ୍ଥାନ ପାଇଥିଲା । ତାହା ଥିଲା ୨୪ଟି ପହି ବା ଅର ବିଶିଷ୍ଟ ଚକ୍ର । ସେହି ଚକ୍ର ଆମ ଜାତୀୟ ପତାକାରେ ସ୍ଥାନ ପାଇଛି । ତାହା ରାତି ଓ ଦିନର ୨୪ ଘଣ୍ଟାର ପ୍ରତୀକ ବୋଲି କୁହାଯିବା ବେଳେ, ଅନ୍ୟ ବ୍ୟାଖ୍ୟା ଅନୁସାରେ ତାହା ସାଧୁତା, ସ୍ୱାସ୍ଥ୍ୟ, ଶାନ୍ତି, ଆତ୍ମୋତ୍ସର୍ଗ, ନୈତିକତା, ସେବା, କ୍ଷମା, ପ୍ରେମ, ବନ୍ଧୁତା, ଭ୍ରାତୃତ୍ୱ, ସଂଗଠନ, କଲ୍ୟାଣ, ସମୃଦ୍ଧି, ଶିଳ୍ପ, ନିରାପତ୍ତା, ସଚେତନତା, ସମାନତା, ଅର୍ଥ, ନୀତି, ନ୍ୟାୟ, ସହଯୋଗ, କର୍ତ୍ତବ୍ୟ, ଅଧିକାର ଓ ପ୍ରଜ୍ଞାର ପ୍ରତୀକ । କିନ୍ତୁ ଏହାର ଅନ୍ୟ ତାତ୍ତ୍ୱିକ ବ୍ୟାଖ୍ୟା ରହିଛି । ତାହା ଅନୁସାରେ ଏହା ପଞ୍ଚ ମହାଭୂତ, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, ମନ ପଞ୍ଚ ତନ୍ମାତ୍ର ଏବଂ ଅହଂକାର, ମହତ ଓ ପ୍ରକୃତି ଏହିପରି ଚତୁର୍ବିଂଶ ତତ୍ତ୍ୱର ପ୍ରତୀକ । ଏସବୁ ଆମ ପାଇଁ ଜାତୀୟ ପତାକା ବା ତ୍ରିରଙ୍ଗାର ଅମୃତ ତତ୍ତ୍ୱ ।

# ସ୍ୱାଧୀନତା ସଂଗ୍ରାମରେ ନାରୀମାନଙ୍କ ଭୂମିକା

ଭାରତର ସ୍ୱାଧୀନତା ସଂଗ୍ରାମର କାହାଣୀ ୧୮୫୭ ମସିହାର ସିପାହୀ ବିଦ୍ରୋହ ଠାରୁ ଆରମ୍ଭ ହୋଇ ଶେଷହୁଏ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ । ଏ ସଂଗ୍ରାମରେ କେତେ ବଳିପଡ଼ିଲେ, କେତେ ନିଖୋଜ ହେଲେ, କେତେ ନିର୍ଯାତିତ ହେଲେ ଏବଂ କେତେ କାରାବରଣ କଲେ, ତା'ର ସଠିକ୍ ହିସାବ ପାଇଁ ଇତିହାସ ନୀରବ । ଆମେ ମନେରଖିଥିବା ଗାନ୍ଧୀ, ଗୋପବନ୍ଧୁ, ସୁଭାଷ ବୋଷ ଏବଂ ନେହୁରୁଙ୍କ ବ୍ୟତୀତ ଅନେକ ନାରୀ ଚରିତ୍ର ଅଛନ୍ତି, ଯେଉଁମାନଙ୍କୁ ଆମେ ଅଘୋଷିତ ଚରିତ୍ର ଭାବି ଭୁଲିଯିବାକୁ ବସିଛୁ ସେମାନଙ୍କ ଅବଦାନ ମଧ୍ୟ ଚିରସ୍ମରଣୀୟ । ଭାରତୀୟ ମୁକ୍ତି ସଂଗ୍ରାମରେ ପ୍ରଥମରୁ ହିଁ ନାରୀମାନେ ପ୍ରଚଣ୍ଡ ଶକ୍ତି ଭାବରେ ଉଭା ହୋଇଛନ୍ତି । ତତ୍‌କାଳୀନ ଭାରତୀୟମାନଙ୍କ ହୃଦୟରେ ଅନ୍ଧକାର ଦୂରୀଭୂତ ପାଇଁ ସଳିତା ଜଳିଲା ପରି ଏମାନେ ଜଳିଛନ୍ତି ଏବଂ ଜଳାଇଛନ୍ତି ଜାତୀୟତାର ବହ୍ନି; ଧରାଇଛନ୍ତି ସ୍ୱାଧୀନତାର ମଶାଲ । ସରୋଜିନୀ ନାଇଡୁଙ୍କ କଥା ଯିଏକି ଭାରତୀୟ ବୁଲୁବୁଲ୍ ଭାବରେ ଖ୍ୟାତ । ସେ ଥିଲେ ଜଣେ ଅସାଧାରଣ କବି, ବାଗ୍ମୀ, ନେତ୍ରୀ ଏବଂ ତେଜସ୍ୱିନୀ ସ୍ୱାଧୀନତା ସଂଗ୍ରାମୀ । ସେ ୧୯୧୪ରେ ଗାନ୍ଧିଙ୍କ ସଂସ୍ପର୍ଶରେ ଆସିଥିଲେ । ଭାରତୀୟ ଜାତୀୟ କଂଗ୍ରେସରେ କିଛିଦିନ ପାଇଁ ସଭାପତିତ୍ୱ କରିଥିଲେ ଏବଂ ୧୯୩୦ରେ ଗାନ୍ଧୀଜୀଙ୍କ ଲବଣ ସତ୍ୟାଗ୍ରହ ଯୋଗୁଁ ଜେଲ୍ ଯିବାରୁ ସେ ତା'ର ନେତୃତ୍ୱ ନେଇଥିଲେ । ସେ ସ୍ୱାଧୀନତାର ସୂର୍ଯ୍ୟ ଦେଖି ୧୯୪୯ ମାର୍ଚ୍ଚ ୨ରେ ଇହଧାମ ପରିତ୍ୟାଗ କଲେ । ତାଙ୍କ ଅବଦାନ ପାଇଁ ଆମେ ଋଣୀ । ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ମାଳତୀ ଚୌଧୁରୀ, ସରଳା ଦେବୀ, ଶୈଳବାଳା ଦେବୀ, ରେବା ରାୟ, କିଶୋରୀ ମଣି ଦେବୀ, ହେମବତୀ ଦେବୀ, ରସମଣୀ ଦେବୀ, ନିଶାମଣୀ ଦେବୀ, କୋକିଳା ଦେବୀ, ପାରଳାଖେମୁଣ୍ଡିର ରାଣୀ ପାଟ ମହାଦେଇ, ହରାମଣୀ ଦେବୀ, ଅର୍ଣ୍ଣପୂର୍ଣ୍ଣା ଦେବୀ ଏବଂ ଆହୁରି ଅନେକ... ଯିଏକି ଜଣେ ଜଣେ ବିପ୍ଲବିନୀ ବହ୍ନି କନ୍ୟା ଏବଂ ଦାମ୍ଭିକା ସ୍ୱାଧୀନତା ସଂଗ୍ରାମୀ ।



# ମୁକ୍ତିର ମନ୍ତ୍ରଦାତା: ଶ୍ରୀ ଅରବିନ୍ଦ

ଅଗଷ୍ଟ ୧୫ ତାରିଖ, ୧୯୪୭ ମସିହା । ଏହି ଦିବସଟି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପ୍ରତିଟି ଭାରତୀୟଙ୍କ ପାଇଁ ମହୋତ୍ସବର ଦିନ । ଏହି ଦିନ ବିଦେଶୀ ଶାସନର ଶୃଙ୍ଖଳରୁ ଭାରତୀୟମାନେ ମୁକ୍ତ ହୋଇଥିଲେ । ଏହି ଦିନରେ ବିଂଶଶତାବ୍ଦୀର ଆଉ ଜଣେ ମହାନପୁରୁଷ ଜନ୍ମ ନେଇଥିଲେ । ସେହି ଯୁଗପୁରୁଷ ହେଲେ ଶ୍ରୀଅରବିନ୍ଦ । ଭବିଷ୍ୟଦ୍ରଷ୍ଟା ମହାଯୋଗୀ ଶ୍ରୀଅରବିନ୍ଦ ଜନ୍ମ ଗ୍ରହଣ କରିଥିଲେ ୧୮୭୨ ମସିହା ଅଗଷ୍ଟ ୧୫ ତାରିଖରେ । ପରାଧୀନ ଭାରତର କଲିକତାରେ ଡଃ. କୃଷ୍ଣଧନ ଘୋଷ ତଥା ସ୍ୱର୍ଣ୍ଣଲତା ଦେବୀଙ୍କ ତୃତୀୟ ପୁତ୍ର ଥିଲେ ସେ । ପିତାମାତା ନାମ ଦେଇଥିଲେ ଅରବିନ୍ଦ । ଭାରତୀୟ ଆଦବକାଇଦାକୁ ସମ୍ପୂର୍ଣ୍ଣ ନାପସନ୍ଦ କରୁଥିବା ଡଃ.ଘୋଷ ତିନି ପୁଅଙ୍କୁ ବିଲାତ ବା ଲଂଲଣ୍ଡ ପଠାଇଥିଲେ ପାଠ ପଢ଼ିବା ପାଇଁ । ସେତେବେଳେ ଶ୍ରୀଅରବିନ୍ଦଙ୍କୁ ମାତ୍ର ୭ବର୍ଷ ହୋଇଥିଲା । ଏକ ଇଂରେଜ ଦମ୍ପତିଙ୍କ ତତ୍ତ୍ୱାବଧାନରେ ରହି ପଢୁଥିବା ପୁଅମାନଙ୍କୁ ଯେଉଁ ପିତା ଭାରତୀୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚାହିଁଥିଲେ ସେହିପୁଣି ସେମାନଙ୍କ ପାଖକୁ ଚିଠି ଜରିଆରେ ପରାଧୀନ ଭାରତୀୟଙ୍କ ଦୁଃଖଯନ୍ତ୍ରଣା ବର୍ଣ୍ଣନା କରିଥିଲେ । ତାହାହିଁ ଅରବିନ୍ଦଙ୍କ କୋମଳ ହୃଦୟରେ ମୁକ୍ତି ସଂଗ୍ରାମର ବୀଜ ବପନ କରିଥିଲା । ସେହି ଛାତ୍ର ଜୀବନରୁ ହିଁ ଭାରତର ମୁକ୍ତି ଲାଗି ଲୋଟସ୍ ଯାଣ୍ଡ ଡ୍ରାଗର ନାମକ ଏକ ବିପ୍ଲବୀ ସଂଗଠନରେ ନିଜକୁ ସାମିଲ କରିଥିଲେ ।

ଉନଂବିଂଶ ଶତାବ୍ଦୀର ପ୍ରାରମ୍ଭରେ ସେ ୨୧ବର୍ଷ ବୟସରେ ଭାରତ ଫେରିଆସିଥିଲେ । ମାତୃଭୂମିରେ ପାଦ ଦେବା କ୍ଷଣି ତାଙ୍କ ଭିତରେ ଅବତରଣ କରିଥିଲା ମହାଶାନ୍ତି ଓ ସ୍ଥିରତାର ଅନୁଭବ । ଯାହା ହାସଲ ଲାଗି ସାଧକମାନଙ୍କୁ ବର୍ଷ ବର୍ଷର ପ୍ରୟାସ ଯଥେଷ୍ଟ ହୁଏନାହିଁ । ତେବେ ଭାରତମାତାକୁ ବିଦେଶରୀ ହାତରୁ ମୁକ୍ତ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି ଅନୁଭବ କରି ନିଜକୁ ମୁକ୍ତି ସଂଗ୍ରାମରେ ସାମିଲ କରିଥିଲେ । ଶ୍ରୀଅରବିନ୍ଦଙ୍କ ଅଗ୍ନିବର୍ଷୀର ଶାଣିତ ଲେଖା ଯୁବମାନସକୁ ଜାଗ୍ରତ କରାଇଥିଲା । ପୂର୍ଣ୍ଣ ସ୍ୱାଧୀନତାର ସ୍ୱପ୍ନ ପ୍ରଥମେ ଶ୍ରୀଅରବିନ୍ଦ ହିଁ ଭାରତବାସୀଙ୍କୁ ଦେଖାଇଥିଲେ । ସ୍ୱାଧୀନତା ମାଗି କରି ନୁହେଁ, ଛଡ଼ାଇ ଆଣିବା ସପକ୍ଷରେ ସେ ଥିଲେ । ତାଙ୍କୁ ବ୍ରିଟିଶ ଶାସକଙ୍କ ହାତରେ କାରାବରଣ କରିବାକୁ ପଡ଼ିଥିଲା । ଅଲିପୁର ଜେଲରେ ବନ୍ଦୀ ଜୀବନ କଟାଉଥିବା ଅବସ୍ଥାରେ ହିଁ ତାଙ୍କ ଅନ୍ତରର ଅଧ୍ୟାତ୍ମିକ ଅଭିଯାନ ଏକ ବିରାଟ ଅଗ୍ରଗତି ଲାଭ କଲା । ସେହି ଜେଲ ମଧ୍ୟରେ ହିଁ ସେ ଦର୍ଶନ କଲେ ଭଗବାନ ବାସୁଦେବଙ୍କୁ । ଜେଲ ଜୀବନରୁ ମୁକ୍ତି ପାଇଲେ ନିର୍ଦ୍ଦୋଷରେ । ବିପ୍ଲବୀ ଅରବିନ୍ଦ ଘୋଷଙ୍କ ପାଇଁ ଦେଶବନ୍ଧୁ ଚିତ୍ତରଞ୍ଜନ ଓକିଲାତି କରି ବିଚାରାଳୟରେ ମହକିଲଙ୍କ ପକ୍ଷ ରଖି ଯାହା କହିଥିଲେ ସତେ ଅବା ସ୍ୱୟଂ ଈଶ୍ୱର ହିଁ ତାଙ୍କ ମୁହଁରେ ଏହି ମହାନ ବିପ୍ଲବୀଙ୍କ ଭବିଷ୍ୟତ ବଖାଣିଥିଲେ । ଦେଶବନ୍ଧୁ ସେଦିନ କହିଥିଲେ ଏହି କାଠଗଡ଼ାରେ ଠିଆ ହୋଇଥିବା ବ୍ୟକ୍ତି ସଂସାରରୁ ବିଦାୟ ନେବାର ଦୀର୍ଘ ବର୍ଷ ପରେ ସାରା ବିଶ୍ୱରେ ତାଙ୍କର ବାଣୀ ଅନୁରଣୀତ ହେବ । ଯାହା ଆଜି ସତ୍ୟରେ ପରିଣତ ହୋଇଛି । ଜେଲରୁ ମୁକ୍ତ ହେଲା ପରେ ବିପ୍ଲବୀ ପାଲଟିଗଲେ ଯୋଗୀ । ଯୋଗ ଜୀବନ ସମ୍ପୂର୍ଣ୍ଣ ଗ୍ରହଣ କରିବାକୁ ଅନ୍ତଃପ୍ରେରଣା ପାଇ ସେ ପଣ୍ଡିଚେରୀକୁ ନିଜର ସାଧନା କ୍ଷେତ୍ର ଭାବେ ବାଛି ନେଇଥିଲେ । ଶ୍ରୀଅରବିନ୍ଦ ତାଙ୍କ ଭବିଷ୍ୟ ଦୃଷ୍ଟିରେ ଦେଖିପାରିଥିଲେ ଯେ ଦେଶମାତୃକାର ସ୍ୱାଧୀନତା ଲାଗି ଆବଶ୍ୟକ ସଂଗ୍ରାମୀମାନଙ୍କୁ ଭଗବାନ ପ୍ରସ୍ତୁତ କରିସାରିଛନ୍ତି । ଏଣୁ ତାଙ୍କର ଭୂମିକାର ଆବଶ୍ୟକତା ନାହିଁ । ପରନ୍ତୁ ଭାରତ ସମେତ ସମଗ୍ର ପୃଥିବୀ ବାସୀଙ୍କ ପ୍ରକୃତ ମୁକ୍ତି ଲାଗି ଚିନ୍ତା କରିବାର ସମୟ ତାଙ୍କ ପାଇଁ ଉପନୀତ ହୋଇଛି ।



# ଓଡ଼ିଶା ଓ ଗାନ୍ଧିଜୀ

ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଜନତା ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ । ଏହି ମୁକ୍ତି ଆନ୍ଦୋଳନରେ ଓଡ଼ିଶାରେ ଅବଦାନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ । ୧୮୧୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ମୁଣ୍ଡ ଟେକିଥିଲା ଓଡ଼ିଶାର ପାଇକ ବିଦ୍ରୋହ । ଚଳିତ ବର୍ଷ ଭାରତ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଇତିମଧ୍ୟରେ ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଆଗମନର ଶହେବର୍ଷ ପୂର୍ତ୍ତି ପାଳିତ ହୋଇସାରିଛି । ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ । ଏଠାରେ ତାଙ୍କର ସ୍ମୃତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ । ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧୀ । ଓଡ଼ିଶାକୁ ଆସିଥିଲେ ଆଠଥର, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆଗମନ କରି କାଠଯୋଡ଼ି ବାଲିରେ ଐତିହାସିକ ସଭା କରିଥିଲେ । ତେବେ ୧୯୨୧ରୁ ୧୯୪୬ ଭିତରେ ସେ ସମୁଦାୟ ଆଠ ଥର ଓଡ଼ିଶା ଗସ୍ତରେ ଆସିଥିଲେ । ତାଙ୍କ ପ୍ରଥମ ଗସ୍ତ ୧୯୨୧ ମାର୍ଚ୍ଚ ୨୩ରୁ ୨୯ ପର୍ଯ୍ୟନ୍ତ ଥିବାବେଳେ ଦ୍ୱିତୀୟ ଗସ୍ତଟି ଥିଲା ୧୯୨୫ ମସିହା ଅଗଷ୍ଟ ୧୯ ଓ ୨୦ । ୧୯୨୭ ମସିହା ଡିସେମ୍ବର ୪ରୁ ୨୧ ପର୍ଯ୍ୟନ୍ତ ସେ ତୃତୀୟଥର ଗସ୍ତରେ ଆସିଥିବାବେଳେ ତାଙ୍କ ଚତୁର୍ଥଗସ୍ତ ଡିସେମ୍ବର ୨୨ ତାରିଖ ୧୯୨୮ ମସିହାରେ ହୋଇଥିଲା । ୧୯୩୪ ମସିହା ମେ ୫ରୁ ୧୬ ପର୍ଯ୍ୟନ୍ତ ସେ ପଞ୍ଚମ ଗସ୍ତରେ ଓଡ଼ିଶା ଆସିଥିବାବେଳେ ମେ ୨୧ରୁ ଜୁନ୍ ୭ ତାରିଖ, ୧୯୩୪ ମସିହାରେ ତାଙ୍କର ଷଷ୍ଠ ଗସ୍ତ ହୋଇଥିଲା । ୧୯୩୮ ମସିହା ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ତାଙ୍କର ସପ୍ତମ ଗସ୍ତ ରହିଥିବାବେଳେ ଅଷ୍ଟମ ଗସ୍ତଟି ଥିଲା ଜାନୁଆରୀ ୨୦, ୧୯୪୬ ମସିହା । ଅନେକ ହୁଏତ ଜାଣିନଥିବେ ୧୯୩୦ ମାର୍ଚ୍ଚ ୧୨ରେ ବାପୁଜୀଙ୍କ ଆହ୍ୱାନରେ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଓଡ଼ିଶାରୁ ମୋତି ଦାସ ନାମକ ଜଣେ ଛାତ୍ର ଗାନ୍ଧିଜୀଙ୍କ ସହ ଦାଣ୍ଡି ଯାତ୍ରା କରିଥିଲେ । ସେହିଭଳି ୧୯୩୨ ସେପ୍ଟେମ୍ବର ୨୦ ତାରିଖ ଦିନ ଓଡ଼ିଶାରେ ହରିଜନ ଆନ୍ଦୋଳନ ସଫଳ କରିବା ପାଇଁ ଗାନ୍ଧିଜୀ ଆମରଣ ଅନଶନ ଆରମ୍ଭ କରିଥିଲେ । ଗାନ୍ଧୀଜୀ କହିଥିଲେ, ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା । ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ ।



## ସ୍ୱାଧୀନତା ସଂଗ୍ରାମର ଅନନ୍ୟ ଯୋଦ୍ଧା ଚନ୍ଦ୍ରଶେଖର ଆଜାଦ

# ନିଜେ ନିଜକୁ କରିଥିଲେ ଗୁଳି

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏମିତି ଯୋଦ୍ଧା । ଯିଏ ନିଜେ ନିଜକୁ କରିଥିଲେ ଗୁଳି । ସେ ହେଉଛନ୍ତି ଚନ୍ଦ୍ରଶେଖର ଆଜାଦ । ଯାହାଙ୍କ ପ୍ରକୃତ ନାମ ଥିଲା ଚନ୍ଦ୍ରଶେଖର ତିୱାରୀ । ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ଅବିସ୍ମରଣୀୟ ନାମ । ସେ ଥିଲେ ଜଣେ ନିର୍ଭୀକ କ୍ରାନ୍ତିକାରୀ, ଜଣେ କୁଶଳ ସଂଗଠକ ଏବଂ ବ୍ରିଟିଶ ଶାସନ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମର ଜଣେ ପ୍ରମୁଖ ପୁରୋଧା । 'ଆଜାଦ' ନାମରେ ପରିଚିତ ଏହି ମହାନ ସଂଗ୍ରାମୀ ନିଜର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଦେଶର ସ୍ୱାଧୀନତା ପାଇଁ ଲଢ଼ିଥିଲେ ଏବଂ ବ୍ରିଟିଶ ସରକାରଙ୍କ ହାତରେ ଜୀବନ୍ତ ଧରା ନ ଦେବାର ଶପଥକୁ ପାଳନ କରିଥିଲେ । ଚନ୍ଦ୍ରଶେଖର ଆଜାଦ ୧୯୦୬ ମସିହା ଜୁଲାଇ ୨୩ ତାରିଖରେ ମଧ୍ୟପ୍ରଦେଶର ଭବ୍ରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ପଣ୍ଡିତ ସୀତାରାମ ତିୱାରୀ ଏବଂ ମାତାଙ୍କ ନାମ ଥିଲା ଜଗରାଣୀ ଦେବୀ । ତାଙ୍କ ମାଆ ଚାହୁଥିଲେ ଯେ ସେ ଜଣେ ବଡ଼ ସଂସ୍କୃତ ପଣ୍ଡିତ ହୁଅନ୍ତୁ, ତେଣୁ ତାଙ୍କୁ ବାରାଣସୀର କାଶୀ ବିଦ୍ୟାପୀଠକୁ ପଠାଯାଇଥିଲା । ଯେତେବେଳେ ମହାତ୍ମା ଗାନ୍ଧୀ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ, ଚନ୍ଦ୍ରଶେଖର ମାତ୍ର ୧୫ ବର୍ଷ ବୟସରେ, ସେଥିରେ ଯୋଗ ଦେଇଥିଲେ । ଏହି ଆନ୍ଦୋଳନ ସମୟରେ ଗିରଫ ହେବା ପରେ ଯେତେବେଳେ ମାଜିଷ୍ଟ୍ରେଟ ତାଙ୍କୁ ତାଙ୍କ ନାମ ପଚାରିଲେ, ସେ ନିର୍ଭୀକ ଭାବରେ ଉତ୍ତର ଦେଇଥିଲେ ମୋ ନାଁ 'ଆଜାଦ' । ପିତାଙ୍କ ନାମ 'ସ୍ୱତନ୍ତ୍ରତା' ଏବଂ ନିଜ ଘର 'ଜେଲ' ବୋଲି କହିଥିଲେ । ସେହି ଦିନଠାରୁ ସେ 'ଚନ୍ଦ୍ରଶେଖର ଆଜାଦ' ନାମରେ ପରିଚିତ ହେଲେ । ୧୯୨୨ ମସିହାରେ ଚୌରୀ-ଚୌରା ଘଟଣା ପରେ ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନକୁ ସ୍ଥଗିତ କରିଦେବାରୁ ଆଜାଦଙ୍କ ପରି ଅନେକ ଯୁବକ କ୍ରୋଧିତ ହୋଇଥିଲେ । ଏହାପରେ ସେ ହିନ୍ଦୁସ୍ଥାନ ରିପବ୍ଲିକାନ୍ ଆସୋସିଏସନ୍ ନାମକ କ୍ରାନ୍ତିକାରୀ ସଂଗଠନରେ ଯୋଗ ଦେଲେ । ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସଶସ୍ତ୍ର ସଂଗ୍ରାମ ମାଧ୍ୟମରେ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା । ଚନ୍ଦ୍ରଶେଖର ଆଜାଦ ଦୀର୍ଘ ଦିନ ଧରି ପୁଲିସକୁ ଚକମା ଦେଇ ନିଜର କ୍ରାନ୍ତିକାରୀ କାର୍ଯ୍ୟକଳାପ ଜାରି ରଖିଥିଲେ । କିନ୍ତୁ ୧୯୩୧ ମସିହା ଫେବୃଆରୀ ୨୭ ତାରିଖରେ ଜଣେ ବିଶ୍ୱାସଘାତକର ସୂଚନା ପାଇ ପୋଲିସ ତାଙ୍କୁ ଘେରିଯାଇଥିଲେ । ନିଜର ପ୍ରତିଜ୍ଞା 'ଜୀବିତାବସ୍ଥାରେ ଇଂରେଜଙ୍କ ହାତରେ ଧରା ଦେବିନାହିଁ'କୁ ରକ୍ଷା କରିବା ପାଇଁ ସେ ଶେଷ ପର୍ଯ୍ୟନ୍ତ ବୀରତ୍ୱର ସହ ଲଢ଼ିଥିଲେ । ନିଜ ପିସ୍ତଲରେ ଗୋଟିଏ ମାତ୍ର ଗୁଳି ବାକି ରହିଥିବା ବେଳେ, ସେ ତାହାକୁ ନିଜ କାନପଟାରେ ରଖି ଗୁଳି ଚଳାଇ ଦେଇଥିଲେ ଏବଂ ଦେଶମାତୃକାର ସେବାରେ ନିଜ ଜୀବନକୁ ବଳିଦାନ ଦେଇଥିଲେ । ମାତ୍ର ୨୪ ବର୍ଷ ବୟସରେ ସେ ସହିଦ ହୋଇଥିଲେ, କିନ୍ତୁ ତାଙ୍କର ବଳିଦାନ ଓ ଦେଶପ୍ରେମ ଆଜି ବି ଭାରତୀୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି ।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟି ଭଣ୍ଡାରିପୋଖରୀ ସଦର ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ତରଣୀସେନ ଜେନାଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶତାଧିକ କର୍ମୀ ଓ ସମର୍ଥକ ପାର୍ଟି କାର୍ଯ୍ୟାଳୟରୁ ବାହାରି ବଜାର ଦେଇ ଥାନା ଛକ, ମେଡ଼ିକାଲ ଛକ ଓ ବ୍ଲକ୍ ଛକ ପରିକ୍ରମା କରିଥିଲେ। ପ୍ରତ୍ୟେକ ଭାରତୀୟ ପାଇଁ ଏହି ତ୍ରିରଙ୍ଗା ଗର୍ବ ଓ ଗୌରବ ପ୍ରତୀକ ଅଟେ। ହର୍ ଘର ତ୍ରିରଙ୍ଗା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତଙ୍କ ଘରେ ଜାତୀୟ ପତାକା ଉଡ଼ିବାର ବ୍ୟବସ୍ଥା କରାଯାଇଛି ବୋଲି ରାଜ୍ୟ ପରିଷଦ ସଦସ୍ୟ ଗିରିଶ ସାମଲ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସୁରେଶ ସାମଲ, ତପନ ପାତ୍ର, ରାମଚନ୍ଦ୍ର ସେନାପତି, ପର୍ଶୁରାମ ପରିଡ଼ା, ପୂର୍ଣ୍ଣ ଖୁଲାର, ଅମରେଶ ନାୟକ, ନିରଂଜନ ଦାସ, ପ୍ରଶାନ୍ତ ସାମଲ, ନିରାକାର ବେହେରା, ନିରଞ୍ଜନ ବେହେରା, ରବୀନ୍ଦ୍ର ଜେନା, ଶୁଭେନ୍ଦୁ ମିଶ୍ର, ଧରଣୀ ଜେନା, ଶରତ ପଲେଇ, ଉମାକାନ୍ତ ପ୍ରଧାନ, ସୁଧାଂଶୁ ପରିଡ଼ା, ଅନ୍ତର୍ଯ୍ୟାମୀ ସାହୁ, ନିରାକାର ସାହୁ, ଜଗବନ୍ଧୁ ଦ୍ୱିବେଦୀ ପ୍ରମୁଖ ନେତୃମଣ୍ଡଳୀ ସାମିଲ ହୋଇଥିଲେ।

# କ୍ଷତିପୂରଣ ପାଇଁ ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକ



ଉମରକୋଟ (ଭାସ୍କର ନ୍ୟୁଜ୍): ତେଲେଙ୍ଗାନା ଦୁର୍ଘଟଣା ରେ ମୃତ ତିନି ଓଡ଼ିଆ ଶ୍ରମିକଙ୍କ ପରିବାରଙ୍କୁ କ୍ଷତି ପୂରଣ ଦାବିରେ ଶୀଘ୍ର ୯ ଘଣ୍ଟା ଧରି ଚାଲିଥିବା ରାସ୍ତାରୋକ ହଟିଲା। ମୃତକ ଙ୍କ ପରିବାର ପକ୍ଷରୁ ପ୍ରତ୍ୟେକ ପରିବାର ଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୁରଣ ଦାବିରେ ଆଜି ସକାଳ ୧୧ଟା ରୁ ଆମ୍ବୁଲାନ୍ସ ଭିତରେ ଶବ ଥିବା ତିନିଟି ଆମ୍ବୁଲାନ୍ସ ରଖି ରାସ୍ତାରୋକ କରାଯାଇଥିଲା । ଏହି ଆନ୍ଦୋଳନରେ ଉଭୟ ବିଜେଡି ଓ କଂଗ୍ରେସ ଯୋଗ ଦେଇଥିଲେ । ପୂର୍ବତନ ସାଂସଦ ରମେଶ ମାଝୀ ଓ ପୂର୍ବତନ କଂଗ୍ରେସ ବିଧାୟକ ଭୁଜବଳ ମାଝି ମୃତକ ପରିବାରଙ୍କ ରାସ୍ତା ରୋକରେ ଯୋଗ ଦେଇଥିଲେ ସରକାରଙ୍କ ଉପରେ ଚାପ ପକାଇଥିଲେ। ଶେଷରେ ପ୍ରଶାସନ ତରଫରୁ ସରକାର ଙ୍କ ସହ ଆଲୋଚନା ପରେ ମୃତକଙ୍କ ପରିବାରଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରାଯାଇଛି । ସରକାର ଙ୍କ ତରଫରୁ ୨ ଲକ୍ଷ, ରେଡକ୍ରସରୁ ୧୦ ହଜାର, ରାଷ୍ଟ୍ରୀୟ ଶ୍ରମିକ ମୃତ୍ୟୁକାଳୀନ ସହାୟତା ପାଣ୍ଠିରୁ ୨୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନା ରୁ ୩ ହଜାର ଟଙ୍କା ସହାୟତା ରାଶି ଘୋଷଣା କଲେ ଏବଂ ଯୋଗ୍ୟତା ଭିତ୍ତି ରେ ଆବାସ ଗୃହ ଦିଆଯିବ ବୋଲି ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ମିଶ୍ର କହିଥିଲେ । ଏହା ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକ ରୁ ହଟିଥିଲେ। ପରେ ରୀତିନୀତି ଅନୁସାରେ ଗାଁ ମଶାଣିରେ ମୃତ ତିନି ଶ୍ରମିକଙ୍କ ଶବ ସତ୍କାର କରାଯାଇଛି।

# କର୍କଟ ପୀଡିତ ଆଲୋକଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ(ଭାସ୍କର ନ୍ୟୁଜ୍): ମହାକାଳପଡା ବ୍ଲକ ଅନ୍ତର୍ଗତ ପାଟଲୀପଙ୍କ ଗ୍ରାମର କର୍କଟ ରୋଗରେ ପୀଡିତ ଆଲୋକ କୁମାର ବେହେରାଙ୍କୁ ସହାୟତାର ହାତ ବଢାଇଛନ୍ତି କୁଜଙ୍ଗ ଅଞ୍ଚଳର ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ଆଲୋକ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ଅଟନ୍ତି। ଗତ କିଛି ମାସ ହେବ ସେ କର୍କଟ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଜୀବନ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ଆଲୋକ ଘରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ବର୍ତ୍ତମାନ ରୋଗଗ୍ରସ୍ତ ହେବା ପରେ କାମ କରିବାକୁ ଯାଇପାରୁନାହାନ୍ତି। ତେଣୁ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ। ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ, ସୁଧାକର ମହାନ୍ତି, ବିଶ୍ୱନାଥ ସ୍ୱାଇଁ ଓ ହରେକୃଷ୍ଣ ବେହେରା ପ୍ରମୁଖ ଆଲୋକଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଅଲୋକଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।

## ଅସୁରେଶ୍ୱରରେ ଗହଣା ଦୋକାନରୁ ଲୁଟ୍ ଘଟଣା

# ୪ ଗିରଫ: ବିସ୍ଫୋରକ, ମୋବାଇଲ, ସୁନା, ମଟର ସାଇକେଲ ଓ ନଗଦ ୨୩ହଜାର ଟଙ୍କା ଜବତ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ଗତ ୪ତାରିଖ ରାତ୍ରରେ ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ବଜାରରେ ଥିବା ମହାବୀର ଜୁଏଲାରୀ ଉପରେ ହୋଇଥିବା ବୋମାମାଡ ଓ ଲୁଟ ଘଟଣାରେ ପୋଲିସ ୪ଜଣ ଆନ୍ତଃ ଜିଲ୍ଲା ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୨୦ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର, ୪ଟି ମୋବାଇଲ, ନଗଦ୨୩ହଜାର ଟଙ୍କା, ୫୦୦ଗ୍ରାମର ବିସ୍ଫୋରକ ଦ୍ରବ୍ୟ ଓ ୨ଟି ମୋଟର ସାଇକେଲ ଜବତ କରିଛି। ଘଟଣା ଘଟିବାର ୪ ଦିନ ପୂର୍ବରୁ ଏହି ଗହଣା ଦୋକାନକୁ ଅଭିଯୁକ୍ତମାନେ ଆସି ଟାର୍ଗେଟ କରିଥିଲେ। ଦୋକାନର ଫଟୋ,ରୋଡ ମ୍ୟାପ ଓ କେଉଁଠି ସିସିଟିଭି କ୍ୟାମେରା ଅଛି ତାହାର ମଧ୍ୟ ସନ୍ଧାନ କରି ମାଷ୍ଟର ପ୍ରିଣ୍ଟ ପ୍ରସ୍ତୁତ କରି ଅପରାଧ ଘଟାଇଥିବା କଟକ ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଗତ ୪ ତାରିଖ ପ୍ରାୟ ରାତ୍ରି ୮.୩୦ ମିନିଟ ସମୟରେ କୁଳଗାଁ ଇଶାଳୋର ନିରଞ୍ଜନ ସାହୁଙ୍କ ଅସୁରେଶ୍ୱର ବଜାରରେ ଥିବା ମହାବୀର ଜୁଏଲର୍ସ ଉପରେ ବୋମାମାଡ କରି ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଥିଲେ। ଗହଣା ବ୍ୟବସାୟୀ ନିରଞ୍ଜନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବା ଯୋଗୁ ସେ ଲହୁ ଲୁହାଣ ହୋଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ କେଶ ନଂ୧୫୩/୨୦୨୫ରେ ମାମଲା ରୁଜୁ ହୋଇଥିଲା। ଅପରାଧୀଙ୍କୁ ଧରିବା ପାଇଁ କଟକ ଗ୍ରାମାଞ୍ଚଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ୪ଜଣ ଅଫିସରକୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ପୋଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡର ମଧ୍ୟ ସହାୟତା ନେଇ ବିଭିନ୍ନ ଜାଗାରେ ଚଢାଉ କରିଥିଲା। ତେବେ ମୋବାଇଲ ଟ୍ରାକିଂ କରି ନୟାଗଡ ଜିଲ୍ଲା ଫତେଗଡ ଥାନା ଅଧିନସ୍ଥ ଚକ୍ରଧର ପ୍ରସାଦ ଗ୍ରାମର ଦିଲିପ କୁମାର ପରିଡା(୨୮) ,ନୟାଗଡ ସଦର ଥାନା ଅଧିନସ୍ଥ ସିଆରିଂ ଖଳାର ଦୀପକ ନାୟକ (୨୧), କଟକ ଜିଲ୍ଲା ଗୁରୁଡି ଝାଟିଆ ଥାନା ଅଧିନସ୍ଥ ଛୋଟିଅମ୍ବା ଗ୍ରାମର ସରୋଜ କର(୩୦) ଓ କଟକ ଲାଲବାଗ ଥାନା ଦିୱାନ ବଜାରର ସେକ ହାଇଦର (୩୧) କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ତେବେ ଅଭିଯୁକ୍ତମାନଙ୍କ ନାମରେ ଜଗତପୁର, କେନ୍ଦ୍ରାପଡା, ନୟାଗଡ ଓ ବେନ୍ତକଣ୍ଠା , ଉଦଳା ଓ ବାଲିପାଟଣା , ଲାଲବାଗ, ବିଡାନାସୀ, ବାଦାମବାଡି ପ୍ରଭୃତି ଥାନାରେ ବହୁ ମାମଲା ରହିଅଛି। ତେବେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ ଦାସ ବିଭିନ୍ନ ସ୍ଥାନରେ ଛାନ୍‌ଭିନ କରି ଏହି ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଥିବା ଜଣାଯାଇଛି।

# ବର୍ଷା ପାଇଁ ଗିରିଗୋବର୍ଦ୍ଧନ ପୂଜା



ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ କୋଶଳାଶୁଣୀ ଜଙ୍ଗଲ ମଧ୍ୟରେ ଥିବା ପାହାଡ଼ ଉପର ଗିରିଗୋବର୍ଦ୍ଧନ ପୀଠ ଠାରେ ନିକଟସ୍ଥ ଠଣାପଲ୍ଲୀ ଗ୍ରାମବାସୀଙ୍କ ଦ୍ୱାରା ହୋମ ଓ ନାମ କୀର୍ତ୍ତନ ସହ ପୂଜାର୍ଚ୍ଚନା ମାଧ୍ୟମରେ ବର୍ଷାକୁ ଆବାହନ କରାଯାଇଛି। ବର୍ତ୍ତମାନ ସ୍ଥିତିରେ ବର୍ଷା ଅଭାବ କାରଣରୁ ଧାନ ଚାଷ ପ୍ରଭାବିତ ହେବା ରେ ଲାଗିଛି। ତୁରନ୍ତ ବର୍ଷା ନହେଲେ ତଳି ଶୁଖିଯିବା ସମ୍ଭାବନା ରହିଛି। ତେବେ ଲୋକଶୃତି ଅନୁଯାୟୀ ଏହି ପୀଠରେ ଗିରିଧାରୀ ଶ୍ରୀ କଳାକୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ କଳାଧଳା ଖିରି ପ୍ରସ୍ତୁତକରି ଭୋଗଅର୍ପଣ କଲେ ଇନ୍ଦ୍ର ଦେବ କ୍ରୋଧାନ୍ୱିତ ହୋଇ ଚାରି ମେଘ ପଠାଇ ପୂଜାରେ ବିଘ୍ନ ଉପୁଜାଇବାକୁ ବର୍ଷା କରାନ୍ତି। ଏହି ପରମ୍ପରାକୁ ଆଧାର କରି ଠଣାପଲ୍ଲୀ ଓ ଅନ୍ୟ ଗ୍ରାମବାସୀ ମାନେ ଏହି ପୀଠରେ ବର୍ଷା ହେବା ପାଇଁ କାହିଁ କେଉଁ କାଳରୁ ପୂଜା କରି ଆସୁଛନ୍ତି। ଅପର ପକ୍ଷରେ ବିଜ୍ଞାନ ଅନୁଯାୟୀ ଜଙ୍ଗଲ ଅଞ୍ଚଳରେ ବର୍ଷା ଅଧିକ ପରିମାଣ ହେଉଥିବାରୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ମାନେ ଏହି କୋଶଳାଶୁଣି ଜଙ୍ଗଲ ସମ୍ପଦ ସଂରକ୍ଷଣ ପାଇଁ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି। ଏହି ପୂଜା ଅବସରରେ ପୁରୋହିତ ରତ୍ନାକର ମହାପାତ୍ର ହୋମ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଗ୍ରାମବାସୀମାନେ କଳାଧଳା ଖିରି ଭୋଗପ୍ରସ୍ତୁତ କରିଥିଲେ। ଭାଗିରଥୀ ଦାଶ ଭାଗବତ ପାଠ ଓ ଜଗନ୍ନାଥ ଦାସ, ଚନ୍ଦ୍ରକାନ୍ତ ପ୍ରଧାନ , ଅର୍ଜୁନ ମହାପାତ୍ର, ଲକ୍ଷ୍ମୀଧର ସାହୁ,ଆନନ୍ଦ ହୋତା, ହରିହର ସାହୁ,ରତ୍ନାକର ପ୍ରଧାନ ପ୍ରମୁଖ ନାମ କୀର୍ତ୍ତନ କରିଥିଲେ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଯୁଗ ନିର୍ମାଣ ଯୋଜନା ଗଜପତି ପାରଳାଖେମୁଣ୍ଡି ଶାଖା ତରଫରୁ ଗାୟତ୍ରୀ ପ୍ରଜ୍ଞା ପୀଠରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ୧୦୦ଜଣ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । କିଛି ବ୍ୟକ୍ତିଙ୍କୁ ଚଷମା ଓ ଔଷଧ ଦିଆଯାଇଛି ୨୦ ଜଣ ବ୍ୟକ୍ତିଙ୍କର ପରଳ ଚିହ୍ନଟ ହୋଇଛି। ସେମାନଙ୍କୁ ଅସ୍ତ୍ରୋପଚାର ପାଇଁ ନିଆଯାଇଛି। ବସ୍ ଯୋଗେ ବ୍ରହ୍ମପୁର ନିଆଯାଇଥିଲା । ଏହି ସେବା ଶିବିର କାର୍ଯ୍ୟକ୍ରମକୁ ଗାୟତ୍ରୀ ପରିବାରର ସନ୍ତୋଷ କୁମାର ଗନ୍ତାୟତ ବରିଷ୍ଠ କାର୍ଯ୍ୟକର୍ତ୍ତା ବିଘ୍ନରାଜ ପଣ୍ଡା, ବିଘ୍ନେଶ୍ୱର ଦାସ ଓ ଜିଲ୍ଲା ସଂଯୋଜକ ରଜନୀକାନ୍ତ ଚୋଧୁରୀ ଓ ନର୍ସିଂହୋମ୍‌ର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା ।

## ଜିଏସ୍ ନର୍ସରୀର ଶୁଭ ଉଦ୍‌ଘାଟନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଓମ୍ ଶାନ୍ତି କଲୋନୀ ଠାରେ ଜିଏସ୍ ନର୍ସରୀର ଉଦ୍‌ଘାଟନ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଫାଲଗୁନ ମାଝୀ ରିବନକାଟି ଓ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ ।ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ କେ.ସୁରିଆ ରାଓ, କୃଷି ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନର୍ସରୀରେ ଫୁଲଗଛ,ଫଳ ଗଛ, ପରିବା ଗଛ ସହିତ ବିଭିନ୍ନ ପ୍ରକାରର ଔଷଧୀୟ ଗଛ ବିକ୍ରି କରାଯାଉଛି।

# 'ଆସ ସ୍କୁଲ ଯିବା, ମିଳିମିଶି ପାଠ ପଢିବା'

## ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମୀକ୍ଷା ବୈଠକ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଡ୍ରପ ଆଉଟ ରୋକିବାକୁ ରାଜ୍ୟ ସରକାର ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଘରକୁ ଘର ବୁଲି ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କ ସର୍ଭେ ପରେ ଏବେ 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ ହୋଇଛି। ଯେଉଁଥିରେ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା, ଆଦୌ ବିଦ୍ୟାଳୟ ଯାଇନଥିବା ପିଲାଙ୍କୁ ବୟସ ଅନୁଯାୟୀ ଶ୍ରେଣୀରେ ନାମ ଲେଖାଇବା, ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପିଲାଙ୍କ ପାଠପଢାକୁ ଜାରୀ ରଖିବା ଓ ପୁନର୍ବାର ପାଠ ପଢା ନ ଛାଡିବାକୁ ଆବଶ୍ୟକ ପଦକ୍ଷେପ ଏବଂ ପିଲାଙ୍କ ମଧ୍ୟରେ ଶିକ୍ଷଣ ଫଳାଫଳର ସ୍ତରକୁ ଅଭିବୃଦ୍ଧି ଓ ଶିକ୍ଷଣ ବ୍ୟବଧାନକୁ ହ୍ରାସ କରିବା ପ୍ରାଥମିକତା ଦିଆଯିବ ବୋଲି ବୁଧବାର ଦିନ ଅନୁଷ୍ଠିତ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ବ୍ଲକ ସ୍ତରୀୟ ପ୍ରଧାନଶିକ୍ଷକ ସମୀକ୍ଷା ବୈଠକ ରେ ଆଲୋଚନ ହୋଇଥିଲା। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମରେ ଅତିଥି ଭାବେ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଭାରପ୍ରାପ୍ତ ସହଶିକ୍ଷାଧିକାରୀ ମଙ୍ଗୁଳି ଚରଣ ଦାସ, ପ୍ରିୟଦର୍ଶୀ ବିଶ୍ୱାଳ, ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତରେ ମୁଖ୍ୟତଃ ଇକୋ କ୍ଲବ, ଆସ ସ୍କୁଲ ଯିବା, ଆଇସିସି, ବିଦ୍ୟାଳୟକୁ ସମୟାନୁବର୍ତ୍ତିତା ଅନୁଯାୟୀ ପୂର୍ବାହ୍ନ ୯ଘ ୩୦ମିନିଟ ପୂର୍ବରୁ ଓ ଅପରାହ୍ନ ୪ଘ ୩୦ମିନିଟ ପରେ ବିଦ୍ୟାଳୟ ପରିତ୍ୟାଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଛାତ୍ରଛାତ୍ରୀଙ୍କୁ ଗୁଣବତ୍ତା ସମ୍ପନ୍ନ ପୋଷାକ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ସ୍ୱାଇଁ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରାଇବା, ନିର୍ଯାତନାରୁ ରକ୍ଷା କରିବା, ଶୌଚାଳୟର ଉପଯୁକ୍ତ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକ ରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ୧୨ଜଣ ସାଧନ ସଂଯୋଜକ, ୧୦୭ଗୋଟି ବିଦ୍ୟାଳୟ ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅନନ୍ତ ବଳିଆ କଲେଜର ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗ

ଫୁଲନଖରା(ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ନିକଟସ୍ଥ ନୂଆଗଡ ଗ୍ରାମର ଦୁଲାଦେଈଙ୍କ ପୀଠ ନିକଟରେ ୧୯୯୧ ମସିହାରେ ଗ୍ରାମବାସୀଙ୍କ ଉଦ୍ୟମରେ ଗଢି ଉଠିଥିବା ଅନନ୍ତ ବଳିଆ କଲେଜ ଏବେ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଅଛି । ଏହି କଲେଜର ଅଧ୍ୟକ୍ଷ ନିୟମିତ କଲେଜ ନ ଆସି ଅନୁପସ୍ଥିତ ରହୁଛନ୍ତି । ଯାହାଫଳରେ ପିଲାମାନଙ୍କ ପାଠପଢ଼ା ଠିକ୍ ଭାବେ ହୋଇ ପାରୁନାହିଁ କି ସଠିକ ପରିଚାଳନା ନହେବା ଫଳରେ କଲେଜର କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନି ଏହା ସହିତ କଲେଜକୁ ମିଳୁଥିବା ଛ'ଲକ୍ଷରୁ ଉର୍ଦ୍ଧ୍ୱ ବାର୍ଷିକ ସହାୟତା ରାଶିଅର୍ଥ କୁ କଲେଜର ଅଧ୍ୟକ୍ଷ କିଛି ପରିମାଣର ଅର୍ଥ ଖର୍ଚ୍ଚକରି ଅବଶିଷ୍ଟ ଅର୍ଥ ରାଶିକୁ କଲେଜ ଆକାଉଣ୍ଟରୁ



ନିଜ ସମ୍ପର୍କୀୟଙ୍କ ଖାତାକୁ ଟ୍ରାନ୍ସଫର କରି ଅର୍ଥ ଆତ୍ମସାତ କରିଛନ୍ତି ବୋଲି ଗ୍ରାମବାସୀଙ୍କ ଅଭିଯୋଗକୁ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ଏହି ଅର୍ଥର ସଠିକ ବ୍ୟବହାର ନହେବା ଫଳରେ ପିଲାମାନଙ୍କ ବସିବା ପାଇଁ ଶ୍ରେଣୀଗୃହ, କମନ ରୁମ , ଟଏଲେଟ, ମହିଳା ଛାତ୍ରୀଙ୍କ ୱାସ ରୁମ ନଥିବାରୁ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଗ୍ରାମ୍ୟ କମିଟିର ସଭାପତି ବିକ୍ରମ ଶତପଥୀଙ୍କ ସମେତ କମିଟିର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏହାସହିତ କଲେଜର ଅଧ୍ୟକ୍ଷ ଅର୍ଥ ଆତ୍ମସାତ କରିଥିବା ନେଇ ଗ୍ରାମ୍ୟ କମିଟିର କର୍ମକର୍ତ୍ତା ମାନେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଆତ୍ମସାତ କରିଥିବା ଅଧ୍ୟକ୍ଷଙ୍କ ବିରୋଧରେ ପ୍ରଶାସନିକ ସ୍ତରରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାମ୍ବାଦିକ ସମ୍ମିଳନୀରେ ଗ୍ରାମ୍ୟ କମିଟିର ଉପଦେଷ୍ଟା ପୀତବାସ ମହାପାତ୍ର, ସଂପାଦକ ସନ୍ତୋଷ ସାମନ୍ତରାୟ, ବିଜୟ ପ୍ରଧାନ, କାଳିନ୍ଦୀ ରାଉତ, କାଳିନ୍ଦୀ ପ୍ରଧାନ, ଶରତ ନାୟକ ପ୍ରମୁଖ ଉପସ୍ଥିତ ରହି ଦାବି କରିଛନ୍ତି ।

# ସତ୍ୟବାଦୀରେ ଫେଲ୍ ମାରିଛି ଜଳଜୀବନ ମିଶନ

ସତ୍ୟବାଦୀ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସୁଆଁଲ ଗ୍ରାମରେ ଆଜିବି ଅପହଞ୍ଚ ପାନୀୟ ଜଳ । ଦିନେ ନୁହେ କି ଦୁଇ ଦିନ ନୁହେଁ ସ୍ୱାଧୀନତା ର ୭୯ ବର୍ଷ ପରେ ମଧ୍ୟ ପିଇବାକୁ ନାହିଁ ବିଶୁଦ୍ଧ ପାନୀୟ ଜଳ । କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନ ସତେ ଯେମିତି ସାତ ସପନ ପାଲଟିଛି । ଆଜି ବି ଗାଁ ର ମହିଳା ମାନେ ସକାଳ ହେଲେ ଦୁଇ କିଲୋମିଟର ଚାଲିକି ଯାଇ ଭାର୍ଗବୀ ନଦୀରୁ ପାଣି ଆଣି ନିଜର ଶୋଷ ମେଣ୍ଟାଇବା ସହିତ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲଗାଇଥାନ୍ତି । ଗ୍ରାମବାସୀଙ୍କ କହିବା ମୁତାବକ ଆଜକୁ ପ୍ରାୟ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଗାଁ ର ରାସ୍ତା ଖୋଳାଯାଇ ପାଇପ ପଡିଥିଲା , କିନ୍ତୁ କାର୍ଯ୍ୟ ଆଗକୁ ଗଲାନାହିଁ । ଗ୍ରାମବାସୀ ମାନେ ସତ୍ୟବାଦୀରେ ଥିବା ସରକାରୀ ପାନୀୟ ଜଳ ଅଫିସ କୁ ଯାଇ ଦରଖାସ୍ତ ଦେବା ପରେ ଯନ୍ତ୍ରୀ ସୁଜାତା ପରିଡା ତାଙ୍କୁ ଆଶ୍ୱାସନା ଦେଇଥିଲେ ଓ ଯଥାଶୀଘ୍ର କାମ ସାରିଯିବା ନେଇ ପ୍ରତଶ୍ରୁତି ମଧ୍ୟ ଦେଇଥିଲେ । କିନ୍ତୁ ପ୍ରତିଶ୍ରୁତି କୁ ବିତିଲାଣି ଦୁଇ ବର୍ଷ କିନ୍ତୁ ଆଜିବି କାର୍ଯ୍ୟ ସମାପ୍ତ ହୋଇପାରୁନାହିଁ । ଅଫିସକୁ ଦଉଡି ଦଉଡି ଗ୍ରାମବାସୀଙ୍କ ଧାର୍ଯ୍ୟ ହାର ମାନି ଗଲାଣି । ନଦୀ ପାଣି ବ୍ୟବହାର କରି ପ୍ରତିବର୍ଷ ସୁଆଁଲ ଗ୍ରାମର ମହିଳା ଓ ଶିଶୁ ଙ୍କ ଦେହ ଖରାପ ହେଉଥିବା ମଧ୍ୟ ଦେଖିବାକୁ ମିଳେ କିନ୍ତୁ ଏସବୁ ପାଇଁ କହିବେ କାହାକୁ ଶୁଣିବ କିଏ। ପାନୀୟ ଜଳ ଯନ୍ତ୍ରୀ ସୁଜାତା ପରିଡାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି ଯଥାଶୀଘ୍ର ହୋଇଯିବ । କିନ୍ତୁ ବାରମ୍ବାର ପ୍ରତିଶୃତି ଦେବା ପରେ ମଧ୍ୟ ଏହି ଗ୍ରାମର କାର୍ଯ୍ୟ କୁ ଶେଷ କରିବା ପାଇଁ ଲାଗିଗଲାଣି ତିନି ବର୍ଷ ରୁ ଅଧିକ ସମୟ । କଣ ଏହା ହେଉଛି ଜଣ ସ୍ୱାର୍ଥ ପାଇଁ ସରକାରଙ୍କ ପଦକ୍ଷେପ । ଏ ସମ୍ପର୍କରେ ବିଡ଼ିଓ ଙ୍କୁ ପଚାରିଲେ ସେ କୁହନ୍ତି ଏହି ବିଭାଗ ଅଲଗା ଏବଂ ତାର ଉତ୍ତର ସେଇ ବିଭାଗୀୟ ଯନ୍ତ୍ରୀ ହିଁ ଦେଇପାରିବେ । ଏଠାରେ ପ୍ରଶ୍ନ ଉଠୁଛି କଣ ସୁଆଁଲ ଗ୍ରାମବାସୀ ଙ୍କ ଭାଗ୍ୟ ଖରାପ ନା ସୁଆଁଲ ଗ୍ରାମର ଯୋଜନା ପାଲଟିଛି କର୍ମଚାରୀଙ୍କ ପାଇଁ ଏକ ଲେଉଟିଆ ଶାଗ ସଦୃଶ ପ୍ରକଳ୍ପ । ଅର୍ଥାତ ସୁଆଁଲ ଗ୍ରାମର ପ୍ରକଳ୍ପ କୁ ପ୍ରତିବର୍ଷ ଅର୍ଥ ମଞ୍ଜୁର କରି ହରିଲୁଟ ହେଉନାହିଁ ତ ? ପ୍ରତିବର୍ଷ ପାଇପ ଯୋଡ଼େଇ କରି କାମ ବନ୍ଦ ରଖିବା ସତେ ଯେମିତି ଏକ ପ୍ରଥା ପାଲଟିଗଲାଣି । କହି ରଖୁଚୁ କି ସୁଆଁଲ ଗ୍ରାମରେ ଗୋଟିଏ ବୋଲି ନଳକୂପ ରହିଛି ଯାହା ଉପରେ ଶତାଧିକ ପରିବାର ପାଣି ପାଇଁ ନିର୍ଭର କରୁଥିବାବେଳେ ଏହା ପ୍ରାତିଦିନ ଶୁଖିଯାଉଥିବା ଦେଖିବାକୁ ମିଳେ ଏବଂ ପ୍ରତି ଏକ ଘଣ୍ଟା ଅନ୍ତରରେ ପାଣି ମାରି ପାଳି କରି ନେଇଥାନ୍ତି ଗ୍ରାମବାସୀ । ଏହି ଘଟଣାରେ ସମସ୍ତ ପାନୀୟ ଜଳ ଯନ୍ତ୍ରୀ ଏବଂ ବିଡ଼ିଓ ଙ୍କ ଉଦାସୀନତା ମନୋଭାବ ସୁଆଁଲ ଗ୍ରାମବାସୀଙ୍କ ପାଇଁ ଅଭିଶାପ ପାଲଟିବ ନାହିଁ ତ ? ନିକଟରେ ନଦୀ ପାଣି ପିଇ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣାସ ବ୍ଲକ ରେ କିଭଳି ଝାଡା ବାନ୍ତି ବ୍ୟାପିଥିଲା ତାହା ସମସ୍ତେ ଜାଣନ୍ତି । ତେବେ ପୁଣି ଥରେ ଏମିତି କିଛି ନହେଉ ସୁଆଁଲ ଗ୍ରାମରେ ଯାହା କି ସରକାରୀ ଅର୍ଥ ସିନା ଧୂଳିସାତ ହେବ କିନ୍ତୁ ଫେରି ପାରିବନି ଅମୂଲ୍ୟ ଜୀବନ । ସତ୍ୟବାଦୀ ରେ ଏଭଳି ଘଟଣା ନୂଆ ନୁହେଁ ଯଦିଓ କିନ୍ତୁ ଡବଲ ଇଞ୍ଜିନ ସରକାର ରେ ଏଭଳି ଘଟଣା ଘଟିବା ନିନ୍ଦନୀୟ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ କେବେ ତେଜିବ ପ୍ରଶାସନ ଓ ପାନୀୟ ଜଳ ବିଭାଗ ଓ କେବେ ସରକାରୀ ଯୋଜନା ରେ ପାଣି ଟିକେ ପାଉଛନ୍ତି ସୁଆଁଲ ଗ୍ରାମବାସୀ ।

# ତ୍ରିରଙ୍ଗା ଶୋଭାଯାତ୍ରା



ରାୟଗଡ଼ା (ଭାସ୍କର ନ୍ୟୁଜ):ରାୟଗଡ଼ା ଜିଲ୍ଲାପଦ୍ମପୁର ସ୍ଥିତ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରୁ ବାହାରି ପଦ୍ମପୁର ସହର ବୁଲି ହନୁମାନ ମନ୍ଦିର ନିକଟରେ ଶେଷ ହେଇଥିଲା ।ଏଥିରେ ବିଦ୍ୟାଧର ଶବର,ନଚିକେତା ସାହୁ,ଶିବରାମ ମହାରଣା,ଶିବ ପ୍ରସାଦ ମହାରଣା,ବୁଲୁ ମିଶ୍ର,ତ୍ରିନାଥ ଶବର,ବିକାଶ ଦାସ,ବାଲୁ ମଣିପାତ୍ର,ବାବୁଲା ବିବାର,ପ୍ରଶାନ୍ତ ଦାସ,ଚନ୍ଦନ,ଲାଲି ସାହୁ,ସୁଜିତ୍ ଗୌଡ଼,ଗୁପ୍ତ ଶବର,ଗୌରୀ ରାଉତ,ଲିଙ୍ଗା ସାହୁ, ବନ ବିହାରି କଂଶବେହେରାଙ୍କ ସହ ଅନେକ ଭାଇ ମନେ ଯୋଗ ଦେଇଥିଲେ।

# ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଶିକ୍ଷା ବିଭାଗର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଣାସ ବ୍ଲକ ଅନ୍ତର୍ଗତ ୧୭ ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମାନେ ଯୋଗଦେଇ ସାଧନ କେନ୍ଦ୍ର ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଡ୍ରପ୍ ଆଉଟ ଛାତ୍ର ଛାତ୍ରୀ ମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ କାର୍ଯ୍ୟକାରୀ ହେଉଥିବା 'ଆସ ସ୍କୁଲ ଯିବା ' ଯୋଜନାର ବର୍ତ୍ତମାନ ସୁଦ୍ଧା କାର୍ଯ୍ୟର ସମୀକ୍ଷା କରାଯିବାସହ ଏଥିରେ ଶତ ପ୍ରତିଶତ ସଫଳତା ପାଇଁ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ବିଦ୍ୟାଳୟ ୟୁଡାଇସ୍ + କାର୍ଯ୍ୟ ସମ୍ପନ୍ନ କରିବା,ଆଜାଦ କି ଅମୃତ ମହୋତ୍ସବ ଅବସର ରେ କାର୍ଯ୍ୟକାରୀ ହେଉଥିବା 'ହର୍ ଘର୍ ତ୍ରିରଙ୍ଗା' ଓ 'ଏକ ପେଡ ମା କି ନାମ ' କାର୍ଯ୍ୟକ୍ରମର ସଫଳ ରୂପାୟନ ସଂପର୍କରେ ଆଲୋଚନା କରାଯାଇଥିଲା। ଚଳିତ ଶିକ୍ଷା ବର୍ଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନେ ବିଦ୍ୟାଳୟରେ ସୈକ୍ଷିକ କାର୍ଯ୍ୟ ଗୁଡିକୁ ସଠିକ୍ ତଦାରଖ କରିବାସହ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀ ପରିଚାଳନା ସହ 'ଦଶମ ' କାର୍ଯ୍ୟକ୍ରମ ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଶିକ୍ଷା ଅଧିକାରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନେ ଯୋଗଦେଇଥିଲେ। ଶେଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।




# ପାନୀୟ ଜଳ ସମସ୍ୟାକୁ ନେଇ ବିଡ଼ିଓଙ୍କୁ ଅଭିଯୋଗପତ୍ର

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଗଡ଼ପରଜଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଜହ୍ନାପଡା ଗ୍ରାମରେ ପାନୀୟ ଜଳର ଅସୁବିଧାକୁ ନେଇ ଗ୍ରାମବାସୀ ମାନେ ବିଡ଼ିଓ ସୌଭାଗ୍ୟ ବେହେରାଙ୍କୁ ଗୁରୁବାର ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିବା ଜଣାପଡିଛି । ଏହି ଗାଁରେ ତିନି ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ,ଆଜକୁ ତିନି ମାସ ହେବ ପାନୀୟ ଜଳ ସମସ୍ୟା ନେଇ ବହୁତ ଅସୁବିଧା ଭୋଗୁଛନ୍ତି । ବସୁଧା ଯୋଜନାରେ ପାଣି ଟାଙ୍କି କରାଯାଇ ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ବେଳେ, ଗତ ଜୁନ ମାସ ଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମବାସୀ ମୁନ୍ଦାଏ ପାଣି ନପାଇ ତହଳ ବିକଳ ହେଉଥିବା ଅଭିଯୋଗ ଆଣିଛନ୍ତି। ଏ ସମ୍ବନ୍ଧେ ବିଚାରକୁ ନେଇ ତୁରନ୍ତ ଏହାର ସମାଧାନ କରିବାକୁ ବିଡ଼ିଓ ଶ୍ରୀ ବେହେରା ପ୍ରତିଶ୍ରୁତି ଦେବାପରେ ଅଭିଯୋଗକାରୀ ମାନେ ଘରକୁ ଫେରିଥିବା ଜଣାପଡିଛି ।

# 'ତ୍ରିରଙ୍ଗା ସମସ୍ତଙ୍କୁ ରାଷ୍ଟ୍ରପ୍ରେମରେ ବାନ୍ଧି ରଖେ'

## ।। ଛାତ୍ରଛାତ୍ରୀଙ୍କ ବିଶାଳ ତ୍ରିରଙ୍ଗା ଯାତ୍ରା ।।



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ସ୍ଥିତ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର, ଛାତ୍ରୀ ମାନଙ୍କୁ ନେଇ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକବିଦ୍ୟାଳୟ ର ଅଧକ୍ଷ ହରିଶ ଚନ୍ଦ୍ରସ୍ୱାଇଁ ଙ୍କ ତତ୍ତ୍ୱାବଧାନ ରେ ଛାତ୍ରଛାତ୍ରୀ ମାନେ କଲେଜ ପରିସରରୁ ହରିଣହୁଳା ପର୍ଯ୍ୟନ୍ତ ଯାଇଥିଲେ। ହାତରେ ତ୍ରିରଙ୍ଗା ଓ ଭାରତ ମାତା କି ଜୟ ନାରାରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ସମାଜରେ ଲୋକ ମାନେ କିପରି ଦେଶ ପ୍ରେମ ଓ ଦେଶ ଭକ୍ତିରେ ନିଜକୁ ସାମିଲ କରିବେ ଏବଂ ସମସ୍ତଙ୍କ ମନରେ ରାଷ୍ଟ୍ରପ୍ରେମର ଭାବନା ଜାଗ୍ରତ କରିବା ଏହି ତ୍ରିରଙ୍ଗା ଶୋଭାଯାତ୍ରାର ମୁଖ୍ୟ ଲକ୍ଷ୍ୟ ଥିଲା। ଜାତୀୟ ପତାକା ପ୍ରତ୍ୟେକ ଭାରତୀୟ ଙ୍କ ଗର୍ବ, ଗୌରବ ଓ ସ୍ୱାଭିମାନ ପ୍ରତୀକ। ଦେଶ ସ୍ୱାଧୀନତା ନିମନ୍ତେ ଏହି ଜାତୀୟ ପତାକା ତଳେ ବହୁ ଲୋକ ପ୍ରାଣ ବଳି ଦେବାକୁ ମଧ୍ୟ ପଛାଇନାହାନ୍ତି। ଏହି ପତାକାକୁ ସମ୍ମାନ ସହ ଉଚ୍ଚ ସ୍ଥାନରେ ରଖିବା ସମସ୍ତ ଙ୍କ ଦାୟିତ୍ୱ। ଏହି ତ୍ରିରଙ୍ଗା ମାଧ୍ୟମ ରେ ରାଷ୍ଟ୍ରବାଦ, ଜାତୀୟତାବାଦ, ଦେଶ ପ୍ରେମ ଜାଗ୍ରତ କରିବା ହେଉଛି ମୂଳ ଉଦ୍ଦେଶ୍ୟ। ଏହି ଶୋଭାଯାତ୍ରା ରେ ଅଧ୍ୟାପକ ବିଜୟ କୁମାର ଦାଶ, ସୁନୀଲ ରାଉତ, ଜୟନ୍ତ କୁମାର ଦାଶ, ଅଧ୍ୟାପିକା ରଶ୍ମିରେଖା ସାହୁ, ରାଜଲକ୍ଷ୍ମୀ କର ସମେତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସହିତ ୩ଶହରୁ ଉର୍ଦ୍ଧ୍ୱ ଛାତ୍ର, ଛାତ୍ରୀ ତ୍ରିରଙ୍ଗା ଶୋଭାଯାତ୍ରା ସାମିଲ ହୋଇଥିଲେ। ଏହି ଯାତ୍ରା ଆମ ଭିତରେ ରାଷ୍ଟ୍ରଭକ୍ତି କୁ ଜାଗ୍ରତ କରାଇବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ତପସ୍ୟା, ସଂଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣି ଥରେ ମନେ ପକାଇଦିଏ।




ମାଲକାନଗିରି, (ଭାସ୍କର ନ୍ୟୁଜ): ଦେଶ ପାଳୁଛି ୭୯ତମ ସ୍ୱାଧୀନତା ଦିବସ। ଏହି ଅବସରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବସ୍ ଷ୍ଟାଣ୍ଡ ଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଲେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆମ ସମସ୍ତଙ୍କୁ ଦେଶ ପ୍ରେମର ସୂତ୍ରରେ ବାନ୍ଧିବାରେ ସଫଳ ହେଉଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଅଶ୍ୱିନୀ ଏଏଲ, ପିଏ ଆଇଟିଡିଏ ହଳଧର ଶବର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ପୌର ପରିଷଦ ନିର୍ବାହୀ ଅଧିକାରୀଓ ରାଜୀବ ଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୧୦୦ ମିଟର ଲମ୍ବର ତ୍ରିରଙ୍ଗା ପତାକା ଧରି ପଦଯାତ୍ରା କରାଯାଇଥିଲା। ସଂସ୍କୃତି ଭବନ ଠାରେ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଲୋକ ପ୍ରତିନିଧି, ଛାତ୍ରୀଛାତ୍ର, ଜିଲାସ୍ତରୀୟ ଅଧିକାରୀ, ଏବଂ ଅବକାରୀ, ବିଏସଏଫ୍ ଯବାନ ଓ ପୋଲିସ ବିଭାଗର କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

## ଭିତ୍ତିଭୂମି ସଫେଇ ଅଭିଯାନ କାର୍ଯ୍ୟକ୍ରମ

ମାଲକାନଗିରି/ମାଥିଲି, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସାଲିମି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟ ଠାରେ ଏକ ଦିବସୀୟ ଭିତ୍ତିଭୂମି ସଫେଇ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ବିନୋଦିନି ଖୁଣ୍ଟିଆ ଅଧ୍ୟକ୍ଷତାରେ ମାଥିଲି ବ୍ଲକ ଅନ୍ତର୍ଗତ ସାଲିମି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ଭିତ୍ତିଭୂମି ସଫେଇ ଓ ସ୍ୱଚ୍ଛତା ଅଭିଯାନ ସାଲିମୀ ଗ୍ରାମପଞ୍ଚାୟତରେ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନ ଓ ସୃଷ୍ଟି ଅନୁଷ୍ଠାନ ସହଯୋଗ କରୁଥିଲେ। ଭିତ୍ତିଭୂମି ସଫେଇ ଅଭିଯାନ କାର୍ଯ୍ୟକ୍ରମରେ ଶିକ୍ଷକ ଦୁର୍ଯ୍ୟୋଧନ ସୁନା ଏମ୍‌କେ ମଞ୍ଜୁମାଲା ତ୍ରିପାଠୀ ସିଆରପି ଭକ୍ତ ବାରିକ, ମା ଭୈରବୀ ଓ ମା ପାର୍ବତୀ ସ୍ୱୟଂ ସହାୟକ ଦଳ ଓ ସାଲମି ବନ ସୁରକ୍ଷା ସମିତିର ସଦସ୍ୟ ମାନେ, ସୃଷ୍ଟି ଏନଜିଓ କର୍ମଚାରୀ ବଂଶୀ ଧର ଅନୁଗୁଳିଆ କିଶୋର କୁମାର ଅଂଶଗ୍ରହଣ କରିଥିଲେ।

## ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାରେ ମୌସୁମୀ ଋତୁରେ ଗୋଷ୍ଠୀ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଏକ ଶୃଙ୍ଖଳା ଆରମ୍ଭ କରିଛି। ଏହି ପ୍ରୟାସ ଗୁଡ଼ିକ ଅଧୀନରେ କମ୍ପାନୀର ଭ୍ରାମ୍ୟମାଣ ହେଲଥ ୟୁନିଟ୍ (ଏମ୍ଏଚ୍ୟୁ) କାର୍ଯ୍ୟକାରୀ କରାଯାଉଛି। ୧୫୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ମାଗଣା ମ୍ୟାଲେରିଆ ପରୀକ୍ଷା, ଲକ୍ଷଣ ଚିହ୍ନଟ ପାଇଁ ମାର୍ଗଦର୍ଶନ ଏବଂ ପରିମଳ, ମଶାରୀ ବ୍ୟବହାର ଏବଂ ପାନୀୟ ଜଳ ସମସ୍ୟା ଦୂର କରିବା ଭଳି ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ଋତୁକାଳୀନ ରୋଗ ପ୍ରକୋପ ରୋକିବା ପାଇଁ ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପାଞ୍ଚଟି ଗ୍ରାମର ୮୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ମହିଳାଙ୍କ ସହିତ ଏକ ପ୍ରସ୍ତୁତି ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପରିବାରର ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସାପ କାମୁଡ଼ା ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଏବଂ ସମୟୋଚିତ ଚିକିତ୍ସା ପାଇଁ ଜରୁରୀ ପ୍ରଥମ ପ୍ରତିକ୍ରିୟା ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କୁ ବର୍ଷା ସମୟରେ ପରିବାରକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟକ୍ଷମ ଜ୍ଞାନ ସହିତ ସଶକ୍ତ କରାଯାଇଥିଲା। ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ୩୫ରୁ ଅଧିକ ଦୁର୍ଗମ ଗ୍ରାମର ୨୦,୦୦୦ରୁ ଅଧିକ ବାସିନ୍ଦାଙ୍କୁ ବେଦାନ୍ତ ଆଲୁମିନିୟମ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି। ଗତ ଦୁଇ ବର୍ଷ ମଧ୍ୟରେ ୨,୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଛି। ଯାହା ଅନୁନ୍ନତ ଅଞ୍ଚଳ ଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ବ୍ୟବଧାନକୁ ପୂରଣ କରିଛି। ପ୍ରତ୍ୟେକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ହେଉଛି ଏକ ସମ୍ପୂର୍ଣ୍ଣ ସଜ୍ଜିତ ମେଡିକାଲ ଭ୍ୟାନ୍। ଯେଉଁଥିରେ ଜଣେ ଡାକ୍ତର, ନର୍ସ, ଲ୍ୟାବ ଟେକ୍ନିସିଆନ୍ ଏବଂ ଫାର୍ମାସିଷ୍ଟ ଅଛନ୍ତି। ଯାହା ଯାଞ୍ଚ, ସ୍କ୍ରିନିଂ, ରକ୍ତ ଶର୍କରା ପରୀକ୍ଷା, ଅତ୍ୟାବଶ୍ୟକ ଔଷଧ ବଣ୍ଟନ ଏବଂ ପ୍ରତିରୋଧକ ଯତ୍ନ ଉପରେ କେନ୍ଦ୍ରିତ ନିୟମିତ ସଚେତନତା ଅଧିବେଶନ ପ୍ରଦାନ କରେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ସକ୍ରିୟ ସ୍ୱାସ୍ଥ୍ୟ ହସ୍ତକ୍ଷେପ ପାଇଁ ପ୍ରତିବଦ୍ଧ। ଆମର ପଦକ୍ଷେପ ଗୁଡ଼ିକ ଋତୁକାଳୀନ ଚ୍ୟାଲେଞ୍ଜକୁ ମୁକାବିଲା କରିବା ବ୍ୟତୀତ, ଦୀର୍ଘକାଳୀନ କଲ୍ୟାଣକୁ ସୁଦୃଢ଼ କରିବା, ସଚେତନତା ବୃଦ୍ଧି କରିବା ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇଥାଏ।

## କଣାସରେ ଚାଲିଛି ବେଆଇନ ଶିଶୁ ମନ୍ଦିର




କଣାସ, (ଭାସ୍କର ନ୍ୟୁଜ): ରାଜ୍ୟରେ ଦିନକୁ ଦିନ ବେସରକାରୀ ଶିକ୍ଷାନୁଷ୍ଠାନ ବଢ଼ିବଢ଼ି ଚାଲିଥିବା ବେଳେ ସରକାରୀ ବିଦ୍ୟାଳୟ ଗୁଡିକରୁ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। କିନ୍ତୁ ରାଜ୍ୟରେ ମୁଣ୍ଡ ଟେକି ଛିଡ଼ା ହେଉଥିବା ସମସ୍ତ ବେସରକାରୀ ବିଦ୍ୟାଳୟକୁ ଖୋଲିବାପାଇଁ ସରକାରି ସ୍ତରରେ ଅନୁମତି ପତ୍ର ମିଳୁଛି ନା ମନ ଇଚ୍ଛା ବିଦ୍ୟାଳୟ ଖୋଲାଯାଉଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ମୁତାବକ ପୁରୀ ଜିଲ୍ଲା କଣାସ ବ୍ଲକର ଗଡିସାଗୋଡା ପଞ୍ଚାୟତ ଅନ୍ତର୍ଗତ ଜାମଳଗୋଡା ଆଦର୍ଶ ବିଦ୍ୟାଳୟ ନିକଟରେ ଏହି ଭଳି ବେଆଇନ ଭାବେ ଏକ ଶିଶୁ ମନ୍ଦୀର କୌଣସି ଅନୁମତି ପତ୍ର ନପାଇ ଖୋଲିଥିବା ଦେଖିବାକୁ ମିଳିଥିଲା। ଖବର ନେବାରେ ଜଣା ପଡ଼ିଥିଲା ଏହି ବିଦ୍ୟାଳୟ ଟି କୌଣସି ଅନୁମତି ପତ୍ର କିମ୍ବା କୌଣସି କାଗଜପତ୍ର ନଥାଇ ସମ୍ପୂର୍ଣ୍ଣ ବେଆଇନ ଭାବେ ଏଠି ଗଢିଉଠିଛି। ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଏ ବିଷୟରେ ପଚାରିଥିଲେ ହେଁ କୌଣସି ଅନୁମତି ପତ୍ର ମିଳିନଥିବା ଏବଂ ତାଙ୍କ ଅଜ୍ଞାତ ରେ ଉକ୍ତ ବିଦ୍ୟାଳୟଟି ହୋଇଥିବା ସେ କହିଥିଲେ। ଏଠି ପ୍ରଶ୍ନ ଉଠୁଚି କାହା ନିର୍ଦ୍ଦେଶରେ ଏହି ବେସରକାରୀ ବିଦ୍ୟାଳୟଟି ଖୋଲିଛି। ପିଲାମାନଙ୍କ ଭବିଷ୍ୟତ ସହ ଖେଳ ଖେଳିବାକୁ ଏମାନଙ୍କୁ ଅଧିକାର ଦେଲା କିଏ ? ଏହି ବିଦ୍ୟାଳୟରେ ପିଲାମାନଙ୍କ ଭବିଷ୍ୟତ କଣ ? ପିଲାମାନେ ପରୀକ୍ଷା କେଉଁ ଭଳି ଭାବେ ଦେବେ ସେହି ବିଦ୍ୟାଳୟରୁ ପାଠ ପଢା ସରିଲେ ବିଦ୍ୟାଳୟ ପରିତ୍ୟାଗ ପତ୍ର ଦବ କିଏ ? ଏହି ଭଳି ଅନେକ ପ୍ରଶ୍ନ ସାମ୍ନାକୁ ଆସୁଥିବା ସହ ତୁରନ୍ତ ଏଦିଗରେ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଦୃଷ୍ଟି ଦେବା ସହ ବେଆଇନ ବିଦ୍ୟାଳୟ ଟିକୁ ତୁରନ୍ତ ବନ୍ଦ୍ କରି ବିଦ୍ୟାଳୟ ଖୋଲିଥିବା ବ୍ୟକ୍ତି ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସଧାରଣରେ ଚର୍ଚ୍ଚା ହେଉଛି।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ରେ ନୂତନ ଥାନା ଅଧିକାରୀ ଭାବରେ ସନାତନ ସାହୁ ଯୋଗଦାନ କରିଛନ୍ତି। ଶ୍ରୀ ସାହୁ ଏହା ପୂର୍ବରୁ ବଲାଙ୍ଗୀର ଜିଲ୍ଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ଅଞ୍ଚଳରେ ଅପରାଧ ରୋକିବା ଓ ଯେହେତୁ ଏହା ଏକ ଦାଦନ ପ୍ରବଣ ଅଞ୍ଚଳରେ ତେଣୁ ବେଆଇନ ଦାଦନ ଚାଲାଣ ଉପରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ ଓ ତାଙ୍କ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇବେ ବୋଲି ପ୍ରକାଶ କରିଥିଲେ। ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଶ୍ରୀ ସାହୁ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ପୁଙ୍ଖାନୁପୁଙ୍ଖ ଭାବରେ ମୁରିବାହାଲ ଥାନା ଅଂଚଳର ସମସ୍ତ ଅପରାଧିକ ତତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ମୁରିବାହାଲ ସାମ୍ବାଦିକ ସଂଘର ମୁଖ୍ୟ ଉପଦେଷ୍ଟା ଶ୍ରୀବତ୍ସ ବେହେରା, ସଭାପତି ସୁବ୍ରତ ମହାକୁର, ଉପାସଭାପତି କେଦାର ବଡ଼ଜେନା, ସମ୍ପାଦକ ସୁଦାମ ବଘାର, ପ୍ରଫୁଲ୍ଲ ବଘାର, ଅବିନାଶ ଭୋଇ, ଅମରେଶ ମାଝୀ, ଲକ୍ଷ୍ମୀକାନ୍ତ ଧରୁଆ ପ୍ରମୁଖ ଶ୍ରୀ ସାହୁଙ୍କୁ ପୂର୍ଣ୍ଣ ସହଯୋଗ ଓ ସମର୍ଥନ ରହିବ ବୋଲି ସଙ୍ଘର ବରିଷ୍ଠ ଉପଦେଷ୍ଟା ଶ୍ରୀବତ୍ସ ବେହେରା ପ୍ରତିଶ୍ରୁତି ଦେଇଥିଲେ ।

## ସ୍ୱାଧୀନତା ଦିବସ ପାଇଁ ଗୁଦୁଲିଆ ସରପଞ୍ଚଙ୍କୁ ଦିଲ୍ଲୀରୁ ନିମନ୍ତ୍ରଣ



କନ୍ଧମାଳ, (ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଗୁଦୁଲିଆ ପଞ୍ଚାୟତର ସରପଞ୍ଚ ଧବଳେଶ୍ୱର ସିଂଙ୍କୁ ଦିଲ୍ଲୀରେ ସ୍ୱାଧୀନତା ଦିବସ ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ ହୋଇଛି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ତଥା ପାନୀୟ ଜଳ ବିଭାଗ ପକ୍ଷରୁ ଏ ନେଇ ବୌଦ୍ଧ ଜିଲ୍ଲା ପରିଷଦ ସିଡିଓଙ୍କୁ ଚିଠି ହୋଇଥିଲା। ଏଥି ସହ ସରପଞ୍ଚ ଶ୍ରୀ ସିଂଙ୍କୁ ଆସନ୍ତା ୭୯ତମ ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀ ଲାଲକିଲ୍ଲାଠାରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବାକୁ ନିମନ୍ତ୍ରଣ ହୋଇଥିବା ଜଣାଇବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଉକ୍ତ ଜାତୀୟ ସମାରୋହରେ ସାରା ରାଜ୍ୟରୁ ୧୧ ଜଣ ସରପଞ୍ଚ ଯାଉଥିବା ବେଳେ ଶ୍ରୀ ସିଂ ଯୋଗ ଦେବା ପାଇଁ ଜିଲ୍ଲାର ପ୍ରଥମ ସରପଞ୍ଚ ଭାବେ ନିମନ୍ତ୍ରିତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସୂଚନାଯୋଗ୍ୟ ଯେ , ଶ୍ରୀ ସିଂ ଜଣେ ଉଚ୍ଚ ଶିକ୍ଷିତ ହୋଇଥିବା ବେଳେ ସରପଞ୍ଚ ଭାବେ ପଞ୍ଚାୟତରେ ବିକାଶ ଧାରାକୁ ଜାରି ରଖି ଥିବା ବେଳେ ଏଭଳି ନିମନ୍ତ୍ରଣ ପାଇ ବହୁତ ଖୁସି ହୋଇଥିବା ସହ ଆଗକୁ ପଞ୍ଚାୟତବାସୀଙ୍କ ଉନ୍ନତି ଦିଗରେ ଆହୁରି ସହାୟକ ହେବ ବୋଲି କହିଛନ୍ତି । ଶ୍ରୀ ସିଂ ଆଜି ଭୁବନେଶ୍ୱର ଯାଉଥିବା ବେଳେ ଆସନ୍ତାକାଲି ଦିଲ୍ଲୀ ଅଭିମୁଖେ ଯିବେ ବୋଲି ଜଣା ପଡିଛି।

## ପୁଣି ଭିଜିଲାନ୍ସ ଜାଲରେ ସରକାରୀ ବାବୁ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ) : ପୁଣି ଭିଜିଲାନ୍ସ ଜାଲରେ ପଡିଲେ ସରକାରୀ ବାବୁ। ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ଗଜପତି ସିଡିଏମଓ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକ। ଜୁନିୟର ଡାକ୍ତର ପୋଷ୍ଟିଂ ପାଇଁ ପିଅନ ନିରଞ୍ଜନଙ୍କ ମାଧ୍ୟମରେ ଜଗଦୀଶ ଲାଞ୍ଚ ନେଉଥିଲେ। ସିଡିଏମଓ କାର୍ଯ୍ୟାଳୟ ସମେତ ଜଗଦୀଶଙ୍କ ସରକାରୀ ବାସଭବନ ଓ ପିଅନ ନିରଞ୍ଜନଙ୍କ ମଣ୍ଡଳଦେବୀ ସ୍ଥିତ ବାସଭବନରେ ଭିଜିଲାନ୍ସର ଚଢାଉ ଜାରି ରଖିଛି। ଡିଏସ୍‌ପି ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରାଜେନ୍ଦ୍ର ନାୟକ, ଡି ବାସୁଦେବ ରାଓ ଇନ୍ସପେକ୍ଟର ସହ ୧୨ ଜଣିଆ ଟିମ୍ ରୋଡରେ ନିୟୋଜିତ ଅଛନ୍ତି। ଉଭୟଙ୍କ ୨ଟି ସ୍ଥାନରେ ରେଡ କରାଯାଇଛି। ଜଗଦୀଶଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରୁ ୫ଲକ୍ଷରୁ ଅଧିକ ନଗଦ ଟଙ୍କା ଓ କିଛି ରୂପା ଗହଣା ମିଳିଛି। ଚଢାଉ ସରିବା ପରେ ପ୍ରକୃତ ସମ୍ପତ୍ତିର ମୂଲ୍ୟ ଜଣାପଡ଼ିବ ବୋଲି ଭିଜିଲାନ୍ସ ଅଧିକାରୀ କହିଛନ୍ତି। ସୁଚନା ଅନୁସାରେ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନିଯୁକ୍ତି ସମ୍ପର୍କିତ ଚିଠି ଦେବାକୁ ବରିଷ୍ଠ କିରାଣୀ ଓ ପିଅନ ଯୁବ ଡାକ୍ତରଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ। ଏନେଇ ସେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ, ଭିଜିଲାନ୍ସ ଅଧିକାରୀମାନେ ଆଜି ପାରଳାଖେମୁଣ୍ଡି ସିଡିଏମଓ କାର୍ଯ୍ୟାଳୟରେ ପହଞ୍ଚି ଲାଞ୍ଚ ନେଉଥିବା ବେଳେ ବରିଷ୍ଠ କିରାଣୀ ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକଙ୍କୁ ଧରିଥିଲେ।

## ତ୍ରିରଙ୍ଗା ଶୋଭାଯାତ୍ରା

ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବିଜେପି କାନ୍ତକବି ମଣ୍ଡଳ ପକ୍ଷରୁ ବୁଧବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆନନ୍ଦ କଣ୍ଟିମଙ୍ଗଳା ପୀଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇ ପାଳିଆ, ଅଟକ, ଗୁପ୍ତଗଙ୍ଗା, ସାନ୍ତରାପୁର ଇତ୍ୟାଦି ସ୍ଥାନ ବାଇକ୍ ଶୋଭାଯାତ୍ରାରେ ପରିକ୍ରମା କରି ଶେଷରେ ଦୋଳସାହି ବଜାରରେ ପହଞ୍ଚିଥିଲା। ତ୍ରିରଙ୍ଗା ଶୋଭାଯାତ୍ରାରେ ବହୁ ବିଜେପି କର୍ମୀ ସାମିଲ ହୋଇଥିଲେ। କାନ୍ତକବି ମଣ୍ଡଳ ସଭାପତି ସରୋଜ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ତ୍ରିରଂଗା ଶୋଭାଯାତ୍ରାରେ ସରପଞ୍ଚ ନିହାରିକା ବିଶ୍ୱାଳ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ପୂର୍ବତନ ମଣ୍ଡଳ ସଭାପତି ତପନ ପାତ୍ରୀ, ଭରତ ଚନ୍ଦ୍ର ସାହୁ, ତାପସ ବେହେରା, ଅଭିମନ୍ୟୁ ମହାନ୍ତି, ସାବିତ୍ରୀ ପାଣିଗ୍ରାହୀ, ସନ୍ତୋଷୀ ମହାଳିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି କାର୍ଯ୍ୟକ୍ରମ

ନାରାୟଣପାଟଣା (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆଜି କାର୍ଯ୍ୟାଳୟ ତରଫରୁ ରୋଗୀ କଲ୍ୟାଣ ସମିତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଓ ସମ୍ମାନୀୟ ଅତିଥି ଭାବେ ନାରାୟଣପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲାଡି ତ୍ରିନାଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ବ୍ଲକ୍ କଂଗ୍ରେସ୍ ସଭାପତି ବିଭୀଷଣ ମହାନନ୍ଦିଆ, ବିଜେପି ସଭାପତି କାଶୀନାଥ ହିକକା, ବରିଷ୍ଠ ବିଜେପି ନେତା ମଙ୍ଗଳ ମଣୀ ତୁରୁକ, ସମନ୍ୱିତ ଶିଶୁ ବିକାଶ ବିଭାଗୀୟ ଅଧିକାରୀ ଗୀତାଞ୍ଜଳି ମହାରଣା, ସୁପର୍ ଭାଇଜର୍ ଭାଗ୍ୟବତୀ ପଣ୍ଡାଙ୍କ ସମେତ ଡଃ ନବ କିଶୋର କୁଣ୍ଡୁ ଓ ସମସ୍ତ ବିଭାଗୀୟ କର୍ମଚାରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ବିମଳ କୁମାର ବାଘ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ୨୦୨୪/୨୫ର ଆର୍ଥିକ ବର୍ଷରେ ଆର୍‌କେଏସ୍ ଆକାଉଣ୍ଟକୁ ଆସିଥିବା ପାଞ୍ଚଲକ୍ଷ ଟଙ୍କାର ହିସାବ କିତାବ ପଠନ କରାଯିବା ସତ୍ତ୍ୱେ ଆଗାମୀ ୨୦୨୫/୨୬ର ଆର୍ଥିକ ବର୍ଷରେ ଚିକିତ୍ସାଳୟର ଉନ୍ନତୀ ପାଇଁ କଣ କଣ ଖର୍ଚ୍ଚାନ୍ତ କରାଯିବ ସେହି ବିଷୟରେ ଆଲୋଚନା କରି ଏକ ରିଜୋଲ୍ୟୁସନ କରାଯାଇଥିଲା। ତତ୍ ସହିତ କିପରି ଭାବରେ ଏକ ଜନସାଧାରଣ ଉତ୍ତମ ଚିକିତ୍ସା ପାଇ ପାରିବେ ଏବଂ ସରକାରଙ୍କ ଦ୍ୱାରା ଆସୁଥିବା ଅନେକ ଯୋଜନା କିପରି ଭାବରେ ଲୋକଙ୍କ ପାଖରେ ପହଞ୍ଚିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ପରିଶେଷରେ ବିଧାୟକ ଏବଂ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଅଲଟ୍ରାସାଉଣ୍ଡର ଶୁଭ ଉଦ୍‌ଘାଟନ କରାଯାଇଥିଲା।

## ବିପଦ ଶଙ୍କୁଳ ଅବସ୍ଥାରେ ବାଲିମେଳା ଜଳଭଣ୍ଡାରର ଡାଇକ-୧ ଡ୍ୟାମ


ମାଲକାନାଗିରି/ଚିତ୍ରକୋଣ୍ଡା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ଜଳଭଣ୍ଡାରର ଡାଇକ-୧ ଡ୍ୟାମରେ ହୋଇଥିବା ପଥର ପିଚିଂର ପଥର ଗୁଡ଼ିକ ବାହାରି ଏଣେତେଣେ ପଡ଼ିଛି। ପଥର ଗୁଡ଼ିକ ବାହାରିଯିବା ଫଳରେ ପାଣି ପଶି ମାଟି ଧସେଇ ଯିବାର ସମ୍ଭାବନା ରହିଛି ଏବଂ ଉପର ଆଡକୁ ଥିବା ଅନ୍ୟ ପଥର ସବୁ ଖସି ଯିବାର ଭୟ ରହୁଛି। ଏହା ସହିତ ଗେଟଶାଫ୍‌ଟଟି ମଧ୍ୟ ଅଣଦେଖା ଅବସ୍ଥାରେ ପଡ଼ି ରହିଛି। ଗେଟଶାଫ୍‌ଟ ଭିତରକୁ ଯିବା ଗେଟ୍‌ଟି ସବୁବେଳେ ଖୋଲା ଅବସ୍ଥାରେ ରହୁଛି ଏବଂ ଭିତରେ ଥିବା ଘରର ଗେଟ ମଧ୍ୟ ଖୋଲା ରହୁଛି ଯାହାକି ଅନୈତିକ କାର୍ଯ୍ୟ ପାଇଁ ସୁହାଉଛି। ଏକଦା ଏହି ଜାଗା ଟିରେ ସୁନ୍ଦର ପାର୍କ ଥିବା ବେଳେ ବାହାରୁ ଦେଖିବା ପାଇଁ ଲୋକେ ଆସୁଥିଲେ। ବର୍ତ୍ତମାନ କିନ୍ତୁ ଏହି ଜାଗାଟି ଭୟ ସୃଷ୍ଟି କରୁଛି। ଏହାର ସୁରକ୍ଷା ନିମନ୍ତେ କୌଣସି ସିକ୍ୟୁରୀଟି ଗାର୍ଡ ମଧ୍ୟ ଦିଆଯାଇ ନାହିଁ। ଏଭଳି ଅବ୍ୟବସ୍ଥା ଭିତରେ ଚାଲିଛି ଏହି ମାଟି ବନ୍ଧ ଯୋଜନା। ସରକାରଙ୍କ ବହୁଳ ରାଜସ୍ୱ ସଂଗ୍ରହ କରୁଥିବା ଏହି ପ୍ରକଳ୍ପ ଆଜି ସରକାରଙ୍କ ଆଢୁଆଳରେ ପଡ଼ି ରହିଛି। ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ସବୁ ଦେଖି ସୁଦ୍ଧା ଅଣଦେଖା କରୁଥିବା ନେଇ ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ନିର୍ବାହୀ ଯନ୍ତ୍ରୀ ବହୁ ସମୟ ଅଫିସରୁ ବାହାରେ ରହୁ ଥିବା ଯୋଗୁଁ ସମସ୍ତ କର୍ମଚାରୀ ଅବହେଳିତ ଭାବେ କାର୍ଯ୍ୟ ଚାଲୁଛି। କୌଣସି ବ୍ୟକ୍ତି କିଛି କାର୍ଯ୍ୟ ନେଇ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିବା ପାଇଁ ଗଲାବେଳେ ପ୍ରାୟ ଅନୁପସ୍ଥିତ ରହୁଥିବାରୁ ଲୋକେ ବାରମ୍ବାର ଆସୁଥିବା ପରେ ସୁଦ୍ଧା କାମ ହୋଇ ପାରୁନାହିଁ। ତଳିଆ କର୍ମଚାରୀ ଏଠାରେ ନିଜ ଅନୁସାରେ କାମ ତୁଲାଉଛନ୍ତି। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସରକାରଙ୍କ ବହୁମୂଲ୍ୟ ପ୍ରକଳ୍ପ ଠିକ ରୂପେ ରକ୍ଷଣାବେକ୍ଷଣ ହୋଇ ପାରିବ।

## ୨୦ମଣ୍ଡପରେ ପୂଜା ପାଇବେ ଗଜାନନ, ୭ରେ ଭସାଣି



ଭୁବନ, (ଭାସ୍କର ନ୍ୟୁଜ୍) : ଭୁବନରେ ଦ୍ୱିତୀୟ ଦଶହରାର ମାନ୍ୟତା ପାଇଥିବା ପ୍ରସିଦ୍ଧ ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନ ଏନ୍ଏସି ସଭାଗୃହରେ କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ବିଦ୍ୟୁତ୍ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ନଳିନୀ ଶଙ୍କର ରଥ, ପୋଲିସ ଏସ୍ଆଇ, ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ମେଳଣ କମିଟି ସଭାପତି ସୁବ୍ରତ ସାହୁ, ସମ୍ପାଦକ ଜିତେନ୍ଦ୍ର ଦାସ, ବରିଷ୍ଠ ସଭ୍ୟ କାଳନ୍ଦୀ ସାହୁ, ଶାନ୍ତି କମିଟି ସଦସ୍ୟ ଟିଟୁ ଦାସ, ମନୋରଞ୍ଜନ ବେହେରା, ମିଥୁନ ପାତ୍ର, ଜଗନ ବେଜ, ନିର୍ମଳ ଗୁରୁ, ଜୀବନ ଜ୍ୟୋତି ପୃଷ୍ଟି, ରାକେଶ୍ ପୃଷ୍ଟି, ନାରାୟଣ ନାୟକ, ରାମ ନାୟକ, ଲିଙ୍ଗରାଜ ସାହୁ, ପିଣ୍ଟୁ ଦାସ, ସିଲୁ ନାୟକ, ସୌରଭ ରାଉତ, ମିଲୁ ରାଉତଙ୍କ ସମେତ ଏନ୍ଏସି କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ଶକ୍ତି ପ୍ରସାଦ ସାହୁ, ପୂଜା କମିଟି କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୭ ତାରିଖ ଠାରୁ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ୨୦ଟି ମଣ୍ଡପରେ ପ୍ରଭୁ ଗଜାନନଙ୍କ ପୂଜା ଅନୁଷ୍ଠିତ ହେବ। ୫ ତାରିଖ ଓ ୬ ତାରିଖ ଦୁଇ ଦିନ ମେଳଣ ପଡିଆରେ ଗଣେଶ ମେଳଣ ଅନୁଷ୍ଠିତ ହେବ। ୭ ତାରିଖ ମଧ୍ୟାହ୍ନରେ ମିଳିତ ଭସାଣି ଅନୁଷ୍ଠିତ ହେବ। ତେବେ ଗଣେଶ ପୂଜା ପୂର୍ବରୁ ପେଟ୍ରୋଲ ପମ୍ପ ଛକ ଠାରୁ ନୂଆ ଭୁବନ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ସହ ଦଶହରା ରୁଟ ରାସ୍ତା, ଡ୍ରେନ ମରାମତି, ତଳକୁ ଝୁଲି ରହିଥିବା ବିଦ୍ୟୁତ ତାରକୁ ସଜାଡିବା, ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପ୍ରତ୍ୟେକ ପୂଜା ମଣ୍ଡପରେ ପୋଲିସ ବାହିନୀ ମୁତୟନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ସୂଚନା ଯୋଗ୍ୟ ଯେ, ୨୦୦୦ ମସିହା ଠାରୁ ମାଟ୍ରିକ ବ୍ୟାଚ ଛାତ୍ର ମାନେ ୧୨ ବର୍ଷ ପୂର୍ତ୍ତି ପର୍ଯ୍ୟନ୍ତ ଗଣେଶ ପୂଜା ପାଳନ କରି ଆସୁଛନ୍ତି। ଚଳିତବର୍ଷ ରୟାଲାୟନ୍ କ୍ଲବ ୧୨ ବର୍ଷ ପୂର୍ତ୍ତି ଅବସରରେ ହାଇସ୍କୁଲ ପଡ଼ିଆରେ ଅବିକଳ ଅଯୋଧା ରାମ ମନ୍ଦିର ନିର୍ମାଣ କରି ଚର୍ଚ୍ଚାକୁ ଆସିଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦ୍‌ଘାଟନ କଲେ ବିଧାୟକ



ନିଆଳି, (ଭାସ୍କର ନ୍ୟୁଜ୍) : ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶ କ୍ରମେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୀମ ଭୋଇ ସାମର୍ଥ୍ୟ ଶିବିର କଣ୍ଟାପଡା ପଂଚାୟତ ସମିତି ଆନୁକୂଲ୍ୟରେ ଅଡଶପୁର ପ୍ରାଚୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ଏହି ଶିବିରକୁ ନିଆଳି ପୂର୍ବତନ ବିଧାୟକ ଛବି ମଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ଶ୍ରବଣ ବଧିର (୧୬) ଜଣ, ମାନସିକ ଅନଗ୍ରସର (୪୭) ଜଣ, ଦୃଷ୍ଟି ବାଧିତ (୪୦)ଜଣ, ଶାରୀରିକ ଭିନ୍ନ କ୍ଷମ ୪୯ ଜଣ, ସ୍ନାୟୁ ବିଭାଗ ୮୭ ଜଣ, ଏହିପରି ମୋଟ ୧୮୩ ଜଣ ହିତାଧିକାରୀ ପଞ୍ଜିକୃତ ହୋଇଥିଲେ। କଟକ ସ୍ଥିତ ମୁଖ୍ୟ ଚିକିତ୍ସାଳୟର ସମସ୍ତ ବର୍ଗର ବିଶେଷଜ୍ଞ ମାନେ ପଞ୍ଜିକୃତ ହୋଇଥିବା ରୋଗୀମାନଙ୍କୁ ଚିକିତ୍ସା ଶହ ପରୀକ୍ଷା ନିରୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏଥିସହିତ ସୁପରାମର୍ଶ ଦେଇଥିଲେ। ସେହିପରି ବସରେ ଯାତାୟାତ ନିମନ୍ତେ ବସ ପାସ ୨୫ ଜଣ ଭିନ୍ନକ୍ଷମଙ୍କୁ ଦିଆଯାଇଥିଲା। ଆୟୋଜକ କଣ୍ଟାପଡା ବ୍ଲକ ପ୍ରଶାସନ ପକ୍ଷରୁ ମଣ୍ଡଳ ଉନ୍ନୟନ ଅଧିକାରୀ ସ୍ୱପ୍ନିତା ନାୟକ, ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ବରାଳ, କଣ୍ଟାପଡା ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ, ତହସିଲଦାର ପ୍ରସନ ସାମନ୍ତ ରାୟ, କଣ୍ଟାପଡା ବ୍ଲକ ଯୋଗାଣ ଅଧିକାରୀ ମୋଚିରାମ ଦାଶ, ଓଲଟପୁର ଥାନା ଅଧିକାରିଣୀ କାଦମ୍ବିନୀ ପରିଡା, କଣ୍ଟାପଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ନାହାଳପୁର ସରପଞ୍ଚ ନିରୁପମା ଜେନା, ଗୋବିନ୍ଦ ପୁର ସମିତି ସଭ୍ୟ ସନ୍ଧ୍ୟାରାଣୀ ଦାଶ, ବିପିନ ବେହେରା, ବ୍ରାହ୍ମଣ ବାଟି ସରପଞ୍ଚ ସଂଜୟ ରାଉତରାୟ, କଣ୍ଟାପଡା ବ୍ଲକ ସାମାଜିକ ସୁରକ୍ଷ୍ୟା ଅଧିକାରୀ ଦିଲୀପ କୁମାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହି ଭିନ୍ନ କ୍ଷମ ସାମର୍ଥ୍ୟ ଶିବିରକୁ କଣ୍ଟାପଡା ପଂଚାୟତ ସମିତିର ସମସ୍ତ କର୍ମଚାରୀ ଓ ବ୍ଲକର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ମାନେ ସହଯୋଗ କରିଥିଲେ।

## ବାଂଶପାଳ ବ୍ଲକରେ କଫି ଚାଷର ଶୁଭାରମ୍ଭ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ତରମାକାନ୍ତ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଜଳଡିହା ଗ୍ରାମରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, କେନ୍ଦୁଝର ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ କଫି ଚାରା ରୋପଣର ଶୁଭାରମ୍ଭ ସମାରୋହ ଆୟୋଜନ କରାଯାଇଥିଲା। ଏଥିରେ ତେଲକୋଇ ବିଧାୟକ ଡ଼ାଃ ଫକୀର ମୋହନ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ। ତା' ସହିତ ଉପସ୍ଥିତ ଥିବା ଚାଷୀମାନଙ୍କୁ କଫି ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବାଂଶପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଣଜିତ ପ୍ରତାପ ବଳ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା, କେନ୍ଦୁଝର ଅଶୋକ କୁମାର ସେନାପତି ଯୋଗଦେଇ କଫି ଚାଷ ସହିତ ଅନ୍ତଃଚାଷ ଭାବରେ ଗୋଲମରିଚ ଚାଷ କରି ନିଜର ସ୍ଥାୟୀ ଜୀବିକା ଗଠନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି କଫି ବଗିଚାର ଆୟତନ ୮.୦ ହେକ୍ଟର ହୋଇଥିବାବେଳେ ହେକ୍ଟର ପିଛା ୨୨୦୦ ଲେଖାଏଁ କଫି ଗଛ ଲାଗିବାର ସୂଚନା ଦିଆଯାଇଥିଲା। କଫି ବଗିଚା ଚାରି ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପରେ ଚାଷୀ ମାନଙ୍କୁ ହସ୍ତାନ୍ତର କରାଯିବାକୁ ଅବଗତ କରାଗଲା। ଏହି ଉଦ୍ଘାଟନୀ ସମାରୋହରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଶାନ୍ତିଲତା ରଣା, ବିଧାୟକ ପ୍ରତିନିଧି ଉମାକାନ୍ତ ବାରିକ, ସାଂସଦ ପ୍ରତିନିଧି ପ୍ରହ୍ଲାଦ ମହାକୁଡ, ମଣ୍ଡଳ ସଭାପତି ଶୁକ୍ରା ମୁଣ୍ଡା ଓ ସ୍ଥାନୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସହକାରୀ ପ୍ରକଳ୍ପ ନିଦ୍ରେଦେଶକ ପ୍ରଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ମୁଖ୍ୟସ୍ରୋତରେ ଲିଙ୍ଗଗତ ଅନ୍ତର୍ଭୁକ୍ତିକରଣ ସମ୍ପର୍କିତ କର୍ମଶାଳା



ରାୟଗଡ଼ା, (ଭାସ୍କର ନ୍ୟୁଜ୍) : ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୁଲ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ମୁଖ୍ୟସ୍ରୋତରେ ଲିଙ୍ଗଗତ ଅନ୍ତର୍ଭୁକ୍ତିକରଣ ସମ୍ପର୍କିତ ଏକ ଦିନିଆ କର୍ମଶାଳା ବୁଧବାର କାମ୍ପ ମାଲିଗାଁ ଗ୍ରାମ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଦୋଶ ରଞ୍ଜନ ଜେନା, ସରପଞ୍ଚ କବିତା ହୁଇକା, ପି ଏ ଗୋପାଳ ପଣ୍ଡା, ଜିପିଡିଓ ସ୍ମୃତିରେଖା ନାୟକ, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ନିର୍ବାହୀ ଅଧିକାରୀ ପଲ୍ଲବି ପ୍ରିୟନାଥ ପ୍ରମୁଖ ଉପସ୍ଥିତ ରହି କର୍ମଶାଳାର ପରିଚାଳନା କରିଥିଲେ। ଓସଡମା ଦ୍ୱାରା ତାଲିମପ୍ରାପ୍ତ ସମ୍ବଳ କର୍ମୀ ବୈଶାଖୀ ସାହୁ ଏବଂ ମିତାଲି ସ୍ୱାଇଁ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ସମ୍ଭାବ୍ୟ ବିପର୍ଯ୍ୟୟର ଆଶଙ୍କା, ସମ୍ଭାବ୍ୟ ବିପତ୍ତିର ମୁକାବିଲା ପାଇଁ ଆବଶ୍ୟକ ଦକ୍ଷତାର ବିକାଶ ଓ ବ୍ୟବହାରିକ କୌଶଳର ବୃଦ୍ଧି ନିମନ୍ତେ ଜ୍ଞାନ ଓ କୌଶଳ ପ୍ରଦାନ କରାଯାଇଥିଲା। ବିଜୁଳି, ଘଡଘଡି, ସାପ କାମୁଡା, କ୍ଷତ, ଘରପୋଡି, ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସହ ବିଭିନ୍ନ ବିଭାଗୀୟ ଯୋଜନା, ସୁବିଧା ସୁଯୋଗ ବିଷୟରେ ଅବଗତ କରାଯାଇଥିଲା। ଏଥିରେ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଜୀବିକା ମିଶନ, ସରପଞ୍ଚ ସମେତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଏଥିରେ ଅଂଶ ଗ୍ରହଣ କରିଥିଲେ। ଏଡିଇଓ ଜଗା ରାଓ କଣ୍ଡାଗରୀ, ଜୋଗାଣ ସହାୟକ ପପିନା ହୁଇକା, ମହାବାହୁ ବିଡିକା ଓ ଅନ୍ୟ କର୍ମକର୍ତ୍ତାଗଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଗାମୀ ଦିନରେ କାମ୍ପ ମାଲିଗାଁ ପଞ୍ଚାୟତର ତିରିଶି ଜଣ କିଶୋରୀ ବାଳିକାଙ୍କୁ ବିପର୍ଯ୍ୟୟର ମୁକାବିଲା କୌଶଳ ତାଲିମ ପ୍ରଦାନ କରାଯିବାର ଯୋଜନା ଥିବା ବିଡିଓ ସୁଜିତ କୁମାର ମିଶ୍ର ପ୍ରକାଶ କରିଛନ୍ତି।



# ଆମ କଳାହାଣ୍ଡି



ପୃଷ୍ଠା-୧୧
Page-11
ଶୁକ୍ରବାର, ୧୫ ଅଗଷ୍ଟ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


# ଶିକ୍ଷା ମୋର ଅଧିକାର କାର୍ଯ୍ୟକ୍ରମ




ନର୍ଲା, (ଭାସ୍କର ନ୍ୟୁଜ୍): ବି ଏଜୁକେଟେଡ୍ ମୁଭମେଣ୍ଟ ୟୁଏସ୍ଏ ଓ ଦଶରା ପଟନାର ସଂଯୁକ୍ତ ପ୍ରୟାସରେ ଶିକ୍ଷା ମୋର ଅଧିକାର କାର୍ଯ୍ୟକ୍ରମ ନର୍ଲା ବ୍ଲକ ଉଲିକୁପା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଯିବା ସହିତ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ଦାନ୍ତ ମଞ୍ଜନ ଓ ଦାନ୍ତ ଘସା ପ୍ରଦାନ କରାଯାଇଥିଲା। ବାଳବାଟିକା, ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ଓ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ପରୀକ୍ଷାରେ ନବମ ଶ୍ରେଣୀ ଓ ଏକାଦଶ ଶ୍ରେଣୀରୁ ଚୟନିତ ୨-୨ ଜଣ ଛାତ୍ରଛାତ୍ରୀଙ୍କୁ ୧୫୦୦ ଟଙ୍କାର ଭାଉଚର ପ୍ରଦାନ କରାଗଲା ଓ ସେମାନଙ୍କୁ ୧୫ ମାସ ପର୍ଯ୍ୟନ୍ତ ନିଶୁଳ୍କ ଟ୍ୟୁସନ ବି ଏଜୁକେଟେଡ୍ ମୁଭମେଣ୍ଟ ୟୁଏସ୍ଏ ଦ୍ୱାରା ଦିଆଯିବ।ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ମିଲନ କୁମାର ଭୋଇଙ୍କୁ କମ୍ୟୁନିଟି ହିରୋ ଭାବେ ସମ୍ମାନିତ କରାଯାଇଥିଲା। ବି ଏଜୁକେଟେଡ୍ ମୁଭମେଣ୍ଟ ୟୁଏସଏ ଓ ଦଶରା ପଟନାର ପ୍ରୋଗ୍ରାମ କୋଅର୍ଡିନେଟର ଫଲେନ୍ଦ୍ର ପଟେଲ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକବୃନ୍ଦ ସହଯୋଗ କରିଥିଲେ।

## ଓଡିଶା ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

# ତାଗିଦକୁ ଫୁ, ସରକାରୀ କାର୍ଯ୍ୟ ପ୍ରଭାବିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଓଡିଶା ରାଜସ୍ୱ ଅମଲା ସଙ୍ଘର ଆହ୍ୱାନ କ୍ରମେ ଗତ ରବିବାର ଠାରୁ ଦିଆଯାଇଥିବା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଡାକରା ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ତିନିଦିନ ଧରି ଆନ୍ଦୋଳନରେ କର୍ମଚାରୀମାନେ ବସି ରହିଥିଲେ ମଧ୍ୟ ସରକାର ସମାଧାନର କୌଣସି ପଦକ୍ଷେପ ନ ନେବା ଓ ସାଧାରଣ ଲୋକେ ଏଥିପାଇଁ ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ଦାବି ସମ୍ପର୍କରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳ ନମିଳିବାରୁ ଆମମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଛୁ ବୋଲି ସଂଘ ପକ୍ଷରୁ କଳାହାଣ୍ଡି ଜିଲ୍ଲା ସମ୍ପାଦକ ଆଶୁତୋଷ ମିଶ୍ର ଓ ଉପ ସଭାପତି ନୀଳକଣ୍ଠ ଗୌଡ ସୂଚନା ଦେଇଛନ୍ତି। ତିନିଦିନ ଧରି ରାଜସ୍ୱ ଅମଲା ସଂଘର କର୍ମଚାରୀ ମାନେ ଆନ୍ଦୋଳନରେ ବସିବାରୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଭବାନୀପାଟଣା ସଦର ମହକୁମା ଠାରୁ ଆରମ୍ଭ କରି ଜିଲ୍ଲାର ବିଭିନ୍ନ ବ୍ଲକ କର୍ମଚାରୀ ମାନେ କାମ ନ କରିବାରୁ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସଂପ୍ରତି ଶିକ୍ଷା ବିଭାଗରେ ଆଡମିଶନ୍ ଋତୁ ଚାଲି ଥିବାରୁ ଛାତ୍ରଛାତ୍ରୀମାନେ ଇନକମ୍ ସାର୍ଟିଫିକେଟ, ରେସିଡେନ୍ସିଆଲ୍ ସାର୍ଟିଫିକେଟ, କାଷ୍ଟ୍ ସାର୍ଟିଫିକେଟ ପାଇଁ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଉପରେ ନିର୍ଭର କରିଥାଆନ୍ତି। ଆନ୍ଦୋଳନ ପାଇଁ ଏହା ମିଳୁ ନ ଥିବାରୁ ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ସରକାର ମଧ୍ୟ ତାଙ୍କ ଜିଦ୍ ନେଇ ନିରବରେ ରହି ନାହାନ୍ତି। କାରଣ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପତ୍ର ସଂଖ୍ୟା-୩୦୪୩୧ / ୧୨.୮.୨୫ ଦ୍ୱାରା ଜିଲ୍ଲାପାଳ ମାନଙ୍କୁ ଦେଇଥିବା ନିର୍ଦ୍ଦେଶରୁ ଜଣା ପଡୁଛି ଯେ ସରକାର ଆନ୍ଦୋଳନକାରୀଙ୍କ ଦାବିକୁ ଗ୍ରହଣ କରିବେ ନାହିଁ। ଅନ୍ୟ ଗୋଟିଏ ଦୃଷ୍ଟିରୁ ବିଚାର କଲେ ଜଣା ପଡୁଛି ଯେ ରାଜ୍ୟ ଅମଲାସଂଘରେ ସରକାରଙ୍କ ୩୨ଟି ବିଭାଗର କର୍ମଚାରୀ ସାମିଲ ଅଛନ୍ତି ଓ ସେମାନଙ୍କ ମଧ୍ୟରେ ରାଜ୍ୟ ରାଜସ୍ୱ ବିଭାଗ ଅମଲା ସଂଘର ସଦସ୍ୟ ମଧ୍ୟ ଅଛନ୍ତି। ସଂପ୍ରତି ଆନ୍ଦୋଳନରେ ବସିଥିବା ରାଜସ୍ୱ ବିଭାଗ କର୍ମଚାରୀମାନଙ୍କୁ ରାଜ୍ୟ ସଂଘର ଅବଶିଷ୍ଟ ୩୧ଟି ଅମଲା ସଂଘ ସହଯୋଗ କରୁ ନଥିବା ଜଣାପଡିଛି। ଯଦି ରାଜସ୍ୱ ବିଭାଗ ଅମଲା ସଂଘର ଦାବିକୁ ସରକାର ମାନି ନିଅନ୍ତି ତେବେ ଅନ୍ୟ ୩୧ଟି ସଂଘ ମଧ୍ୟ ସେମାନଙ୍କ ଦାବି ନେଇ ସ୍ୱର ଉଠେଇବେ। ଯାହାକି ସରକାରଙ୍କୁ ଅଡୁଆରେ ପକାଇବ। ଅନ୍ୟପକ୍ଷରେ ବୁଦ୍ଧିଜୀବୀ ମାନଙ୍କ କହିବା କଥାହେଲା ଏବେକାର ସରକାର ଲୋକମାନଙ୍କ ସରକାର। ତେଣୁ ଲୋକମାନେ କିଭଳି ହଇରାଣ ନହୋଇ ସେମାନଙ୍କ ସମସ୍ୟାର ସମାଧାନ ହୋଇ ପାରିବ ସେଥିପ୍ରତି ଲୋକଙ୍କ ସରକାର ଦୃଷ୍ଟି ଦେବା ଦରକାର ଓ ସହାନଭୂତିର ସହ କର୍ମଚାରୀ ମାନଙ୍କ ସାଙ୍ଗରେ ଆଲୋଚନା କରି ଏକ ସରଳ ରାସ୍ତା ବାହାର କରିବା ନିହାତି ଆବଶ୍ୟକ।

# ଦେଶ ମାତୃକାର ଜୟଗାନରେ ସହର ପ୍ରକମ୍ପିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ 'ହର ଘର ତିରଙ୍ଗା' କାର୍ଯ୍ୟକ୍ରମ ଉପଲକ୍ଷେ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରୁ ଏକ ବିଶାଳ ତିରଙ୍ଗା ଶୋଭାଯାତ୍ରା ବାହାରି ଭବାନୀପାଟଣା ସହର ପରିକ୍ରମା କରିଥିଲା। ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡଃ. ନିବେଦିତା ନାଥ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଜିଲ୍ଲା ସଂସ୍କୃତିଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଯୁବ ଅଧିକାରୀ ନେହେରୁ ଯୁବ କେନ୍ଦ୍ର, ପ୍ରସନ୍ନ ମେହେର, ସାଂସଦଙ୍କ ପ୍ରତିନିଧି ଜୟ ଶଙ୍କର ନାୟକ, ଶିଶୁ ସୁରକ୍ଷା ୟୁନିଟ୍ ପ୍ରୋଗ୍ରାମ ଅଧିକାରୀ ଅଂଶୁମାନ ବାବୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ହାତରେ ତିରଂଗା ଧରି ଦେଶ ପ୍ରେମ ଓ ଦେଶଭକ୍ତିର ନାରା ଦେଇ ଭାରତ ମାତା କି ଜୟ, ବନ୍ଦେ ମାତରମ୍, ଜୟ ଜବାନ, ଜୟ କିଷାନ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ, ସ୍ୱତଃପ୍ରବୃତଃ ଭାବେ ଜନସାଧାରଣ ଏଥିରେ ସାମିଲ ହୋଇ ତିରଙ୍ଗା ଯାତ୍ରା କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଏମ୍ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସଫଳ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଇଣ୍ଡିଆନ୍ କ୍ରିଏଟିଭ୍ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଅଜୟ କୁମାର ମିଶ୍ର, ତରୁଣ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଯୁବ ଅଧିକାରୀ ନେହେରୁ ଯୁବ କେନ୍ଦ୍ର ପ୍ରସନ୍ନ ମେହେର ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଅବକାରୀ ବିଭାଗର ଚଢ଼ାଉ, ୪ ଗିରଫ



ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଭାବେ ତିଆରି ଦେଶୀ ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଅବକାରୀ ବିଭାଗ ଓ ପୁଲିସ ଏପିଆର ଫୋର୍ସ ପକ୍ଷରୁ ମିଳିତଭାବେ ମାଜିଷ୍ଟ୍ରେଟଙ୍କ ସହିତ ଜୁନାଗଡ଼ ଥାନାର ରଣପୁର ଓ ଏକନାଗୁଡା ଗ୍ରାମରେ ବେଆଇନ ମଦ ରନ୍ଧା ଯାଉଥିବା ଅଭିଯୋଗରେ ଚଢାଉ କରାଯାଇଥିଲା। ଚଢ଼ାଉ ବେଳେ ସେଠାରୁ ୧୦୯୦ ଲିଟର ହାତରନ୍ଧା ଦେଶୀମଦ, ୩୫୦୦ କେଜି ମହୁଲ ପୋଚ, ୪ଟି ଆଲୁମିନିୟମ ହାଣ୍ଡି ସହିତ ୪୫ ଟି ପ୍ଲାଷ୍ଟିକ ଡ୍ରମ ଜବତ କରାଯାଇଥିଲା। ଏହି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ୪ ଜଣଙ୍କୁ ଗିରଫ କାରାଯାଇଥିବା ବେଳେ ୩ ଟି ମାମଲା ରୁଜୁ ହୋଇଛି। ଗ୍ରାମାଞ୍ଚଳରେ ବ୍ୟାପକ ମାତ୍ରାରେ ବେଆଇନ ଭାବରେ ମଦ ତିଆରି ହେଉଥିବା ବେଳେ ଆଜିର ଚଢ଼ାଉ ଏମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବ। ତେବେ କେବଳ ଗୋଟିଏ ଚଢ଼ାଉରେ ବିଭାଗ ଖୁସି ନହୋଇ ବାରମ୍ବାର ଏଭଳି ଚଢ଼ାଉ କରିବାକୁ ସାଧାରଣରେ ଦାବି ହେଉଛି।

# ରବିନ୍ଦ୍ର ପଧାନଙ୍କ ପରଲୋକ

ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ରୋଡରେ ଥିବା ରବି ହୋଟେଲର ମାଲିକ ରବୀନ୍ଦ୍ର ପଧାନଙ୍କ ୭୦ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ଘଟିଛି। କିଛି ଦିନ ହେଲା ସେ ଅସୁସ୍ଥ ଥିଲେ। ବୁଧବାର ଦିନ ଦୁଇଟା ସମୟରେ ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଦୀର୍ଘ ବର୍ଷ ହେଲା ସେ ହୋଟେଲ୍ ବେପାର କରୁଥିଲେ। ମସଲା ଦୋସା ତାଙ୍କ ହୋଟେଲର



ଲୋକପ୍ରିୟ ଖାଦ୍ୟ ଥିବାବେଳେ ସବୁଠାରୁ ନିଆରା ସ୍ୱାଦ ଭରା ମୂଳା ସମ୍ବର ଗ୍ରାହକଙ୍କ ମନକୁ ଛୁଇଁଥିଲା। ମୃତ୍ୟୁ ସମୟରେ ତାଙ୍କର ଦୁଇ ପୁଅ ବୋହୁ, ଝିଅ ଜ୍ୱାଇଁଙ୍କ ସହିତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ନର୍ଲା ରୋଡର ଶତାଧିକ ଲୋକଙ୍କ ସହିତ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତରେ ନିକଟସ୍ଥ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ଚାଷ ଉପରେ ପଡ଼ିଛି ସ୍ୱଳ୍ପ ବୃଷ୍ଟିପାତର ଗଭୀର ପ୍ରଭାବ

# ପ୍ରଶାସନର ଦ୍ୱାରସ୍ଥ ହେଲେ କଣ୍ଟୁପଡା କୃଷକ ସଂଗଠନ



କେସିଙ୍ଗା, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ଶ୍ରାବଣ ମାସ ଶେଷ ହୋଇ ଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି ଚାଷ ଜମି ତଥା ବନ୍ଧ ଏବଂ କ୍ଷୁଦ୍ର ଜଳସେଚନ ମାନଙ୍କରେ ପାଣି ହୋଇନାହିଁ। ଯାହାଫଳରେ ବିଶେଷ ଭାବରେ ଧାନ ଚାଷ ଉପରେ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅଞ୍ଚଳରେ ଚଳିତ ଖରିଫ ଚାଷ ପାଇଁ ଆବଶ୍ୟକ ଅନୁଯାୟୀ ମୌସୁମୀ ବର୍ଷା ହୋଇନଥିବା ଜଣାପଡିଛି। କେସିଙ୍ଗା ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ କେବଳ କିଛି ବାହାଲ ଜମିକୁ ଛାଡ଼ିଦେଲେ ମାଳ, ବେର୍ଣ୍ଣା କିସମ ଜମିରେ ବର୍ତ୍ତମାନ ପର୍ଯ୍ୟନ୍ତ ରୁଆ ବେଉଷଣ ହୋଇପାରି ନାହିଁ। କେସିଙ୍ଗା ବ୍ଲକର କଣ୍ଟୁପଡା, କନ୍ତେଶିର, ପରଲସିଙ୍ଗା, ବାଲସି, ସିରୋଲ, କାଣ୍ଡେଲ, ସିର୍ଜାପାଲି ପ୍ରମୁଖ ପଞ୍ଚାୟତ ଅଞ୍ଚଳରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବା ଯୋଗୁଁ ଚାଷ ଉପରେ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ଅଞ୍ଚଳର ଚାଷୀକୁଳ ହତାସରେ ବସିଛନ୍ତି। ଆଗକୁ ଆଉ ବର୍ଷା ହେଲେ ମଧ୍ୟ ସଂପୂର୍ଣ୍ଣ ଚାଷ ହୋଇପାରିବ ନାହିଁ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ଜମିର ଧାନ ତଳି ସବୁ ବୁଢ଼ା ହୋଇଥିବା ବେଳେ ବୁଣା ଧାନ ମଧ୍ୟ ବେଉଷଣ ହୋଇନପାରି ଧାନ ଗଛ ଗୁଡ଼ିକ ଜୀର୍ଣ୍ଣଶୀର୍ଣ୍ଣ ଦେଖାଦେଇଛି। କଣ୍ଟୁପଡ଼ା ଓ କନ୍ତେଶିର ପଞ୍ଚାୟତ ଅଞ୍ଚଳରେ ୭୦ ପ୍ରତିଶତ ଜମି ପଡ଼ିଆ ପଡ଼ିବା ଅବସ୍ଥାରେ ରହିଥିବା ଅଭିଯୋଗ ହେଉଛି। ସେହିପରି ଅଳ୍ପ କିଛି ରୁଆ ବେଉଷଣ ହୋଇଥିବା ଜମି ଗୁଡିକରେ ମଧ୍ୟ ଧାନ ଗଛ ମରିବାକୁ ବସିଲାଣି ବୋଲି କଣ୍ଟୁପଡା ଗ୍ରାମ ପଞ୍ଚାୟତ କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ, କଣ୍ଟୁପଡା ଏବଂ କନ୍ତେଶିର ପଞ୍ଚାୟତରେ ଚଳିତ ବର୍ଷ ଭୟାନକ ମରୁଡି ଦେଖା ଦେଇଥିବା ନେଇ ଅଭିଯୋଗ ଦର୍ଶାଇ କଣ୍ଟୁପଡା ଗ୍ରାମ ପଞ୍ଚାୟତ କୃଷକ ସଂଗଠନ ପକ୍ଷରୁ କେସିଙ୍ଗା ବିଡ଼ିଓ ଓ ତହସିଲଦାରଙ୍କ ଠାରେ ଲିଖିତ ଅଭିଯୋଗ କରାଯାଇଛି। ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ସରକାରଙ୍କ ତରଫରୁ ଚାଷୀ ମାନଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ପଡିଆ ଜମି ମାନଙ୍କରେ କିପରି ଡାଲି ଜାତୀୟ ଫସଲ କରାଯାଇ ପାରିବ ସେନେଇ ବ୍ୟବସ୍ଥା କରାଯାଉ ବୋଲି କୃଷକ ସଂଗଠନ ପକ୍ଷରୁ ଦାବି କରାଯାଇଛି। କେସିଙ୍ଗା ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତିଙ୍କ ସମେତ କଣ୍ଟୁପଡା କୃଷକ ସଂଗଠନର ସଭାପତି କେଶବ ଭୋଇ, ସାଧାରଣ ସମ୍ପାଦକ ପର୍ଶୁରାମ ପାଢ଼ୀ, କୋଷାଧ୍ୟକ୍ଷ ନୀଳମାଧବ ସା ପ୍ରମୁଖ କେସିଙ୍ଗା ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଜନ୍ମେଜୟ ସ୍ୱାଇଁ ଏବଂ ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କ ସହିତ କଣ୍ଟୁପଡା ଓ କନ୍ତେଶିର ପଞ୍ଚାୟତ ଅଞ୍ଚଳର ମରୁଡି ବିଷୟରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।

# ବର୍ଷା ପାଇଁ ଇନ୍ଦ୍ର ପୂଜା



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ଜୋରାଡବରା ଠାରେ ବର୍ଷା ଅଭା ଯୋଗୁଁ ଗ୍ରାମବାସୀ ମାନେ ଇନ୍ଦ୍ର ପୂଜା କରିଥିବା ଦେଖିବାକୁ ମିଳିଛି। ଇନ୍ଦ୍ରଙ୍କୁ ପୂଜାର୍ଚ୍ଚନା କଲେ କାଳେ ବର୍ଷା ହେବାର ବିଶ୍ୱାସ ଥିବାରୁ ଜୋରାଡବରା ଗ୍ରାମବାସୀ ସୋମବାର ରାତିରେ ଦୁମପଟା ଠାରେ ମାଟି ମାଆର ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ଋଷି ମୁନୀ, ଦେବତା ମାନଙ୍କ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରି ଗାଁ ଧରଣୀ ପୀଠରେ ପହଁଚି ଇନ୍ଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ କର୍ତ୍ତା ଭାବେ ଗୋପାଳ ମାଝୀ ଓ ତାଙ୍କ ପତ୍ନୀ ମାନସୀ ମାଝୀ, ପୂଜକ ଡମ୍ବରୁଧର ତ୍ରିପାଠୀ ରହିଥିବା ବେଳେ ବିଭିନ୍ନ ବେଶରେ ସନ୍ତୋଷ ଭୋଇ ରବି ମଲ୍ଲିକ କାର୍ତ୍ତିକ ସାହୁ , ଅନିରୁଧ ସାହୁ, ପରମାନନ୍ଦ ବେହେରା ଅଭିନୟ କରିଥିଲେ। ଯୋରାଡବରା ଗ୍ରାମବାସୀ ବୃନ୍ଦ ଆୟୋଜନ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ୧୫ ଦିବ୍ୟାଙ୍ଗଙ୍କୁ ମିଳିଲା ପ୍ରମାଣପତ୍ର, ୧୨ଜଣଙ୍କୁ ବସ୍ ପାସ୍, ୧୨ଜଣଙ୍କୁ ଟ୍ରେନ୍ ପାସ୍ ପ୍ରଦାନ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ଏସ୍ଏସ୍ଏସ୍ଓ ଦିପକ କୁମାର ବେହେରା, କେଗାଁ ସମିତି ଲକ୍ଷ୍ମଣ ସାହୁ, ଅକ୍ଷମ ସଂଘ ସଂପାଦକ ଡୋଲାମଣି ପ୍ରଧାନ, ବରିଷ୍ଠ ସାମ୍ବାଦିକ ଦାମୋଦର ଦାସ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଜାତୀୟ ଦୃଷ୍ଟିହୀନ ସଂଘ ସଦସ୍ୟ ଚନ୍ଦ୍ର ଶେଖର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ମଞ୍ଚାସିନ ଅତିଥିମାନେ ଦୀପପ୍ରଜ୍ୱଳନ କରି କାର୍ଯ୍ୟକ୍ରମଟି ଶୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମଟି ବର୍ଷକୁ ଥରେ ହେଉଥିବା ବେଳେ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ମୁଖ୍ୟ ଭୂମିକା ଗ୍ରହଣ କରି ପ୍ରତିବର୍ଷ ହଜାର ହଜାର ଭିନ୍ନକ୍ଷମ ଚିହ୍ନଟ କରି ସରକାରୀ ସାହାଯ୍ୟ ଯୋଗାଇ ଦେଇଥିବା ମଞ୍ଚାସିନ ଅତିଥିମାନେ ପ୍ରକାଶ କରିଥିଲେ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହର ଦେଖା ଦେଇଛି। ଆଜିକାର ଏହି କାର୍ଯ୍ୟକ୍ରମରେ ଅନେକ ଡାକ୍ତର ଓ ବିଶେଷଜ୍ଞମାନେ ଉପସ୍ଥିତ ରହି ୫୪୭ ଜଣ ପଞ୍ଜିକରଣ କରିଥିଲେ। ଏଥିମଧ୍ୟରୁ ୨୨୪ ଜଣ ବିକଳାଙ୍ଗ ପ୍ରମାଣପତ୍ର ପାଇଁ ମନୋନୀତ ହୋଇଥିଲେ। ୧୫ ଜଣ ଦିବ୍ୟାଙ୍ଗଙ୍କୁ ଶିବିରରେ ପ୍ରମାଣ ପତ୍ର ପ୍ରଦାନ କରିଥିବା ବେଳେ ୪ ଜଣଙ୍କୁ ହ୍ୱିଲ ଚେୟାର, ୧୨ ଜଣଙ୍କୁ ବସ୍ ପାସ୍ ଓ ୧୨ ଜଣଙ୍କୁ ଟ୍ରେନ ପାସ୍ ପ୍ରଦାନ କରିଥିବା ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। ଏଥିରେ ଆମ ବ୍ଲକର ୨୮ ଗୋଟି ପଞ୍ଚାୟତରୁ ହଜାର ହଜାର ସଂଖ୍ୟାରେ ବିକଳାଙ୍ଗମାନେ ଉପସ୍ଥିତ ହୋଇଥିଲେ ।

# ବାଲି ଚୋରାଚାଲାଣ, ୪ ଟ୍ରାକ୍ଟର ଜବତ


କଳମପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା ଖଣି ବିଭାଗ ବେଆଇନ ବାଲି ଚୋରାଚାଲାଣ ଅଭିଯୋଗରେ କଳମପୁର ଅଞ୍ଚଳରୁ ୪ଟି ଟ୍ରାକ୍ଟର ଜବତ କରି ପୋଲିସ ଜିମା ଦେଇଛି। କଳମପୁର ଅଞ୍ଚଳ ଖଣି ଖାଦାନ ଲୁଟେରାଙ୍କ ଚରାଭୂଇଁ ପାଲଟିଛି। କାଁ ଭାଁ ଚଢ଼ଉ କରି ଜିଲ୍ଲା ଖଣି ବିଭାଗ କାମ ସାରିଦେଉଛି। ବିଭାଗରେ ମାନବ ସମ୍ବଳର ଅଭାବ ଯୋଗୁଁ ପର୍ଯ୍ୟାପ୍ତ ଚଢଉ କରାଯାଇ ପାରୁ ନ ଥିବା ସଫେଇ ଦେଇ ନିଜ ଉପରୁ ଦୋଷ ଛଡାଇ ଚାଲିଛି। ନଦୀ ଘାଟରୁ ଦୈନିକ ଶହ ଶହ ଟ୍ରିପ୍ ବାଲି ଚାଲାଣ ହେଉଛି। ରାଜସ୍ୱ ବିଭାଗର ସୂଚନା ଅନୁଯାୟୀ ଦେପୁର, କର୍ଣ୍ଣେଲ ଡଙ୍ଗରିଗୁଡ଼ା ସରକାରୀ କାଗଜ ପତ୍ରରେ ଚାଲୁଥିବା ବେଳେ ଅସଂଖ୍ୟ ଘାଟ ବିନା କାଗଜପତ୍ରରେ ଚାଲୁଛି। ଏହା ଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବାରେ ଲାଗିଛନ୍ତି। ମଣ୍ଡଳ, ଖଣ୍ଡି ଡଙ୍ଗରିଗୁଡା, ପାତ୍ରବସା ଘା ନେଇ ବିଭାଗ ପକ୍ଷରୁ ସବିଶେଷ ବିବରଣୀ ମିଳିପାରିନି। ବଙ୍କାପଲା, ତେନ୍ତୁଳିଖୁଣ୍ଟି, ପତୁଆଗୁଡା, ସାନକୁଟ୍ରୁ, ବିରିପୁର ଆଦି ଅନେକ ଘାଟରେ ବାଲି ଚୋରାଚାଲାଣ ହେବାରେ ଲାଗିଛି । କିଛି ଦିନ ତଳେ ଖଣି ବିଭାଗ ୨ଟି ହାଇୱା ଜବତ କରି ପୁଲିସ ଜିମା ଦେଇଥିଲା। ପୋଲିସ ୬ଟି ଟ୍ରାକ୍ଟର ମଧ୍ୟ ଜବତ କରିଥିଲା ।

# ରାଶିଫଳ

ଶୁକ୍ରବାର, ୧୫ ଅଗଷ୍ଟ ୨୦୨୫




**ମେଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି। ଖାଇବା ଏବଂ ପିଇବାରେ ବିଶେଷ ଧ୍ୟାନ ଦିଅନ୍ତୁ। ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ଅଧିକ। ସମ୍ଭବ ହେଲେ ସ୍ଥାନାନ୍ତରଣକୁ ଏଡାଇ ଦିଆଯାଇପାରେ।



**ବୃଷ:** ଆଜିର ଦିନରେ ଆପଣ ଥକ୍କା, ଅଳସୁଆ ଏବଂ ଚିନ୍ତା ଅନୁଭବ କରିବେ। ଆଜି ଆପଣ ଉତ୍ସାହିତ ଅନୁଭବ କରିବେ ନାହିଁ। ଆପଣ କଥାରେ କଥାରେ କ୍ରୋଧିତ ହେବେ। ଆପଣଙ୍କର ଚାକିରି, ବ୍ୟବସାୟ, ଯାଗା କିମ୍ବା ଘର ଉପରେ ସମସ୍ୟା ସୃଷ୍ଟି ହୋଇପାରେ। ହେଲେ ଯତ୍ନ ନିଅନ୍ତୁ ସୁଧାର ଆସିପାରେ।



**ମିଥୁନ:** ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ବିତାଇବେ। ଆବଶ୍ୟକ ଅନୁସାରେ କମ ଖର୍ଚ୍ଚ ହେବ। ଆର୍ଥିକ ଲାଭ ପାଇଁ ତଥାପି ଏକ ଭଲ ଦିନ। ଆଜି କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ କାର୍ଯ୍ୟାଳୟରେ ପରିବେଶ ଅନୁକୂଳ ହେବ।



**କର୍କଟ:** ଆଜିର ଦିନ ଆପଣ ମନୋରଞ୍ଜନ ଏବଂ ଉପଭୋଗରେ ବ୍ୟସ୍ତ ରହିବେ। ଆପଣ ବନ୍ଧୁ ଏବଂ ପରିବାର ସହିତ ଏକ ସୁଖମୟ ପରିବେଶରେ ଦିନ ବିତାଇବାକୁ ସମର୍ଥ ହେବେ। ଆପଣ ମଧ୍ୟ ସାମାଜିକ ଭାବରେ ସମ୍ମାନ ଏବଂ ଖ୍ୟାତି ପାଇବାକୁ ସମର୍ଥ ହେବେ। ଦାମ୍ପତ୍ୟ ଜୀବନରେ ସୁଖ ମିଳିବ।



**ସିଂହ:** ଆଜିର ଦିନ ଆପଣଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ। ସୃଜନଶୀଳତା ପୁରା ଫୁଲରେ ଫୁଲିବ। ସନ୍ତାନଙ୍କ ପକ୍ଷରୁ ଏକ ଖୁସି ଖବର ଆସିପାରେ। ସାଙ୍ଗମାନଙ୍କ ସହିତ ଭେଟ ଉପଭୋଗ ହେବ। ଆଜି ଧାର୍ମିକ ଦାନର କାର୍ଯ୍ୟ କରିବେ।




**କନ୍ୟା:** ଆଜି ସମୟ ଅନୁକୂଳ ନୁହେଁ। ଆପଣ ଅନେକ ଜିନିଷ ବିଷୟରେ ଚିନ୍ତିତ ହେବେ, ଯେଉଁ କାରଣରୁ ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରିବେ। ପରିବାର ସଦସ୍ୟଙ୍କ ସହ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ଖରାପ ହେବ। ଯେକୌଣସି ଡକ୍ୟୁମେଣ୍ଟରେ ଦସ୍ତଖତ କରିବାରେ ଯତ୍ନବାନ ହୁଅନ୍ତୁ।



**ତୁଳା:** ଆଜି ଆପଣଙ୍କ ପାଇଁ ଏକ ମଧ୍ୟମ ଫଳପ୍ରଦ ଦିନ। ଅନାବଶ୍ୟକ ଖର୍ଚ୍ଚ ଉପରେ ଯାଞ୍ଚ କରନ୍ତୁ। ବକ୍ତବ୍ୟରେ ସଂଯମତା ରଖି ଆପଣ ପରିବାରରେ ଶାନ୍ତି ଏବଂ ସୁଖ ସୃଷ୍ଟି କରିବାରେ ସମର୍ଥ ହେବେ। ଚିନ୍ତାଧାରା ଉପରେ ନକାରାତ୍ମକତା ପ୍ରାଧାନ୍ୟ ଦେବ, ଯାହା ଦୂର ହେବ।




**ବିଛା:** ଆଜି ଭାଗ୍ୟବାନ ହେବାକୁ ଯାଉଛନ୍ତି। ଭାଇଭଉଣୀଙ୍କ ସହିତ ସମ୍ପର୍କ ଭଲ ରହିବ। ଏକ ଧାର୍ମିକ ରହଣି ସଂଗଠିତ ହୋଇପାରିବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ଶୁଭ ଦିନ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ। ଆପଣ ବିଦେଶରୁ ଭଲ ଖବର ପାଇବେ। ଶତ୍ରୁଙ୍କୁ ପରାସ୍ତ କରାଯାଇପାରେ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ।




**ଧନୁ:** ଆଜି ମନ ଅସୁସ୍ଥ ରହିବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ। ପରିବାର ଏବଂ ସାଙ୍ଗମାନଙ୍କ ସହିତ ପାର୍ଥକ୍ୟ ରହିବ। ବଦନାମ ହେବାର ଯୋଗ ଅଛି। ଆଜି ଆପଣଙ୍କର ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହ ରହିବ। କୋର୍ଟ କାର୍ଯ୍ୟରେ ବିଫଳତା ଦେଖିବାକୁ ମିଳିବ। ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ।



**ମକର:** ଏହି ଦିନ ଧାର୍ଯ୍ୟ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଲକ୍ଷ୍ମୀଙ୍କ ଆଶୀର୍ବାଦ ରହିବ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଆପଣଙ୍କୁ ଖୁସି ରଖିବ। ଏକ ଯାତ୍ରା ଗନ୍ତବ୍ୟସ୍ଥଳକୁ ସ୍ଥାନାନ୍ତରଣର ସମ୍ଭାବନା ଅଛି। ସମ୍ପର୍କୀୟଙ୍କୁ ଭେଟିବା ପରେ ମନ ଖୁସି ହେବ। ନିକଟସ୍ଥ ପ୍ରିୟଜନମାନେ ସେଠାରେ ଶୁଭ ପ୍ରସଙ୍ଗରେ ଉପସ୍ଥିତ ରହିବେ। ଯଶ-କିର୍ତ୍ତୀ ବୃଦ୍ଧି ପାଇବ।



**କୁମ୍ଭ:** ଆଜିର ଦିନଟି ଶୁଭ ଅଟେ। ଚାକିରି କିମ୍ବା ବ୍ୟବସାୟରେ ଆପଣ ସଫଳତା ପାଇବେ ଏବଂ ଉଚ୍ଚ ଅଧିକାରୀମାନେ ଆପଣଙ୍କ ଉପରେ ଖୁସି ହେବେ। ଏହା ସହିତ ଆପଣଙ୍କର ଖୁସି ମଧ୍ୟ ବୃଦ୍ଧି ପାଇବ। ଆପଣ ବ୍ୟବସାୟରେ ଫସି ରହିଥିବା ଟଙ୍କା ପାଇପାରିବେ। ବୟସ୍କ ଏବଂ ପିତାଙ୍କ ଦ୍ୱାରା ଲାଭ ହେବ। ପାରିବାରିକ ସୁଖରେ ଆପଣ ଖୁସି ହେବ।



**ମୀନ:** ଆଜି ଉପଲବ୍ଧ ଲାଭ ଦ୍ୱାରା ଆପଣଙ୍କ ଉପଭୋଗ ଦ୍ୱିଗୁଣିତ ହେବ। ନୂତନ କାର୍ଯ୍ୟ ଆୟୋଜନ ପାଇଁ କାର୍ଯ୍ୟ ଆରମ୍ଭ ଶୁଭ ହେବ। ବାଣିଜ୍ୟରେ ବ୍ୟବସାୟୀମାନେ ବିଶେଷ ସୁବିଧା ପାଇବେ। ଆପଣ ସାମାଜିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବେ। ସନ୍ତାନମାନଙ୍କ ସହିତ ଯୋଗାଯୋଗ କରିବା ଭଲ ହେବ। ଆୟ ବୃଦ୍ଧି ପାଇବ। ସ୍ଥାନାନ୍ତରଣ ହେବ।



ସଙ୍କଳନ ସୂତ୍ର


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯